RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -270 ସଂଖ୍ୟା-୨୭୦
ଭୁବନେଶ୍ୱର, ଶନିବାର ୧୦ ଜାନୁଆରୀ ୨୦୨୬
Bhubaneswar, Saturday 10 January, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ଭାରତୀୟ ଏଆଇ ଷ୍ଟାର୍ଟଅପମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବୈଠକ

ନୂଆଦିଲ୍ଲୀ,୯।୧(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ୭, ଲୋକ କଲ୍ୟାଣ ମାର୍ଗସ୍ଥିତ ବାସଭବନରେ ଭାରତୀୟ ଏଆଇ ଷ୍ଟାର୍ଟ-ଅପ୍‌ମାନଙ୍କ ସହିତ ଗୋଲଟେବୁଲ ଆଲୋଚନାରେ ଅଧ୍ୟକ୍ଷତା କରିଛନ୍ତି। ଆସନ୍ତା ମାସରେ ଭାରତରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ ଅନୁଷ୍ଠିତ ହେଉଛି । ତା ପୂର୍ବରୁ ଏହି ସମ୍ମିଳନୀର ଏକ ଅଂଶ 'ସମସ୍ତଙ୍କ ପାଇଁ ଏଆଇ: ଗ୍ଲୋବାଲ୍ ଇମ୍ପାକ୍ଟ ଆହ୍ୱାନ' ପାଇଁ ମନୋନୀତ ୧୨ ଜଣ ଭାରତୀୟ ଏଆଇ ଷ୍ଟାର୍ଟଅପ୍ ଏହି ଗୋଲଟେବୁଲ ବୈଠକରେ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କର ଚିନ୍ତାଧାରା ଏବଂ କାର୍ଯ୍ୟ ସଂପର୍କରେ ଉପସ୍ଥାପନ ଦେଇଥିଲେ।



ଏହି ଷ୍ଟାର୍ଟଅପ ଗୁଡ଼ିକ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି, ଯେପରିକି ଭାରତୀୟ ଭାଷା ଫାଉଣ୍ଡେସନ୍ ମଡେଲ୍, ବହୁଭାଷୀ ଏଆଇ, ଭାଷଣ-ରୁ-ପାଠ୍ୟ, ପାଠ୍ୟରୁ ଅଡିଓ ଏବଂ ପାଠ୍ୟରୁ ଭିଡିଓ; ଇ-କମର୍ସ, ମାର୍କେଟିଂ ଏବଂ ପର୍ସନାଲାଇଜ୍ଡ କଣ୍ଟେଣ୍ଟ ସୃଷ୍ଟି ପାଇଁ ଜେନେରେଟିଭ୍ ଏଆଇ ବ୍ୟବହାର କରି ଥ୍ରୀଡି କଣ୍ଟେଣ୍ଟ; ବିଭିନ୍ନ ଶିଳ୍ପରେ ଡାଟା ପରିଚାଳିତ ନିଷ୍ପତ୍ତି ଗ୍ରହଣ ଲାଗି ଇଞ୍ଜିନିୟରିଂ ସିମୁଲେସନ୍, ମ୍ୟାଟେରିଆଲ ରିସର୍ଚ୍ଚ ଏବଂ ଆଡଭାନ୍ସଡ୍ ଆନାଲିଟିକ୍ସ, ସ୍ୱାସ୍ଥ୍ୟସେବା ନିଦାନ ଏବଂ ଚିକିତ୍ସା ଗବେଷଣା, ଇତ୍ୟାଦି ।

ଏହି ବୈଠକ ଅବସରରେ ଏଆଇ ଷ୍ଟାର୍ଟଅପ ଗୁଡ଼ିକ ଭାରତରେ କୃତ୍ରିମ ବୁଦ୍ଧିମତ୍ତା ଇକୋସିଷ୍ଟମକୁ ଆଗକୁ ବଢ଼ାଇବା ପାଇଁ ଭାରତର ଦୃଢ଼ ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ। ଏଆଇ କ୍ଷେତ୍ରର ଦ୍ରୁତ ଅଭିବୃଦ୍ଧି ଏବଂ ବିଶାଳ ଭବିଷ୍ୟତ ସମ୍ଭାବନା ଉପରେ ଆଲୋକପାତ କରି ସେମାନେ କହିଥିଲେ ଯେ ବିଶ୍ୱରେ ଏଆଇ ନବସୃଜନ ଏବଂ ନିୟୋଜନର କେନ୍ଦ୍ର ଧୀର ଧୀରେ ଭାରତ ଆଡକୁ ସ୍ଥାନାନ୍ତରୀତ ହେଉଛି । ଷ୍ଟାର୍ଟଅପ୍ ପ୍ରତିନିଧିମାନେ କହିଥିଲେ ଯେ, ଭାରତ ଏବେ ଏଆଇ ବିକାଶ ପାଇଁ ଏକ ଦୃଢ଼ ଏବଂ ଅନୁକୂଳ ପରିବେଶ ପ୍ରଦାନ କରୁଛି, ଯାହା ଦେଶକୁ ବିଶ୍ୱ ଏଆଇ ମାନଚିତ୍ରରେ ଦୃଢ଼ ଭାବରେ ପ୍ରତିଷ୍ଠା କରୁଛି।

ବୈଠକ ସମୟରେ, ପ୍ରଧାନମନ୍ତ୍ରୀ ସମାଜକୁ ପରିବର୍ତ୍ତନ କରିବାରେ କୃତ୍ରିମ ବୁଦ୍ଧିମତ୍ତାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଭାରତ ଆସନ୍ତା ମାସରେ ଇଣ୍ଡିଆ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀ ଆୟୋଜନ କରିବ, ଯାହା ମାଧ୍ୟମରେ ଦେଶ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି। ସେ ଗୁରୁତ୍ୱାରୋପ କରିଥିଲେ ଯେ ଭାରତ କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରି ରୂପାନ୍ତରଣ ଆଣିବା ପାଇଁ ନିରନ୍ତର ପ୍ରୟାସ କରୁଛି।ଷ୍ଟାର୍ଟଅପ୍ ଏବଂ ଏଆଇ ଉଦ୍ୟୋଗୀମାନଙ୍କୁ ଭାରତର ଭବିଷ୍ୟତର ସହ-ନିର୍ମାତା ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିବା ସହ କହିଥିଲେ ଯେ ଦେଶରେ ନବସୃଜନ ଏବଂ ସେଗୁଡ଼ିକର ବଡ଼ ଧରଣର କାର୍ଯ୍ୟାନ୍ୱୟନ ପାଇଁ ଅପାର ସମ୍ଭାବନା ରହିଛି। ସେ ଆହୁରି କହିଥିଲେ ଯେ ଭାରତ ବିଶ୍ୱ ସମ୍ମୁଖରେ ଏକ ଅନନ୍ୟ ଏଆଇ ମଡେଲ୍ ଉପସ୍ଥାପନ କରିବା ଉଚିତ ଯାହାକି 'ମେଡ୍ ଇନ୍ ଇଣ୍ଡିଆ, ମେଡ୍ ଫର୍ ଦି ୱାର୍ଲ୍ଡ' ଆତ୍ମାକୁ ପ୍ରତିଫଳିତ କରୁଥିବ। ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଭାରତ ଉପରେ ବିଶ୍ୱର ବିଶ୍ୱାସ ହେଉଛି ଆମର ସବୁଠାରୁ ବଡ଼ ଶକ୍ତି।

# ଖୁବଶୀଘ୍ର ଲାଗୁ ହେବ ପିଏମ୍-ରାହତ ଯୋଜନା

ନୂଆଦିଲ୍ଲୀ,୯।୧(ନି.ପ୍ର.): ସଡ଼କ, ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଘୋଷଣା କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଖୁବ୍ ଶୀଘ୍ର ସଡ଼କ ଦୁର୍ଘଟଣାର ଶିକାର ହୋଇଥିବା ଲୋକଙ୍କ ପାଇଁ ଏକ ନଗଦହୀନ ଚିକିତ୍ସା ଯୋଜନା ଆରମ୍ଭ କରିବେ। ମନ୍ତ୍ରୀ କହିଛନ୍ତି ଯେ ଏହି ଯୋଜନା ଅଧୀନରେ, ସଡ଼କ ଦୁର୍ଘଟଣା ପୀଡିତମାନେ ଅତି କମରେ ସାତ ଦିନ ପାଇଁ ଏକ ଲକ୍ଷ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ନଗଦହୀନ ଚିକିତ୍ସା ପାଇବାକୁ ହକଦାର ହେବେ।

ଶ୍ରୀ ଗଡକରୀ କହିଛନ୍ତି ଯେ କୌଣସି ରାସ୍ତାରେ ଦୁର୍ଘଟଣା ଘଟିଲେ, ପୀଡିତଙ୍କୁ ଡାକ୍ତରଖାନା ପହଞ୍ଚାଇବାରେ ସାହାଯ୍ୟ କରୁଥିବା ଭଲ ଭଲ୍ୟୁଣ୍ଟରଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ଦିଆଯିବ। ତେବେ ପିଏମ୍-ରାହତ ଯୋଜନାରେ ଏହି ସୁବିଧା ମିଳୁଥିବାବେଳେ ଖୁବ୍‌ଶୀଘ୍ର ଓଡିଶାରେ ଏହା ଲାଗୁ କରିବାକୁ ରାଜ୍ୟ ସରକାର ପୂରା ପ୍ରସ୍ତୁତ ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ନୂଆଦିଲ୍ଲୀରେ ଅନୁଷ୍ଠିତ ପରିବହନ ବିକାଶ ପରିଷଦ ବେଠକରେ ଜଣାଇଛନ୍ତି। ଏହି ବେଠକରେ ପରିବହନ କମିସନର ଅମିତାଭ ଠାକୁର ଯୋଗଦେଇଥିଲେ। ଅନ୍ୟ ରାଜ୍ୟର ପରିବହନ ମନ୍ତ୍ରୀ ଓ ସଚିବମାନେ ମଧ୍ୟ ବେଠକରେ ଯୋଗଦେଇଥିଲେ। ସଡ଼କ ପରିବହନ ମନ୍ତ୍ରଣାଳୟ ମଧ୍ୟ ଓଡ଼ିଶାର ପ୍ରମୁଖ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଯଥା- ସୁବାହକ, ଆମ ସୁବାହକ, ସୁବାହକ ସୁବିଧା, ରକ୍ଷକ ଓ ଜୁନିଅର ରକ୍ଷକକୁ ପ୍ରଶଂସା କରିଛନ୍ତି।


LALIKA RESTAURANT
INDIAN, CHINESE, ODIA THALI, TANDOORI
RAVI TALKIES HALL CAMPUS, OLD TOWN, BHUBANESWAR
MO- 9861602125


# ଦୁର୍ଘଟଣାରେ ୩ ମୃତ

ଖୋର୍ଦ୍ଧା,୯।୨(ନି.ପ୍ର.): ଜିଲ୍ଲାର ଦୁଇଟି ସ୍ଥାନରେ ଭିନ୍ନ ଭିନ୍ନ ସଡ଼କ ଦୁର୍ଘଟଣାରେ ୩ ଜଣଙ୍କର ମୃତ୍ୟୁ ହୋଇଛି । ଖୋର୍ଦ୍ଧା ସଦର ଥାନା ୧୬ ନମ୍ବର ଦଧିମାଛଗାଡିଆ ଛକ ନିକଟରେ ଅଜଣା ଗାଡି ଧକ୍କାରେ ଦୁଇ ଜଣ ସାଙ୍ଗର ମୃତ୍ୟୁ ହୋଇଛି । ମୃତ ଯୁବକ ଦୁଇ ଜଣ ହେଲେ ବାଣପୁର ଅଞ୍ଚଳର ବିକାଶ ବରାଳ ଏବଂ ଶୁଭ୍ରାଂଶୁ ସୁନ୍ଦରାୟ ।

ଏହି ଦୁଇ ସାଙ୍ଗ ଭୁବନେଶ୍ୱରରେ ଏକ ପରୀକ୍ଷା ଦେବାକୁ ଆସୁଥିଲେ । ବାଣପୁର ସାନହଣ୍ଡୁଆଡରୁ ଭୁବନେଶ୍ୱରକୁ ଏକ ବାଇକରେ ଯାଉଥିଲେ। ପରୀକ୍ଷା ସକାଳ ୯ଟା ବେଳେ ଦେବାର ଥିଲା । ଭୋର ପ୍ରାୟ ୪ଟାରେ ଘରୁ ବାହାରିଥିଲେ । ଭୋର ୫ଟା ସମୟରେ ସଦରଥାନା ୧୬ ନମ୍ବର ଦଧିମାଛଗାଡିଆ ଛକ ନିକଟରେ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ହିଁ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା । ସେହିପରି ଜଟଣୀରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଛୁଆ ଆଖି ଆଗରେ ମାଆର ଜୀବନ ଚାଲିଯାଇଛି । ମାଆ ଏବଂ ପୁଅ ଗୋଟିଏ ସ୍କୁଟିରେ ଯାଉଥିବାବେଳେ ଏନ୍‌ଏଚ୍ ୧୬ରେ ଇନଫୋସିଭ୍ୟାଲି ଥାନା ଗଙ୍ଗପଡ଼ାରେ ନିକଟରେ ଗାଡ଼ିରୁ ପଡ଼ିଯାଇଥିଲେ । ଏହି ସମୟରେ ସେହି ରାସ୍ତା ଦେଇ ଯାଉଥିବା ଏକ ହାଇୱା ପଛପଟୁ ଆସି ଚଢ଼ିଯିବାରୁ ଘଟଣାସ୍ଥଳରେ ମହିଳାଙ୍କର ମୃତ୍ୟୁ ହୋଇଛି । ପୁଅକୁ ଗୁରୁତର ଅବସ୍ଥାରେ ଏମ୍ସରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

# ଦୀର୍ଘସ୍ଥାୟୀ ବିକାଶ ଓ ଅର୍ଥନୈତିକ ଉନ୍ନତି ପାଇଁ ଦକ୍ଷତା ଜରୁରୀ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୧(ନି.ପ୍ର.): ରାଜ୍ୟର ଦୀର୍ଘସ୍ଥାୟୀ ବିକାଶ ପାଇଁ ଏବଂ ଅର୍ଥନୈତିକ ଉନ୍ନତି ପାଇଁ ଦକ୍ଷତା ଜରୁରୀ ଆବଶ୍ୟକ । ଆମର ମୂଳଲକ୍ଷ୍ୟ ହେଉଛି ଲୋକଙ୍କୁ ସଶକ୍ତ କରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଆମର ଯୁବବର୍ଗ ଯେତେ ପରିମାଣରେ ଦକ୍ଷ ହେବେ, ଆତ୍ମବିଶ୍ୱାସୀ ହେବେ, ସେମାନେ ନିଜର ଭବିଷ୍ୟତକୁ ଉଜ୍ଜ୍ୱଳ କରି ଗଢି ପାରିବେ । ଯାହା ୨୦୩୬ ସମୃଦ୍ଧ ଓଡିଶା ଏବଂ ୨୦୪୭ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିପାରିବ । ଯୁବବର୍ଗଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେଲେ, ଓଡିଶାର ଭବିଷ୍ୟତ ମଧ୍ୟ ଉଜ୍ଜ୍ୱଳ ହେବ। ଶୁକ୍ରବାର ଓଡ଼ିଶା ଦକ୍ଷତା ପ୍ରତିଯୋଗିତା ୨୦୨୫-୨୬ର ଉଦଯାପନୀ ସମାରୋହରେ ଯୋଗ ଦେଇ ଦକ୍ଷ ଓ ଯୁବ କୁଶଳୀ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଏପରି କହିଛନ୍ତି ମୁଖ୍ୟମନ୍ତ୍ରୀ ।



ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଓଡିଶାରେ ଏବେ ବ୍ୟାପକ ଶିଳ୍ପାୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ନିଜକୁ କୌଣସି କ୍ଷେତ୍ରରେ ଦକ୍ଷ କରାନ୍ତୁ, ଓଡିଶାରେ ହିଁ ନିଯୁକ୍ତି ମିଳିବ କାରଣ ଦକ୍ଷତା କ୍ଷେତ୍ରର ସମସ୍ତ ସ୍ତରରେ ଉତ୍କର୍ଷତା ହାସଲ କରିବା ହେଉଛି ଆମର ଲକ୍ଷ୍ୟ । ଆମର ଶିଳ୍ପାୟନ ଲକ୍ଷ୍ୟର ତିନୋଟି ମୁଖ୍ୟ ସ୍ତମ୍ଭ ହେଉଛି- ଭିତ୍ତିଭୂମି, ଶିଳ୍ପ ସ୍ଥାପନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ଏବଂ ଦକ୍ଷତା । ଏ ସବୁ କ୍ଷେତ୍ରକୁ ସୁଦୃଢ କରି ଓଡିଶାର ଇଣ୍ଡଷ୍ଟ୍ରିଆଲ୍ ଇକୋ-ସିଷ୍ଟମକୁ ଶ୍ରେଷ୍ଠ କରିବା ପାଇଁ ଉଦ୍ୟମ ଜାରି ରହିଛି । ଗତ ୧୮ ମାସ ମଧ୍ୟରେ ୬.୧୫ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦିଆଯାଇଛି । ଯାହା ଦ୍ୱାରା ୩ ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିବ ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି କରିବା ପାଇଁ ସରକାର ଉଦ୍ୟମ କରୁଛନ୍ତି। କ୍ୟାବିନେଟରେ ଉତ୍କର୍ଷ ଆଇଟିଆଇ ସ୍କିମକୁ ଅନୁମୋଦନ କରାଯାଇଛି । ରାଜ୍ୟର ୪୭ ଟି ଆଇଟିଆଇକୁ ସେଣ୍ଟର ଅଫ୍ ଏକସେଲନ୍‌ସରେ ପରିଣତ କରିବା ସହିତ ଏଠାରେ ଭିତ୍ତିଭୂମିରେ ଉନ୍ନତି ଏବଂ ଅତ୍ୟାଧୁନିକ ସ୍କିଲ ମାଧ୍ୟମରେ ଟ୍ରେନିଂ ଦିଆଯାଇ ପାରିବ ବୋଲି ସେ କହିଥିଲେ । ସେହିପରି କୃତିମ ବୁଦ୍ଧିମତ୍ତା କ୍ଷେତ୍ରରେ ଦକ୍ଷତା ହାସଲ ପାଇଁ ରାଜ୍ୟର ୯ଟି ଆଇଟିଆଇ ଏଆଇ ଲାବୋରେଟୋରୀ ଖୋଲାଯାଉଛି ।

ଏହି ଦକ୍ଷତା ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୫୪ ଜଣଙ୍କୁ ସ୍ୱର୍ଣ୍ଣ, ୫୩ ଜଣଙ୍କୁ ରୌପ୍ୟ ଏବଂ ୫୦ ଜଣଙ୍କୁ ବ୍ରୋଞ୍ଜ ପଦକ ଦେଇ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ । ସ୍ୱର୍ଣ୍ଣ ବିଜେତାମାନଙ୍କୁ ୨୫ ହଜାର, ରୌପ୍ୟ ବିଜେତାଙ୍କୁ ୨୦ ହଜାର ଏବଂ ବ୍ରୋଞ୍ଜ ବିଜେତାଙ୍କୁ ୧୫ ହଜାର ଟଙ୍କା ଅର୍ଥ ରାଶି ଓ ମାନପତ୍ର ପ୍ରଦାନ କରାଯାଇଛି । ଏହି ସମାରୋହରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ, ଓଡିଶା ଦକ୍ଷତା ପ୍ରତିଯୋଗିତା କେବଳ ଏକ ପ୍ରତିଯୋଗିତା ନୁହେଁ ବରଂ ନୂତନ ଓଡିଶାର ସାମୂହିକ ଆକାଂକ୍ଷାକୁ ପ୍ରଦର୍ଶନ କରୁଛି। ଏହା ପ୍ରତିଭା ଚିହ୍ନଟ, ଉତ୍କର୍ଷତାକୁ ପ୍ରୋତ୍ସାହନ ଏବଂ ବୃହତ୍ ଜାତୀୟ ଓ ଅନ୍ତର୍ଜାତୀୟ ସୁଯୋଗ ଦେଇପାରିଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂହ, ବିଭାଗୀୟ କମିଶନର ଭୂପେନ୍ଦ୍ର ସିଂ ପୁନିଆ ପ୍ରମୁଖ ଉପସ୍ଥିତ ଥିଲେ।


ଶୁଭ ମକର ସଂକ୍ରାନ୍ତି
MOBILINQ
POWERING YOUR DIGITAL LIFESTYLE
SAMSUNG iPhone
OPPO vivo mi xiaomi
-: Address :-
Plot No- 333, 1st Floor,
Sree Aurobindo Market Complex,
C.S. Pur, Bhubaneswar-16
mail: mobilinq@gmail.com
M-+91 8908016006


# ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର୯।୧(ନି.ପ୍ର.): ଗଞ୍ଜାମ ଜିଲା ଦିଗପହଣ୍ଡି ଜରଡାରେ ମର୍ମନ୍ତୁଦ ଦୁର୍ଘଟଣାରେ ୨ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁଇ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଏହି ୪ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇ ମୁଖ୍ୟମନ୍ତ୍ରୀ ଆର୍ଥିକ ସହାୟତା ଘୋଷଣା କରିଛନ୍ତି।



# ଇଡି ରେଡ୍ ବିପକ୍ଷରେ ରାସ୍ତାକୁ ଓହ୍ଲାଇଲେ ମମତା

କୋଲକାତା,୯।୧(ନି.ପ୍ର.): କେନ୍ଦ୍ର ଓ ପଶ୍ଚିମବଙ୍ଗର ମମତା ବାନାର୍ଜୀ ସରକାର ମଧ୍ୟରେ ଇଡି ରେଡ୍ ପରେ ରାଜନୈତିକ ସଂଗ୍ରାମ ଆରମ୍ଭ ହୋଇଛି । ଗୁରୁବାର ଇଡି କୋଇଲା ଘୋଟାଲା ଓ ହାୱାଲା ରାକେଟ୍ ମାମଲାରେ ଚଢ଼ାଉ କରିଥିଲା । ଏହି ମାମଲାର ତଦନ୍ତ ଆଇପିଏସି ପର୍ଯ୍ୟନ୍ତ ପହଞ୍ଚିଥିଲା । ଆଇପିଏସିର ଦୁଇଟି ଠିକଣାରେ ରେଡ୍ ହେବାରୁ ଖୋଦ ମମତା ବାନାର୍ଜୀ ଘଟଣାସ୍ଥଳରେ ପହଞ୍ଚି ଯାଇଛନ୍ତି । ମମତା ବାନାର୍ଜୀ ସରକାର ଆଇପିଏସି ନିର୍ବାଚନରେ କନସଲଟେନ୍ସିର ଦାୟିତ୍ୱ ଦେଇଛି । ଅନ୍ୟପଟେ ମମତା ବାନାର୍ଜୀ ପୂରା ଫୋର୍ସ ନେଇ ତଦନ୍ତସ୍ଥଳରେ ପହଞ୍ଚିବା ନେଇ ଘୋର ଆପତ୍ତି ପ୍ରକାଶ କରିଥିଲା ଇଡି । ଇଡି ଅଭିଯୋଗ କରିଛି ଯେ, ଦୁଇଟି ସ୍ଥାନରୁ ମମତା ବାନାର୍ଜୀ ଖୋଦ୍ କିଛି ଫାଇଲ୍ ଓ ଇଲେକ୍‌ଟ୍ରୋନିକ୍ସ ଡିଭାଇସ୍ ନେଇକି ଯାଇଥିଲେ, ଯେଉଁଥିରେ ଜରୁରୀ ପ୍ରମାଣ ଥିଲା । ଏହା ମଧ୍ୟରେ ମମତା ବାନାର୍ଜୀ କୋଲକାତାରେ ଖୋଦ୍ ରାଲି ବାହାର କରିଛନ୍ତି । ମୁଖ୍ୟମନ୍ତ୍ରୀ ନିଜେ ପ୍ରଦର୍ଶନକାରୀଙ୍କ ନେତୃତ୍ୱ କରି ସଡକକୁ ଓହ୍ଲାଇଛନ୍ତି ଏବଂ ବିଜେପି ସରକାର ଉପରେ ନିର୍ଯାତନାର ଅଭିଯୋଗ କରିଛନ୍ତି ।

# ସମ୍ବଲପୁର ବିକାଶମୂଳକ ପ୍ରକଳ୍ପର ହିସାବ ଦେଲେ ଧର୍ମେନ୍ଦ୍ର

ସମ୍ବଲପୁର,୯।୧(ନି.ପ୍ର.): ସମ୍ବଲପୁରର ଆର୍ଥିକ ଅଭିବୃଦ୍ଧି ସହ ଲୋକଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବା ଆମର ସଂକଳ୍ପ ବୋଲି 'ସମ୍ବଲପୁର ଲୋକ ମହୋତ୍ସବ - ୨୦୨୬' ଅବସରରେ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ସମ୍ବଲପୁରର ସମୃଦ୍ଧ ସାହିତ୍ୟ, ସ୍ୱତନ୍ତ୍ର ସଂସ୍କୃତି ଏବଂ ଲୋକକଳାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ସମ୍ବଲପୁରର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟର 'ଡବଲ ଇଞ୍ଜିନ' ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ବୃହତ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେବା ସହ ଏହାକୁ ଏକ ଆଧୁନିକ ଓ ବିକଶିତ ସହରରେ ପରିଣତ କରିବା ପାଇଁ ସଂକଳ୍ପ ଦୋହରାଇଛନ୍ତି । ସମ୍ବଲପୁରର ସଂସ୍କୃତିକୁ 'ମାଟିର ସଂସ୍କୃତି' ଭାବେ ଅଭିହିତ କରି ସେ କହିଛନ୍ତି ଯେ, ସମୃଦ୍ଧ ସାହିତ୍ୟ ଓ ସ୍ୱତନ୍ତ୍ର ସଂସ୍କୃତିର ସଫଳ ସମାହାର ହେଉଛି ସ୍ୱର୍ଣ୍ଣଗର୍ଭା ସମ୍ବଲପୁର । ଏଠାକାର ତିହାର୍, ପରବ ଏବଂ ଲୋକକଳା କେବଳ ମନୋରଞ୍ଜନ ନୁହେଁ, ବରଂ ଆମର ପରିଚୟ । ଏହି ପରିଚୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ 'ସମ୍ବଲପୁର ଲୋକ ମହୋତ୍ସବ' ଏକ ସୁନ୍ଦର ପ୍ରୟାସ । ଏହି ମହୋତ୍ସବ ସାମାଜିକ ସଂହତିର ପ୍ରତୀକ । ଜାତି, ଧର୍ମ, ବର୍ଣ୍ଣ - ନିର୍ବିଶେଷରେ ସମସ୍ତେ ମିଳିମିଶି ଆନନ୍ଦ ଉଲ୍ଲାସର ସହ ପର୍ବକୁ ପାଳନ କରିବାର ଅବସର । ବିଶେଷ କରି ମହୋତ୍ସବ ସମୟରେ 'ୟୁଥ୍ ଫେଷ୍ଟିଭାଲ୍'ର ଆୟୋଜନ ଯୁବପିଢ଼ିଙ୍କୁ ନିଜର ଭାଷା ଓ ମୂଲ୍ୟବୋଧ ସହ ଯୋଡ଼ିବାରେ ସହାୟକ ହେବ, ଯାହା ଜାତୀୟ ଶିକ୍ଷା ନୀତି-୨୦୨୦ର ମୂଳ ଲକ୍ଷ୍ୟ । ଯେତେବେଳେ ସମ୍ବଲପୁରର ଯୁବ ପ୍ରତିଭାମାନେ 'ରଙ୍ଗବତୀ' ଓ 'ଡାଲଖାଇ' ଭଳି କଳା ପ୍ରଦର୍ଶନ କରନ୍ତି, ସେତେବେଳେ ଆମର ସଂସ୍କୃତି ସୁରକ୍ଷିତ ହାତରେ ଅଛି ବୋଲି ଅନୁଭବ ହୁଏ ।

ସମ୍ବଲପୁରକୁ ଏକ ଆଧୁନିକ ଓ ବିକଶିତ ସହରରେ ପରିଣତ କରିବା ପାଇଁ ଡବଲ ଇଞ୍ଜିନ ସରକାର ଅନେକ ବୃହତ ପ୍ରକଳ୍ପ ଉପରେ କାର୍ଯ୍ୟ କରୁଥିବା ନେଇ ମନ୍ତ୍ରୀ ସୂଚନା ଦେଇଛନ୍ତି । ବୁର୍ଲା ଭିମସାରର ନବକଳେବର ପାଇଁ ୨୪୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି । ସେହିପରି ସହରର ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ୧୪୩୭ କୋଟି ଟଙ୍କାର ରିଙ୍ଗ ରୋଡ୍ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ। ଏହା ସହିତ ଅଯୋଧ୍ୟା ସାଗର ପୁନରୁଦ୍ଧାର ପାଇଁ ୬୦୦ କୋଟି, ମହାନଦୀ ରିଭର ଫ୍ରଣ୍ଟ ବିକାଶ ପାଇଁ ୧୬୦ କୋଟି ଏବଂ ୨୪ ଘଣ୍ଟିଆ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ୪୫୦ କୋଟି ଟଙ୍କା ବ୍ୟୟରେ ଦୈନିକ ୧୧୦ ମିଲିୟନ ଲିଟର କ୍ଷମତା ବିଶିଷ୍ଟ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି । ହୀରାକୁଦ ପର୍ଯ୍ୟଟନର ବିକାଶ ପାଇଁ ପ୍ରଥମ ପର୍ଯ୍ୟାୟରେ ୧୦୦ କୋଟି ଏବଂ ଦ୍ରେବିଗଡ଼ର ବିକାଶ ପାଇଁ ପାଖାପାଖି ୮୫ କୋଟି ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଛି । ବସନ୍ତପୁର ଠାରେ ୧୦୦ କୋଟି ଟଙ୍କା ବ୍ୟୟରେ ଆକ୍ୱା ପାର୍କ ନିର୍ମାଣ କାମ ଚାଲୁ ରହିଛି । ସମ୍ବଲପୁର ଠାରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ଏକ ବୈକଳ୍ପିକ ଜାତୀୟ ରାଜପଥ ନିର୍ମାଣର ପରିକଳ୍ପନା ହୋଇଛି ।ସମ୍ବଲପୁରରେ ନୂତନ ପ୍ରାଣୀ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ, ମା' ଘଣ୍ଟେଶ୍ୱରୀ ମନ୍ଦିର ଠାରୁ ଚିପିଲିମା ପର୍ଯ୍ୟନ୍ତ ବ୍ରିଜ୍, ବୁର୍ଲା ରିଙ୍ଗ୍ ରୋଡ୍, ରେମେଡ୍- ହୀରାକୁଦ ୪ ଲେନ୍ ରୋଡ୍, ସଫ୍ଟଓୟାର ଟେକ୍ନୋଲୋଜି ପାର୍କ ଏବଂ ସିବିଜି ପ୍ଲାଣ୍ଟ ନିର୍ମାଣ ସହରକୁ ନୂଆ ପରିଚୟ ଦେବ । ଏହା ସହିତ ଅତ୍ୟାଧୁନିକ ବସ ଷ୍ଟାଣ୍ଡ, ୧୦୦ଟି ଇଲେକ୍ଟ୍ରିକ୍ ବସ, ମଲଟିଲେଭଲ କାର ପାର୍କିଂ, ସାଂସ୍କୃତିକ କେନ୍ଦ୍ର, ଡ୍ରେନେଜ୍ ଓ ସ୍ୱରେଜର ଉନ୍ନତିକରଣ ତଥା ସମ୍ବଲପୁର ରେଳ ଷ୍ଟେସନର ଆଧୁନିକୀକରଣର ସ୍ୱପ୍ନ ଖୁବ ଶୀଘ୍ର ବାସ୍ତବ ରୂପ ନେବାକୁ ଯାଉଛି । ଏହି ସମସ୍ତ ପ୍ରକଳ୍ପ ସମ୍ବଲପୁରର ଅର୍ଥନୀତିକୁ ସୁଦୃଢ଼ କରିବା ସହ ଏଠାକାର ଲୋକମାନଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ ।


STEEL CORNER
AN IRON & STEEL MERCHANTS
Authorised Dealer
M- 9861476749
6371604092
TATA TISCON ATOOT JOD
RINL VIZAG STEEL Pride of Steel A Navaratna Company
JINDAL PANTHER TMT REBARS
Head Office
Press Chhak, Gajapati Nagar,
Near Sainik School, BBSR- 751005
Near UTKAL Hyundai Service Station
Branch Office
Plot No. 530/3007, Mauza- Andilo
(Puri Canal Road)
Balianta, Hanspal Road,
Bhubaneswar-752101
Email- saumya.ranjan311@gmail.com



# ପୁରୀ ଜିଲ୍ଲା ରୋଗୀ କଲ୍ୟାଣ ସମିତି ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ

ପୁରୀ,୯।୧:(ମନ୍ଥନ)ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା (ଡିଏଚ୍‌ଏଚ୍), ପୁରୀର ରୋଗୀ କଲ୍ୟାଣ ସମିତି (ଆରକେଏସ୍)ର ପରିଚାଳନା ପରିଷଦ ବୈଠକ ପୁରୀ ଲୋକସଭା ସାଂସଦ ଡାକ୍ତର ସମ୍ବିତ ପାତ୍ରଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାର ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ ସହ ଜନ ସାଧାରଣ ଙ୍କୁ ଉନ୍ନତ ମାନର ଚିକିତ୍ସା ଯୋଗାଇବା ଉପରେ ଡା ପାତ୍ର ଗୁରୁତ୍ୱ ଦେଇଥିଲେ । କାକଟପୁର ବିଧାୟକ ତୁଷାର କାନ୍ତି ବେହେରା,ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ,ଜିଲ୍ଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ,ଜଗତସିଂହପୁର ସାଂସଦ ଙ୍କ ପ୍ରତିନିଧି ସୁଦର୍ଶନ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଜନସାଧାରଣ ଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଆବଶ୍ୟକତା,ସ୍ୱାସ୍ଥ୍ୟ ଭିତ୍ତିଭୂମି ର ଆବଶ୍ୟକତା,ଡାକ୍ତର ଓ କର୍ମଚାରୀ ନିଯୁକ୍ତି ସମ୍ପର୍କରେ ଆଲୋକପାତ କରିଥିଲେ । ବୈଠକରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତ ଙ୍କୁ ସ୍ୱାଗତ ସହ ଜିଲ୍ଲାରେ ସ୍ୱାସ୍ଥ୍ୟ




ବ୍ୟବସ୍ଥା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ବିସ୍ତୃତ ଆଲୋଚନା କରାଯାଇ ମୁଖ୍ୟ ଚିକିତ୍ସାଳୟ ର ନବନିର୍ମିତ ୩୦୦ ଶଯ୍ୟା ବିଶିଷ୍ଟ ହସ୍ପିଟାଲ କୋଠା ଏବଂ ଆଖପାଖ ଅଞ୍ଚଳ ପାଇଁ ଆପ୍ରୋଚ୍ ରୋଡ୍ ନିର୍ମାଣ, ହସ୍ପିଟାଲ କ୍ୟାମ୍ପସରେ ଉପଯୁକ୍ତ ଡ୍ରେନେଜ୍ ଏବଂ ଡ୍ରେନ୍ କଭର ସ୍ଥାପନ, ଆଧୁନିକୀକରଣକୁ ସହଜ କରିବା ପାଇଁ ପୁରୁଣା ଗଠନକୁ ସୁରକ୍ଷିତ ଭାବରେ ଅପସାରଣ,ଅଗ୍ନି ନିରାପତ୍ତା ମାନଦଣ୍ଡ ସହିତ ଅନୁପାଳନ ସୁନିଶ୍ଚିତ କରିବା ଏବଂ ପ୍ରମାଣପତ୍ର ସୁରକ୍ଷିତ କରିବା, ବୈଦ୍ୟୁତିକ ସୁରକ୍ଷା ପଦକ୍ଷେପଗୁଡ଼ିକୁ ସୁଦୃଢ଼ କରିବା ଏବଂ ଆବଶ୍ୟକୀୟ ଅନୁମୋଦନ ହାସଲ କରିବା,ଡ୍ରେନେଜ୍ ପ୍ରସ୍ତୁତି ସହିତ ନୂତନ କୋଠାର ଆନୁଷ୍ଠାନିକ ହସ୍ତାନ୍ତର, ଏସଟିପି ସ୍ଥାପନ ପାଇଁ ଉପଯୁକ୍ତ ସ୍ଥାନ ଚିହ୍ନଟ, ହସ୍ପିଟାଲ ଆବଶ୍ୟକତା ପୂରଣ କରିବା ପାଇଁ ବୈଦ୍ୟୁତିକ ଲୋଡ୍ କ୍ଷମତାର ଉନ୍ନତିକରଣ, ସର୍ବନିମ୍ନ ୪୦୦ ଲିଟର କ୍ଷମତା ସହିତ ଓଭରହେଡ୍ ଜଳ ବିଶୋଧକ ସ୍ଥାପନ, ମାନବ ସମ୍ବଳର ଅଭାବକୁ ଦୂର କରିବା ଏବଂ ବିଦ୍ୟମାନ ମାନବ ସମ୍ବଳ କ୍ଷମତାକୁ ସୁଦୃଢ଼ କରିବାକୁ ସ୍ଥିର ହେଲା । ସ୍ୱତନ୍ତ୍ର ନବଜାତ ଯତ୍ନ ୟୁନିଟ୍ (ଝଘଉଟ) ଲଗାତାର ତିନି ବର୍ଷ ପାଇଁ ସମସ୍ତ ଜିଲ୍ଲାରେ ସର୍ବୋତ୍ତମ SNCU ପାଇଁ ପ୍ରଥମ ପୁରସ୍କାର ପାଇଥିବାରୁ,ରାଜ୍ୟର ସର୍ବୋତ୍ତମ କେମୋଥେରାପି ୟୁନିଟ୍ ଭାବରେ ସ୍ୱୀକୃତିପ୍ରାପ୍ତ ହୋଇ ଥିବାରୁ,STEMI କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶାରେ ସର୍ବୋତ୍ତମ କାର୍ଯ୍ୟକ୍ଷମ DHH ଭାବରେ ପୁରସ୍କୃତ ହୋଇ ଥିବାରୁ ସମସ୍ତେ ଶୁଭେଚ୍ଛା ଜଣାଇଥିଲେ । ପୁରୀ, ଚାରିଟି ପବିତ୍ର ଧାମ ମଧ୍ୟରୁ ଗୋଟିଏ ହୋଇଥିବାରୁ ଅନ୍ୟ ଅଞ୍ଚଳ ତୁଳନାରେ ଅଧିକ ଲୋକ ଆସିଥାନ୍ତି । ପର୍ବପର୍ବାଣୀ ଏବଂ ରଥଯାତ୍ରା ସମୟରେ ଆହୁରି ଅଧିକ ଗହଳି ହୁଏ ତେଣୁ ସ୍ୱାସ୍ଥ୍ୟ ଭିତ୍ତିଭୂମି କୁ ସୁଦୃଢ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଅକ୍ଷୟ କୁମାର ଶତପଥୀ,ସୂଚନା ଓ ଲୋକସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ହସପିଟାଲ ପରିଚାଳକ ଅନମୋଲ ମହାନ୍ତି ଏବଂ ସମସ୍ତ ହସ୍ପିଟାଲ ପରିଚାଳକମାନେ ଯୋଗ ଦେଇଥିଲେ । ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ କାର୍ଯ୍ୟ ସୂଚୀ ଅନୁସାରେ ତଥ୍ୟ ଉପସ୍ଥାପନ କରିଥିଲେ ।

# ପୁରୀ ପୋଲିସ୍ ଆୟୋଜିତ ବରିଷ୍ଠ ନାଗରିକ ସମ୍ମିଳନୀ ଓ ସଚେତନତା କାର୍ଯ୍ୟକ୍ରମ

ପୁରୀ,୯।୧:(ମନ୍ଥନ)ପୁରୀ ପୋଲିସ୍ ତରଫରୁ ଆଜି ରିଜର୍ଭ ପୋଲିସ୍ ଲାଇନ୍ସ କନଫରେନ୍ସ ହଲରେ ଏକ ବରିଷ୍ଠ ନାଗରିକ ସମ୍ମିଳନୀ ଓ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମ ପୁରୀ ଏସ୍ପି ଶ୍ରୀ ପ୍ରତୀକ ସିଂହ, ଆଇପିଏସ୍,ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା ।ଏହି ସମ୍ମିଳନୀରେ ମିସ ଅନଖା କେ. ବିଜୟା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଶ୍ରୀ ତପସ ଦାସ, କମାଣ୍ଡାଣ୍ଟ, ଏସଏସଏମଏସଭି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ସୁଶୀଲ ମିଶ୍ର, ଶ୍ରୀ ଦେବୀ ପ୍ରତାପ, ଶ୍ରୀ ସଚିନ ପଟେଲ, ଶ୍ରୀ ସୌମ୍ୟରଞ୍ଜନ ମଲ୍ଲିକ, ଶ୍ରୀମତୀ ତାରା ଜାସମିନ ଗୁରିଆ, ସହିତ ସମସ୍ତ ଡିଏସ୍ପି ଓ ପୁରୀ ସହର ଉପବିଭାଗର ସମସ୍ତ ଥାନା ଅଧିକାରୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀମତୀ ତାରା ଜାସମିନ ଗୁରିଆଙ୍କୁ ବରିଷ୍ଠ ନାଗରିକଙ୍କ ପାଇଁ ନୋଡାଲ୍ ଅଫିସର ଭାବେ ନିଯୁକ୍ତ କରାଯାଇଛି ବୋଲି ଜଣାଇ ଦିଆଯାଇଥିଲା । ଆରକ୍ଷୀ ଅଧୀକ୍ଷକ ଶ୍ରୀ ପ୍ରତୀକ ସିଂହ ଏହି ସଭାରେ ବରିଷ୍ଠ




ନାଗରିକମାନଙ୍କୁ ବର୍ତ୍ତମାନ ସମୟରେ ବଢ଼ି ଚାଲିଥିବା ସାଇବର ଠକେଇ, ଅନଲାଇନ୍ ଫ୍ରଡ୍, ଫେକ୍ କଲ୍, ଓଟିପି ଠକେଇ, କେୱାଇସି ଅପଡେଟ୍ ନାମରେ ଠକେଇ ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଭାବେ ସଚେତନ କରିଥିଲେ । ଅଜଣା ଫୋନ୍ କଲ୍, ଲିଙ୍କ୍ ଓ ମେସେଜ୍‌କୁ ସତର୍କ ରହିବାକୁ ଏବଂ କୌଣସି ପରିସ୍ଥିତିରେ ବ୍ୟକ୍ତିଗତ ତଥ୍ୟ, ଓଟିପି କିମ୍ବା ବ୍ୟାଙ୍କ ସମ୍ପର୍କିତ ସୂଚନା ସେୟାର୍ ନ କରିବାକୁ ପରାମର୍ଶ ଦେଇଥିଲେ । ଏହାସହ ଏହି କାର୍ଯ୍ୟକ୍ରମ ଅବସରରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ମଧ୍ୟ ଆୟୋଜିତ ହୋଇଥିଲା, ଯେଉଁଥିରେ ପ୍ରାୟ ୧୦୦ ଜଣ ବରିଷ୍ଠ ନାଗରିକ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ଓ ଡାକ୍ତରମାନଙ୍କ ଦ୍ୱାରା ପରାମର୍ଶ ଗ୍ରହଣ କରିଥିଲେ।ଶ୍ରୀ ସିଂହ ବରିଷ୍ଠ ନାଗରିକମାନଙ୍କୁ ଆଶ୍ୱାସନା ଦେଇ କହିଥିଲେ ଯେ ପୁରୀ ପୋଲିସ୍ ସବୁବେଳେ ସେମାନଙ୍କ ସହ ଅଛି ଏବଂ କୌଣସି ସମସ୍ୟା, ଅସୁବିଧା କିମ୍ବା ସନ୍ଦେହଜନକ ଘଟଣା ହେଲେ ପୋଲିସ୍‌କୁ ସୂଚନା ଦେବାକୁ ଅନୁରୋଧ କରିଥିଲେ । ସେ ଏହା ମଧ୍ୟ ସ୍ପଷ୍ଟ କରି କହିଥିଲେ ଯେ ୧୧୨ ହେଉଛି ପୁରୀ ପୋଲିସର ୨୪ସ୭ ଜରୁରୀ ସେବା ନମ୍ବର, ଯାହା ମାଧ୍ୟମରେ ସମସ୍ତ ସମୟରେ ସାହାଯ୍ୟ ମିଳିପାରିବ । ପୁରୀ ପୋଲିସ୍ ବରିଷ୍ଠ ନାଗରିକଙ୍କ ସୁରକ୍ଷା, ସମ୍ମାନ ଓ ସୁଖସୁବିଧା ପାଇଁ ସଦା ସଚେତନ ଓ ପ୍ରତିବଦ୍ଧ ବୋଲି ସେ ଜଣାଇଥିଲେ ।ଏହି କାର୍ଯ୍ୟକ୍ରମ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ବିଶେଷ ଉତ୍ସାହ ଓ ସକାରାତ୍ମକ ପ୍ରତିକ୍ରିୟା ସୃଷ୍ଟି କରିଥିବା ଦେଖାଯାଇଥିଲା ।

# ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆଖି ଓ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଚଷମା ବଣ୍ଟନ ଶିବିର

ନିଆଳି,୯।୧:(ମନ୍ଥନ)ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ଓ ଜୟଦେବ ବିକାଶ ମଞ୍ଚ ଏବଂ ଅଗ୍ରୱାଲ୍ ଓ ଦିଶା ହେଲଥ ସେଣ୍ଟର ଆନୁକୂଲ୍ୟରେ ଆଖି ଓ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇ ଯାଇଛି । ବାଲିପାଟଣା ସ୍ଥିତ ମା 'ଗିରିଙ୍ଗେଶ୍ୱରୀ ମନ୍ଦିର ନିକଟ ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ଶାଖା କାର୍ଯ୍ୟାଳୟ ରେ ଆୟୋଜିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ସିଦ୍ଧି ବିନାୟକ ଚାରି ଟେବୁଲ ଟ୍ରଷ୍ଟ ଅଧ୍ୟକ୍ଷ ସତ୍ୟପ୍ରିୟ ବେହେରା , ଅଭିନେତ୍ରୀ ବିଦୁସ୍ମିତା ମନ୍ତ୍ରୀ , ଶୀତଲ ପାଢ଼ୀ , ସୁଭଦ୍ରା ପାଣିଗ୍ରାହୀ , ଫିତା କାଟି ଶିବିର ଉଦଘାଟନ କରିଥିଲେ । ବାଲିପାଟଣା ଓ ବାଲିଅନ୍ତା ବ୍ଲକ ର ଶତାଧିକ ପୁରୁଷ ଓ



ମହିଳା ଆଖି ଓ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଦେଢ଼ ଶହ ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଚଷମା ବଣ୍ଟନ କରାଯାଇଛି । ଭୁବନେଶ୍ୱର ଅଗ୍ରୱାଲ୍ ଆଇ ହସ୍ପିଟାଲ ଓ ଦିଶା ହେଲଥ ସେଣ୍ଟର ସ୍ୱାସ୍ଥ୍ୟ ପରୀକ୍ଷା ରେ ଦିଲ୍ଲୀପ ନାୟକ, ଡାକ୍ତର ପ୍ରଫୁଲ ନାୟକ , ଅନୁତା ନାୟକ, ବିନ୍ମୟ ଜେନା , ଆଖି ପରୀକ୍ଷା ରେ ଗଣେଶ୍ୱର ବେହେରା , ଲକ୍ଷ୍ମୀଧର ବେହେରା , ବୀରେନ୍ଦ୍ର କୁମାର , ତନ୍ମୟ କୁମାର ସିଆଲ୍ , ରାକେଶ କୁମାର ଲେଙ୍କା ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ ଜୟଦେବ ବିକାଶ ମଞ୍ଚ ଉପସଭାପତି ବସନ୍ତ କୁମାର ଦାଶ , ଅକ୍ଷୟ କୁମାର ସାହୁ , ବିଜୟ ପ୍ରଧାନ , ଗୌତମ ପ୍ରଧାନ , ପୂର୍ଣ୍ଣ ଚନ୍ଦ୍ର ମାହୁନ୍ତ , ଯୁବନେତା ରାଜ କିଶୋର ପ୍ରଧାନ , ଦୁର୍ଯ୍ୟୋଧନ ସାହୁ , ସୂର୍ଯ୍ୟକାନ୍ତ ମୁଖୀ , ରତିକାନ୍ତ ପ୍ରଧାନ , ସୂର୍ଯ୍ୟକାନ୍ତ ମୁଖୀ , ରଞ୍ଜନ ପ୍ରଧାନ ପ୍ରମୁଖ ଶିବିର ପରିଚାଳନା ରେ ସହଯୋଗ କରିଥିଲେ ।

# ଝାରପଡା ବେଆଇନ ବାଲିଘାଟ କାହା ଇସାରାରେ ଚାଲିଛି
# ପ୍ରତିଦିନ ୧୦ ଲକ୍ଷ ଟଙ୍କା ବାଲି ଚୋରା ଚାଲାଣ

ନିଆଳି,୯।୧:(ମନ୍ଥନ) ରାତି ବଢିଲେ ବାଲି ମାଫିଆଙ୍କ ବଢୁଛି ରାଜୁତି । ନଦୀ ଗର୍ଭରୁ ବାଲି ଉତ୍ତୋଳନ କରି ଚୋରା ଚାଲାଣ କରୁଥିବା ନେଇ ଅଭିଯୋଗ ହୋଇଛି ଯକଣ୍ଡାପଡ଼ା ତହସିଲ ଅନ୍ତର୍ଗତ ଦେବୀ ନଦୀର ଝାରପଡା ବ୍ରିଜ ନିକଟବର୍ତ୍ତୀ ଅଞ୍ଚଳରେ ଦୀର୍ଘ ଦିନ ଧରି ବେଆଇନ ବାଲିଘାଟ ଘାଟ ଚାଲିଛି କିନ୍ତୁ ଏହି ଚୋରା ବାଲିଘାଟ କାହା ଇସାରାରେ ଚାଲିଛି ବୋଲି ସାଧାରଣରେ ଲୋକେ ପ୍ରଶ୍ନ କରିଛନ୍ତି । ଚୋରା ବାଲିଘାଟ ଯୋଗୁଁ ଦେବୀ ନଦୀରୁ ବାଲି ସରିବା ସହିତ ରାଜ୍ୟ ସରକାରଙ୍କ ରାଜସ୍ୱ ହାନି ହେଉଥିବା ନେଇ ଗୁରୁତର ଅଭିଯୋଗ ହୋଇଛି । ମିଳିଥିବା ଅଭିଯୋଗ ଅନୁସାରେ କଟକ ଜିଲ୍ଲା କଣ୍ଟାପଡ଼ା ତହସିଲ ଅନ୍ତର୍ଗତ ତଥା ଗୋବିନ୍ଦପୁର ଥାନା ଦେବୀ ନଦୀର ଝାରପଡା ବ୍ରିଜ ନିକଟବର୍ତ୍ତୀ ଅଞ୍ଚଳରେ ରାତି ଅଧରୁ ଚୋରା ବାଲିଘାଟ ଚାଲିଥିବା ନେଇ ଅଭିଯୋଗ ହୋଇଛି । ଜେସିବ ମେସିନ୍ ସାହାର୍ଯ୍ୟରେ ହାଇୱା ମାଧ୍ୟମରେ ଚାଲିଛି ବେଆଇନ ବାଲି ଚୋରାଚାଲାଣ ଚାଲାଣ । ବାଲି ମାଫିଆ ଅତି ଚତୁରତାର ସହିତ ବିଭିନ୍ନ ଛକ ସ୍ଥାନ ମାନଙ୍କରେ ଜଗି ରହିବି ସହିତ ମାଇନ୍ସ ବିଭାଗ ଗତି ବିଧି ଉପରେ ନଜର ରଖି ରାତି ଅଧରେ ଦେବୀ ନଦୀର ଝାରପଡା ଠାରୁ ବେଆଇନ ବାଲିଘାଟ ନିର୍ମାଣ କରି ବାଲି ଚୋରା ଚାଲାଣ କରୁଥିବା ନେଇ ଅଭିଯୋଗ ହୋଇଛି । ଜିଲ୍ଲା ବରିଷ୍ଠ ଅଧିକାରୀ ଏହି ବେଆଇନ ବାଲିଘାଟ ପଛରେ ପ୍ରଚ୍ଛଦ ହାତ ଥିବା ଆଲୋଚନା ହେଉଛି । ତେବେ ସ୍ଥାନୀୟ ନେତା, କଟକ ଜିଲ୍ଲା ପ୍ରଶାସନ ଝାରପଡା ବାଲିଘାଟ ପ୍ରତି



ପ୍ରଶାସନ ଓ ମାଇନ୍ସ ବିଭାଗର ତଳିଆ କର୍ମଚାରୀ ଓ ନିୟୋଜିତ ହୋଇଥିବା ଅସ୍ଥାୟୀ କର୍ମଚାରୀ ବାଲି ମାଫିଆମାନଙ୍କ ସହିତ ହାତ ମିଳାଇ ଅଧିକାରୀଙ୍କ ସମ୍ପର୍କରେ ଖବର ଦେଉଛନ୍ତି ବାଲି ମାଫିଆମାନଙ୍କୁ ଯଦ୍ଦାରା କି ବାଲି ଚୋରା ଚାଲାଣ ସହଜରେ ହେଉଥିବା ଅଭିଯୋଗ ହେଉଛି । ଏହି ବାଲିଘାଟ ଚାଲିଥିବା ପଛରେ କାହାର ହାତ ରହିଛି ଯାହା କି ଅତି ସାହାସରେ ଦେବୀ ନଦୀରୁ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି । ବିଶ୍ୱସ୍ତ ସୂତ୍ରରୁ ଖବର ଅନୁସାରେ ଉଦାସୀନତା ମନୋଭାବ ଦେଖାଉଛନ୍ତି ନାଁ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି କଣ୍ଟାପଡ଼ା ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି । ସେହିପରି ନିଆଳି ତହସିଲ ଅନ୍ତର୍ଗତ ସିଠାଳୋ ପଞ୍ଚାୟତ ଆଳି ପିଙ୍ଗଳ ବ୍ରିଜ ନିକଟବର୍ତ୍ତୀ ଅଞ୍ଚଳରେ ବେଆଇନ ବାଲିଘାଟ ସାଙ୍ଗକୁ ସୀମା ଆରପାର କି ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଛି । ଗୁଇନ୍ଦା ବିଭାଗ ଓ ଜଗତସିଂହପୁର ଓ କଟକ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି ହୋଇଛି ।

# ଜାମିଆ ଅସରଫଉଲ ଓଲୁମରେ ଖତମବୁଖାରୀ ସରିଫ ସ୍ୱତନ୍ତ୍ର ଦୁଆ

କେନ୍ଦ୍ରାପଡ଼ା,୯।୧:(ମନ୍ଥନ)ଓଡିଶାର ସର୍ବବୃହତ ମଦ୍ରାସା ଜାମିଆ ଅସରଫଉଲ ଓଲୁମରେ ଖତମ ବୁଖାରୀ ସରିଫ ସ୍ୱତନ୍ତ୍ର ଦୁଆ ଆସନ୍ତା ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଏଥିରେ ଏସିଆର ସର୍ବବୃହତ ମଦ୍ରାସା ଦାରୁନ ଓଲୁମ ଦିଓବନ୍ଦ (ୟୁପି)ର ହଦିସ ଶିକ୍ଷକ ମୌଲାନା ସଲମାନ ବିଜନୋରି ମୁଖ୍ୟଅତିଥି ଭାବେ ଯୋଗଦେବେ। ଏଥିସହିତ ଓଡିଶାର ବହୁ ପ୍ରତିଷ୍ଠିତ ମୌଲବୀମାନେ ଯୋଗଦେବେ। ପ୍ରକାଶ ଥାଉକି ଇସଲାମ ଧର୍ମର କୋରାନ ପରେ ଦ୍ୱିତୀୟ ବୃହତ ଗ୍ରନ୍ଥ ବୁଖାରୀ ସରିଫ ଅଧ୍ୟୟନ କରିଥିବା ପିଲାମାନଙ୍କ ପାଇଁ ଏଥିରେ ସ୍ୱତନ୍ତ୍ର ଦୁଆ କରାଯିବ। ପୂର୍ବରୁ ଏହି ବୁଖାରୀ ହଦିସ ପାଠ ପଢିବାକୁ ସୁଦୂର ଉତ୍ତରପ୍ରଦେଶ ଯିବାକୁ ପଡୁଥିଲା। କିନ୍ତୁ ଏହି ବୃହତ ଗ୍ରନ୍ଥ ଏବେ ଜାମିଆ ଅସରଫଉଲରେ ଶିକ୍ଷା ଦିଆଯାଉଛି। ଜାମିଆର ଅଧକ୍ଷ ମୌଲାନା ଫାରୁଖ କାସମୀ ଏଥିରେ ବହୁ ସଂଖ୍ୟାରେ ଯୋଗଦେବାକୁ ନିବେଦନ କରିଛନ୍ତି।

# ଜେକେ ପେପର୍ ଲିମିଟେଡ୍ ର ଅନ୍ତଃ ୟୁନିଟ୍ ସ୍ତରୀୟ କ୍ରିକେଟ ଲିଗ୍ ଟୁର୍ଣ୍ଣାମେଣ୍ଟ ୨୦୨୬

୯।୧:(ମନ୍ଥନ)ଜେକେ ପେପର୍ ଲିମିଟେଡ୍ ୩ ପ୍ରଡକସନ୍ ୟୁନିଟ୍, ଜେକେ ପେପର୍ ମିଲ୍ସ, ଜେକେପୁର, ସେଣ୍ଟ୍ରାଲ ପଲ୍ପ ମିଲ୍ସ, ସୋନଗଡ଼, ଶିରିପୁର ପେପର୍ ମିଲ୍ସ, କାଗଜ ନଗର ଓ ମୁଖ୍ୟ କାର୍ଯ୍ୟାଳୟ ଦିଲ୍ଲୀ, ମଧ୍ୟରେ ୟୁନିଟ୍ ସ୍ତରୀୟ ୨୦ କ୍ରିକେଟ ଲିଗ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଟି ୦୮.୦୧.୨୦୨୬ ରୁ ଆରମ୍ଭ ହୋଇ ୧୧.୦୧.୨୦୨୬ ପର୍ଯ୍ୟନ୍ତ ଖେଳାଯିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜେକେ ପେପର୍ ମିଲ୍ସ ର ମୁଖ୍ୟ ବିନୟ ଦ୍ୱିବେଦୀ, କାର୍ଯ୍ୟନିର୍ବାହୀ ଉପସଭାପତି (କାର୍ମିକ ) ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ଥିଲେ । ପ୍ରଥମ ଉଦଘାଟନୀ ମ୍ୟାଚ ଶିରିପୁର ପେପର୍ ମିଲ୍ସ, କାଗଜ ନଗର ଓ ଜେକେ ପେପର୍ ମିଲ୍ସ, ଜେକେପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜେ କେ ପେପର୍ ମିଲ୍ସ ଟିମ୍ ଟସ ଜିଣି ୨୦ ଓଭର ରେ ୬ ୱିକେଟ୍ ହରାଇ ୧୮୪ ରନ୍ ସଂଗ୍ରହ କରିଥିବା ବେଳେ ଶିରିପୁର ଟିମ୍ ସମସ୍ତ ୱିକେଟ ହରାଇ ୧୯.୧ ଓଭର ରେ ୭୬ ସଂଗ୍ରହ କରି ଥିଲେ । ଜେଜେ ପେପର୍ ମିଲ୍ସ ଟିମ୍ ର ମହମ୍ମଦ୍ ଅବେଶ ୩୫ ବଲ ରେ ୭୨ ରନ୍ ସଂଗ୍ରହ କରି ମ୍ୟାଚ ଅଫ୍ ଦି ମ୍ୟାଚ୍ ହୋଇ ଥିଲେ । ଜେ କେ ପେପର୍ ମିଲ୍ସ ଟିମ୍ ଉଦଘାଟନୀ ମ୍ୟାଚ ରେ ବୀଜୟ ଲାଭ କରି ଥିଲା।ଜେ କେ ପେପର୍ ମିଲ୍ସ ର ବରିଷ୍ଠ ଅଧିକାରୀ ଗଣ, ସନ୍ଦୀପ ପାଣ୍ଡେ, ମହାପ୍ରବନ୍ଧକ, ମାନବ ସମ୍ବଳ ବିକାଶ, ଜେକେ କ୍ରିକେଟ କ୍ଲବ, ଜେକେପୁର ର ପ୍ରେସିଡେଣ୍ଟ ଦୀପକ ସାମଲ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ରାଜ୍ୟ ନିର୍ବାଚନ କମିଶନଙ୍କ କେନ୍ଦ୍ରାପଡା ଗସ୍ତ

କେନ୍ଦ୍ରାପଡ଼ା,୯।୧:(ମନ୍ଥନ)ରାଜ୍ୟ ନିର୍ବାଚନ କମିଶନର ମଧୁସୁଦନ ପାଢ଼ୀ କେନ୍ଦ୍ରାପଡ଼ା ଗସ୍ତରେ ଆସି ଜିଲ୍ଲାପାଳ ଏବଂ ଅନ୍ୟ ବିଭାଗୀୟ ଅଧିକାରୀମାନଙ୍କ ସହିତ ପଞ୍ଚାୟତ ନିର୍ବାଚନ ୨୦୨୭ ଏବଂ ପୌର ପରିଷଦର ଆଗାମୀ ନିର୍ବାଚନ ଉପରେ ସମୀକ୍ଷା କରିଛନ୍ତି। ବାଲାଟ ବକ୍ସ ମହଜୁଦ ଏବଂ ତାହାର ସ୍ଥିତି, ଜିଲ୍ଲାର ଜନସଂଖ୍ୟା ପରିସଂଖ୍ୟାନ, ଅସ୍ଥାୟୀ ବୁଥ୍, ସମ୍ବେଦନଶୀଳ ଏବଂ ଅତି ସମ୍ବେଦନଶୀଳ ବୁଥ୍, ଘରକୁ ଘର ସର୍ଭେ, ପ୍ରାର୍ଥୀ ସଂରକ୍ଷିତ ତାଲିକା, ଭୋଟ ଗଣତି ମତାମତ ସମେତ ଭୋଟର ତାଲିକା, ଭୋଟର ତାଲିକାରେ ନାମ ଯୋଡିବା ଓ କାଟିବା ଇତ୍ୟାଦି ବ୍ୟତୀତ ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ ବିଷୟ ଉପରେ



ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଗୁରୁବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ରଘୁରାମ ଆର. ଆୟାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ ) ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ପଞ୍ଚାୟତ ଅଧିକାରୀ ରମେଶ ପଣ୍ଡା, କେନ୍ଦ୍ରାପଡ଼ା ପୌରନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି, ପଟ୍ଟାମୁଣ୍ଡାଇ ପୌର ନିର୍ବାହୀ ଅଧିକାରୀ ରଞ୍ଜନ କୁମାର ଦାସଙ୍କ ସମେତ ଜିଲ୍ଲାର ସମସ୍ତ ବିଡ଼ିଓ ଉପସ୍ଥିତ ଥିଲେ।

# ରାଇସ୍ ମିଲର୍ସ ସଂଘର ସାମ୍ବାଦିକ ସମ୍ମିଳନୀ

ବ୍ରହ୍ମପୁର,୯।୧:(ମନ୍ଥନ)ସ୍ଥାନୀୟ ହିଲପାଟଣା ଗୋପବନ୍ଧୁ ନଗର ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ଗଞ୍ଜାମ ଜିଲ୍ଲା ଚାଉଳ କଳ ମାଲିକ ସଂଘ ପକ୍ଷରୁ ଗୁରୁବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ ହୋଇଥିଲା । ଏଥିରେ ଜିଲ୍ଲା ସଭାପତି ଅଶୋକ କୁମାର ମହାନ୍ତି, ଉପ ସଭାପତି ନିଗମାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ ପି ଗୋପାଳ, ଅନ୍ୟତମ ସମ୍ପାଦକ କାଳୀ ଶଙ୍କର ପାତ୍ର ଓ ଛତ୍ରପୁର ଉପ ସଭାପତି ସୀମାଞ୍ଚଳ ସାହୁ ପ୍ରମୁଖ ଉପସ୍ଥିତ ରହି ସୂଚନା ଦେଇଛନ୍ତି ଯେ, ଦୀର୍ଘ ଦିନ ଧରି ଆମେ ଏକ ପ୍ରକାର ଘଣ୍ଟ ସାଜି ଯାଇଛୁ । ଯିଏ ଯେତେ ବେଳେ ଭାବୁଛି ବଜାଇ ଦେଇ ଯାଉଛନ୍ତି, କହିବାର ଅର୍ଥ ଆମେ ମାତ୍ର ୧୦ ଟଙ୍କାରେ ଦୀର୍ଘ ବର୍ଷ ଧରି ସେବା ଯୋଗାଇ ଆସୁଥିବା ବେଳେ, ଆଜିର ଏହି ମାହାଙ୍ଗା ଯୁଗରେ ମଧ୍ୟ ସରକାର ଓ ସରକାରୀ ଅଧିକାରୀ ଆମ ଉପରେ ବୋଝ ଉପରେ ନଳିତା ବିଡା ଭଳି ଦାଉ ସାଧୁଛନ୍ତି । ବହୁ ବାହାର ଲିଖିତ ଦାବି ପତ୍ର ପ୍ରଦାନ କରି ତାହାକୁ ପୂରଣ ପାଇଁ ଅନୁରୋଧ କରି ଆସୁଥିଲେ ସୁଦ୍ଧା ତାହାକୁ ନା ଗତ ବିଜେଡି ସରକାର ନା ବର୍ତ୍ତମାନର ବିଜେପି ସରକାର କେହି ମଧ୍ୟ ଆମ ଦୁଃଖ ଓ ସମସ୍ୟାକୁ ଗୁରୁତର ସହ ନେଇ ସମାଧାନ କରିବା ପାଇଁ ସୁବିଧା କରାଯାଉ ନାହିଁ। ଯାହାକୁ ନେଇ ବାଧ୍ୟ ହୋଇ ଆମେ ଧାନ ଉଠାଇବା ପାଇଁ ବାରଣ କରିଥିଲୁ, କିନ୍ତୁ ଚାଷୀ ମାନଙ୍କ ସମସ୍ୟା ଓ ଜନ ସାଧାରଣଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଓ ସରକାରଙ୍କ ପକ୍ଷରୁ କେବଳ ଗୋଟିଏ ଦାବି କରାଯାଇଥିବା ବେଳେ, ଅନ୍ୟ ତିନୋଟି ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିବା ପରେ ଆମେ ଆଜି ଠାରୁ ଧାନ ଉଠାଇବା ପାଇଁ ନିଷ୍ପତି ନେଇଛୁ ବୋଲି ସଭାପତି ଶ୍ରୀ ମହାନ୍ତି କହିଛନ୍ତି । ସେହିପରି ସମ୍ପାଦକ ଶ୍ରୀ ଗୋପାଳ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମାନ୍ୟବର ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କୁ ଏକ ତିନି ଦଫା ଦାବି ପୂରଣ ପାଇଁ ଲିଖିତ ଚିଠି କରାଯାଇଛି । ପ୍ରକାଶ ଯୋଗ୍ୟ ଯେ, ଉକ୍ତ ଦାବି ପତ୍ରରେ ଆମର ଅଭିଯୋଗ ଏବଂ ଦାବି ଗୁଡ଼ିକର ବିଚାର ସମ୍ପର୍କରେ ମାନ୍ୟବର ମନ୍ତ୍ରୀ ଆମର ବାକି ତିନୋଟି ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ଯଥା ପ୍ରଥମତଃ ହେଲା ତୃତୀୟ ସ୍ଲାବରେ ପରିବହନ ଶୁଳ୍କର ସଂଶୋଧନ ଅର୍ଥାତ୍ ୪୦ କିଲୋମିଟରରୁ ଅଧିକ ଯାହା ୦.୪୩ କ୍ୟୁଣ୍ଟାଲ/କିଲୋମିଟରରୁ ୦.୨୮ କ୍ୟୁଣ୍ଟାଲ/କି.ମି.କୁ ହ୍ରାସ କରାଯାଇଛି ।

# କନ୍ଧମାଳ ମହୋତ୍ସବ ୨୦୨୬ ଉଦଘାଟିତ

କନ୍ଧମାଳ,୯।୧:(ମନ୍ଥନ)ଫୁଲର ସହର ଫୁଲବାଣୀ ଓ କନ୍ଧମାଳ ଏକ ସବୁଜ ବନାନୀ ପ୍ରକୃତି ଓ କଳା ସଂସ୍କୃତି ର ଏକ ନିଆରା ଜିଲ୍ଲା ବୋଲି କନ୍ଧମାଳ ମହୋତ୍ସଭ ର ଉଦଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ବିଜେପି ଦଳର ସରକାରୀ ମୁଖ୍ୟ ସଚେତକ ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ ଭାଷଣ ପ୍ରସଙ୍ଗରେ ପ୍ରକାଶ କରିଛନ୍ତି। କନ୍ଧମାଳ ସଂସ୍କୃତି ଅତି ପ୍ରାଚୀନ ଓ ନିଆରା । କନ୍ଧମାଳ ର ସାଲୁଙ୍କି ନଦୀ, ଛୋଟ ବଡ଼ ଜଳପ୍ରପାତ, ଦାରିଙ୍ଗବାଡିର କଫି ବଗିଚା, ପାଇନ ବଣ ଓ ସୋରିଷ କିଆରୀର ସୁନା ଫୁଲ ସହ ଅର୍ଗାନିକ ହଳଦୀ କନ୍ଧମାଳ ର ପରିଚୟ ସୃଷ୍ଟି କରିପାରଛି ବୋଲି ଶ୍ରୀ ପ୍ରଧାନ କହିଥିଲେ । ବୌଦ୍ଧ ଜିଲ୍ଲାର ସୁଗାର ଫ୍ରୀ ଆଳୁ କୁ କନ୍ଧମାଳରେ ଚାଷ କରାଯାଉ ବୋଲି ମତବ୍ୟକ୍ତ କରି ଥିଲେ । ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଫୁଲବାଣୀ ବିଧାୟକ ଶ୍ରୀ ଉମା ଚରଣ ମଲିକ କନ୍ଧମାଳ ମହୋତ୍ସବ ଫୁଲବାଣୀ ର ଲାଇଫ ଲାଇନ ପାଲଟି ଯାଇଛି। କନ୍ଧମାଳ ମହୋତ୍ସବ କୁ ଲୋକେ ଅପେକ୍ଷା କରିଥାନ୍ତି। ଆଦିବାସୀ ଅଧ୍ୟୁଷିତ ଅଂଚଳର ଏହି କଳା ସଂସ୍କୃତି ଓ ପଲି ଶ୍ରୀ ମେଳା ଅତି ଉଚ୍ଚ କୋଟିର । ଏହି ମୋହତ୍ସବ କନ୍ଧମାଳର ପରିଚୟ । କନ୍ଧମାଳ ର ହଳଦୀ କୁ ଜିଆଇ ଟାଗ ମିଳିଛି । କନ୍ଧମାଳ ର ହଳଦୀ




ରାଜ୍ୟ ବାହାରକୁ ଓ ଭାରତ ବାହାରକୁ ବା ବିଦେଶକୁ ଯାଉଛି । କନ୍ଧମାଳ ମହୋତ୍ସବ କନ୍ଧମାଳର ରିଚ କଲଚର ପରିଚୟ ବହନ କରେ ବୋଲି ସେ କହିଥିଲେ । ଜି ଉଦୟ ଗିରି ବିଧାୟକ ଶ୍ରୀ ପ୍ରଫୁଲ୍ଲ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଲେ ଅତୀତରେ ଟିକାବାଲି ଏମ ସି ଏସ ମାଳ ବାଣିଜ୍ୟର ମାଇଲ ଖୁଣ୍ଟ ହୋଇଥିଲା । ଅଦା, ହଳଦୀ ଓ ଖଲି ପତ୍ର ସୁଦୂର ବମ୍ବେ କୁ ଯାଉଥିଲା । କନ୍ଧମାଳ ର ସଂସ୍କୃତି ଓ କଳାକାର ଅତି ରୋମାଞ୍ଚକ । ସ୍ଥାନୀୟ କଳା ଓ କଳାକାର ବିଶେଷ ଅଗ୍ରଗତି କରିଛି । ସ୍ଥାନୀୟ କଳାକାର ମାନେ ବିଭିନ୍ନ ବ୍ଲକରେ କଳା ସଂସ୍କୃତି କୁ ସମୃଦ୍ଧ କରି ପାରିଛନ୍ତି । ଶ୍ରମିକ ମାନଙ୍କୁ ଶ୍ରମକାର୍ଡ ପ୍ରଦାନ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦ ଭୂଷଣ ଅତିଥି ମାନଙ୍କୁ ସ୍ୱାଗତ କରି କହିଲେ କନ୍ଧମାଳ କଳା ସଂସ୍କୃତି କୁ ଏଠିକାର ଅଧିବାସୀ ମାନେ ସମୃଦ୍ଧ କରିଛନ୍ତି। କୃଷି, ଓ ବିଭିନ୍ନ ଚାଷ ଚାଷୀଙ୍କ ଗ୍ରହଣ ଯୋଗ୍ୟ ହୋଇଛି । ଷ୍ଟ ବେରି, ଡ୍ରାଗନ, ବହୁଳ ଭାବରେ ଚାଷ ହେଉଛି ଓ ଚାଷୀ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇ ପାରିଛନ୍ତି । ଉନ୍ନତ ମାନର ହଳଦୀ ଓ ଅଦା ଓ ମିଲେଟ ମିଶନ ଏକ ଯୁଗାନ୍ତ କାରି ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି ବୋଲି ଜିଲ୍ଲା ପାଳ ବେଦ ଭୂଷଣ କହିଛନ୍ତି। ମଞ୍ଚ ଦୁଲିକି ଥିଲା କନ୍ଧମାଳ ଜିଲ୍ଲା ର ୨ ଡିଗ୍ରୀ ଥଣ୍ଡାରେ ଓଡ଼ିଶାର ସୁନାମ ଧନ୍ୟ କଳାକାର ପପୁ ପମପମ , ମଣ୍ଟୁ ଚୁରୀୟ , ଇରା ମହାନ୍ତି,ମହମ୍ମଦ ଦାନସ, ନିକିତା ଗାନ୍ଧୀ ଆଦି କଳା କାର ଓ ସଂଗୀତ ମଞ୍ଚକୁ ଦୁଲୁକାଇ ହାଡଭଙ୍ଗା ଶୀତ କୁ ଭୃପେକ୍ଷ କରି ନଥିଲେ । ଥଣ୍ଡା ଯୋଗୁଁ ଅନ୍ୟୁନ ଦୁଇ ହଜାର ରୁ ଉର୍ଦ୍ଧ ଦର୍ଶକ ମହୋତ୍ସବ ର ରୋମାଞ୍ଚକ ମଜା ନେଇଥିଲେ ୧୧ ତାରିଖ ପର୍ଯ୍ୟନ୍ତ କନ୍ଧମାଳ ମହୋତ୍ସବ ଚାଲିବ । ମୁମ୍ବାଇ ର ସିଙ୍ଗର ମୁଖ୍ୟ ଆକର୍ଷଣ ରହିଛି । ଓ ମେଲୋଡି କାର୍ଯ୍ୟ କ୍ରମ ସହ ଘୁମୁରା ନୃତ୍ୟ ର ମଜା ନେବା ପାଇଁ ସହରର ପାଖାପାଖି ଗ୍ରାମ ରୁ ଲୋକେ ଛୁଟି ଆସୁଛନ୍ତି ।

# କରଞ୍ଜୀ ଠୁ ଦହିମାଛ ରାସ୍ତା ନିର୍ମାଣରେ ଦୁର୍ନୀତି

କେନ୍ଦ୍ରାପଡ଼ା,୯।୧:(ମନ୍ଥନ)ଅର୍ଥ ପଇଠ ପରେବି ସୂଚନା ଅଧିକାର ନିୟମରେ ସମ୍ପୂର୍ଣ୍ଣ ତଥ୍ୟ ନମିଳିବାରୁ ଆବେଦନକାରୀ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚଳିତମାସ ୨୧ତାରିଖରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି ଆବେଦନକାରୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ। ସୂଚନା ଅନୁଯାୟୀ କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ମହୁ ଗ୍ରାମର ଅଭିଯୋଗକାରୀ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ କେନ୍ଦ୍ରାପଡା ୨ନମ୍ବର ପୂର୍ତ୍ତ ଡିଭିଜନ ଅଧୀକ୍ଷଣଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ଡିସେମ୍ବରମାସ ୨୪ତାରିଖରେ ଧାରଣାରେ ବସିଥିଲେ। ତାଙ୍କୁ ସମର୍ଥନ ଜଣାଇ ବହୁ ସୂଚନା ଅଧିକାର ଅଭିଯାନର କର୍ମୀ ଓ ସାଧାରଣ ଜନତା ଧାରଣାରେ ସାମିଲ ହୋଇଥିଲେ। ତାଙ୍କ ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ଜିଲ୍ଲାର ପୂର୍ତ୍ତ ଡିଭିଜନ -୨ କାର୍ଯ୍ୟାଳୟ ପକ୍ଷରୁ ମହାକାଳପଡ଼ା ପୂର୍ତ୍ତ ସବଡିଭିଜନ ଅଧିନସ୍ତ କରଞ୍ଜୀ ଠାରୁ ଦହିମାଛ ଭାୟା ଗୋଖାପଡ଼ା ରାସ୍ତା ଉନ୍ନତି କରଣ ନିମନ୍ତେ ୬୬୭.୭୭ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ପ୍ରାୟ ଦୁଇ କିଲୋମିଟର ବିଶିଷ୍ଟ ରାସ୍ତାର ଉନ୍ନତି କରଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି କରାଯାଇ ନିମ୍ନମାନର କାର୍ଯ୍ୟ କରାଯାଇଛି। ଉନ୍ନତି କରଣ କାର୍ଯ୍ୟ ଆଳରେ ଏହି ରାସ୍ତା କାର୍ଯ୍ୟ ଅତି ନିମ୍ନମାନର କରାଯାଇ ଅର୍ଥକୁ ହରିଲୁଟ କରାଯାଇଛି। ତେଣୁ ଏହାର ସତ୍ୟାସତ୍ୟ ଜାଣିବା ନିମନ୍ତେ କେନ୍ଦ୍ରାପଡା ପୂର୍ତ୍ତ ଡିଭିଜନ-୨ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀଙ୍କୁ ସୂଚନା ଅଧିକାର ଆଇନ ଅନୁଯାୟୀ ଗତ ୧୩।୮।୨୦୨୫ ରିଖ ସୂଚନା ନିମନ୍ତେ ଆବେଦନ କରିଥିଲେ ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ। ଏଥିସହିତ ଜନ ସୂଚନା ଅଧିକାରୀଙ୍କ ପତ୍ର ଅନୁଯାୟି ଆବେଦନକାରୀ ସୂଚନା ପ୍ରାପ୍ତି ବାବଦକୁ ପାଞ୍ଚ ଶହ ଆଠ ଟଙ୍କା ଦାଖଲ କରିସାରିଥିଲେବି ସମ୍ପୂର୍ଣ୍ଣ ତଥ୍ୟ ତାଙ୍କୁ ପ୍ରଦାନ କରାନଯାଇ ଅଧାପନ୍ତରିଆ ଓ ଅସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଛି। ଏହା ସୂଚନା ଅଧିକାର ଆଇନର ଉଲଂଘନ କରୁଥିବା ଆବେଦନକାରୀ ଦୁଷ୍ମନ୍ତ ଅଭିଯୋଗ କରିଛନ୍ତି। ତେଣୁ ଆବେଦନକାରୀ ସମ୍ପୂର୍ଣ୍ଣ ସୂଚନା ପ୍ରାପ୍ତି ନିମନ୍ତେ ଆଇନ ଅନୁଯାୟୀ ପୂର୍ତ୍ତ ଡିଭିଜନ-୨ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଗତ ୭।୧୦।୨୦୨୫ ରିଖରେ ପ୍ରଥମ ଅପିଲ କରିଥିଲେ। କିନ୍ତୁ ଏକ ମାସ ପୁରଣ ପରେବି ତାଙ୍କ ଅପିଲ ଦରଖାସ୍ତର ଶୁଣାଣି କରାଯାଇ ନାହିଁ କିମ୍ବା ତାଙ୍କୁ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇ ନାହିଁ। ଫଳରେ ସେ ସମ୍ପୂର୍ଣ୍ଣ ତଥ୍ୟ ପ୍ରାପ୍ତିରୁ ବଞ୍ଚିତ ହୋଇଥିଲେ। ଜନସୂଚନା ଅଧିକାରୀଙ୍କ ତଥ୍ୟ ପ୍ରଦାନରେ ବିଳମ୍ବ ଏବଂ ପ୍ରଥମ ଅପିଲ କର୍ତ୍ତୃପକ୍ଷ ଆବେଦନକୁ ଶୁଣାଣି ନକରିବା ଘଟଣା ଉକ୍ତ କାର୍ଯ୍ୟରେ ହୋଇଥିବା ଦୁର୍ନୀତିକୁ ଚପାଇ ରଖିବା ପାଇଁ ଏକ ପ୍ରୟାସ ବୋଲି ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ବୋଲି ଆବେଦନକାରୀ କହିଛନ୍ତି। ପୂର୍ବରୁ ଦୁଷ୍ମନ୍ତ ଏସମ୍ପର୍କରେ ଲିଖିତ ଭାବରେ ପୂର୍ତ୍ତ ଡିଭିଜନ ନଂ-୨ର ଅଧୀକ୍ଷଣଯନ୍ତ୍ରୀଙ୍କୁ ଜଣାଇ ଧାରଣାରେ ବସିଥିଲେ। ଅଧୀକ୍ଷଣଯନ୍ତ୍ରୀ ଆବେଦନକାରୀ ଦୁଷ୍ମନ୍ତଙ୍କୁ କାର୍ଯ୍ୟାଳୟକୁ ଡକାଇ ଆଲୋଚନା କରିବା ସହ ଏକସପ୍ତାହ ମଧ୍ୟରେ ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। କିନ୍ତୁ ଅଦ୍ୟାବଧି ତାଙ୍କ ଆବେଦନ ମୁତାବକ ସମସ୍ତ ତଥ୍ୟ ପ୍ରଦାନ କରାନଯିବା ସହିତ ଉକ୍ତ ରାସ୍ତା ଉନ୍ନତି କରଣ କାର୍ଯ୍ୟରେ ହୋଇଥିବା ଦୁର୍ନୀତି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ଦୁଷ୍ମନ୍ତ ପୂର୍ତ୍ତ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୨୧ତାରିଖରେ ଧାରଣା ଦେବେ ବୋଲି ଲିଖିତ ଭାବେ ମୁଖ୍ୟଯନ୍ତ୍ରୀଙ୍କୁ ଜଣାଇଦେଇଛନ୍ତି।



# ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ମାଲକାନଗିରି, ୯ ।୧ :(ମନ୍ଥନ)ଆଗାମୀ ୭୭ତମ ସାଧାରଣତନ୍ତ୍ର ଦିବସ-୨୦୨୬କୁ ମାଲକାନଗିରି ଜିଲ୍ଲାସ୍ତରରେ ପାଳନ କରାଯିବା ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀଙ୍କ ଦ୍ୱାରା ଗତବର୍ଷ ପ୍ରସ୍ତୁତି ବୈଠକର ବିବରଣୀ ଉପସ୍ଥାପନ ଆଧାରରେ ଆଲୋଚନା କରାଯାଇ ବୈଠକର ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ



କରାଯାଇଥିଲା । ଉତ୍ସବ ପାଳନ ଉପଲକ୍ଷେ ୨୬ ଜାନୁଆରୀ ପ୍ରଭାତରେ ଡ଼ାକବାଜି ଯନ୍ତ୍ର ଦ୍ୱାରା ମାଲକାନଗିରି ପୌରପାଳିକା ଅଞ୍ଚଳରେ ରାମଧୂନ ପରିକ୍ରମା କରାଯିବ । ସକାଳ ୭ ଟା ୩୦ରେ ବିଭିନ୍ନ ଅନୁଷ୍ଠାନରେ ପତାକା ଉତ୍ତୋଳନ କରାଯାଇ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଜିଲ୍ଲାସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବ । ଏହି ଦିବସ ପାଳନ ଉପଲକ୍ଷେ ପୂର୍ବରୁ ବକ୍ତୃତା, ଚିତ୍ରାଙ୍କନ, ପ୍ରବନ୍ଧ ଆଦି ପ୍ରତିଯୋଗିତାମାନ ଆୟୋଜନ କରାଯିବା ପାଇଁ ଦିନ ଓ ସମୟ ଧାର୍ଯ୍ୟ କରାଗଲା ଯ ପ୍ରଭାତଫେରୀ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ଓ ସମ୍ମିଳିତ ପ୍ୟାରେଡ୍, ପ୍ୟାରେଡ୍ ପ୍ରତିଯୋଗିତା, ପ୍ୟାରେଡ୍ ପୂର୍ବାଭ୍ୟାସ ଓ ପ୍ୟାରେଡ୍ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ସମ୍ବନ୍ଧରେ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନା ଓ ଶିଶୁ ଗୃହ ରେ ରୋଗୀମାନଙ୍କୁ ଫଳ ବଣ୍ଟନ ଆଦି କାର୍ଯ୍ୟକ୍ରମ ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇ ପ୍ରାୟୋଜକ ଓ ପୃଷ୍ଠପୋଷକଭାବେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କ ମତାମତ ଗ୍ରହଣ କରାଯାଇଥିଲା ।ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ ଅଧ୍ୟାପିକା, ଗଣମାଧ୍ୟମ ପ୍ରତିନିଧି, ମାନ୍ୟଗଣ୍ୟ ବିଶିଷ୍ଟ ବ୍ୟକ୍ତି ଏହି ବୈଠକରେ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଉଦ୍‌ଘାଟିତ

ଜଳେଶ୍ୱର, ୯ ।୧ :(ମନ୍ଥନ) ଜଳେଶ୍ୱର ବ୍ଲକର ସୁବର୍ଣ୍ଣରେଖା ଗ୍ରାମୀଣ ମହୋତ୍ସବ ଉଦ୍ଘାଟିତ ହୋଇଯାଇଛି । ଦୀର୍ଘବର୍ଷ ଧରି ଏହି ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଥିବା ବେଳେ କରୋନା ପରେ ଏହା ବନ୍ଦ ହୋଇଯାଇଥିଲା । ଚଳିତବର୍ଷ ପୁଣି ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିବାରୁ ସ୍ଥାନୀୟ ଝାଡପିମ୍ପଳ, ବାଇଗଣବାଡିଆ, ପଶ୍ଚିମବାର୍ଡ ପଂଚାୟତ ସହିତ ନିକଟସ୍ଥ ବହୁ ପଂଚାୟତବାସୀଙ୍କ ସହଯୋଗରେ ଅନୁଷ୍ଠିତ ହେଉଥିବାରୁ ମେଳାକୁ ଉପଭୋଗ କରିବାଲାଗି ବହୁ ଲୋକ ଏକତ୍ରିତ ହୋଇଥିଲେ । ଏହି ମେଳାକୁ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି ଉଦ୍‌ଘାଟନ କରି ଉଦ୍ଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଂଚଳବାସୀଙ୍କ ସହଯୋଗରେ ଏପରି କାର୍ଯ୍ୟ ହେଉଥିବାରୁ ଗ୍ରାମାଂଚଳର ଲୋକମାନେ ଏଥିରୁ ଭରପୁର ଉପଭୋଗ କରିଥାନ୍ତି ବୋଲି କହିଥିଲେ । ମେଳା କମିଟିର ସଭାପତି ରମେଶ ଚନ୍ଦ୍ର ପାତ୍ର ପୌରହିତ୍ୟ କରି ଅଭିମୁଖ୍ୟ ପ୍ରଦାନ କରିବା ସହିତ ଛଅ ଦିନ ଧରି ହେବାକୁଥିବା ମେଳାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ମୁଖ୍ୟ ବକ୍ତା ଭାବେ



ବରିଷ୍ଠ ନେତା ତଥା ମେଳା କମିଟିର କାର୍ଯ୍ୟକାରୀ ସଭାପତି ବ୍ରଜମୋହନ ପ୍ରଧାନ ଯୋଗଦେଇ ଅଂଚଳର ବିକାଶ ମହୋତ୍ସବ ମାଧମ ହେଉଥିବା ବେଳେ ପ୍ରତିଭାଧର ମାନଙ୍କୁ ଆଗକୁ ନେବାରେ ସହାୟକ ହୋଇଥାଏ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଂଚ ସମ୍ଭୁନାଥ ଜେନା ଓ ଜୟକୃଷ୍ଣ ଅଣ୍ଡିଆ,ସମାଜସେବୀ ଭୂପତି ଚରଣ ମିଦ୍ଧା, ସାମ୍ବାଦିକ ରବିନାରାୟଣ ପାତ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇ ମହୋତ୍ସବ ଦ୍ୱାରା ସ୍ଥାନୀୟ ଅଂଚଳର କଳା, ସଂସ୍କୃତିର ବିକାଶ ସହିତ ବିପଣୀର ସୁଯୋଗ ମିଳିଥାଏ ବୋଲି କହିଥିଲେ । ଓଷ୍ଟା ଜଳେଶ୍ୱର ମଣ୍ଡଳ ସଭାପତି ସୁକୁମାର ମିଶ୍ର ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କମିଟିର ସଂପାଦକ ଚନ୍ଦନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରସାଦ ରାଉଳ, ଗୋଲବଦନ ବିବି, ସେକ୍ ହବିବୁଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନନ୍ତ କୁମାର ଜେନା, ବାପୁଜୀ ଦାସ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଜୟନୁର କରାମତ ଅଲ୍ଲି, ତରାଫ ଅଲ୍ଲି ସାହା, ଶଶୀକାନ୍ତ ପାତ୍ର, ଝାଡେଶ୍ୱର୍ ପାତ୍ର ପ୍ରମୁଖ ବହୁ ବ୍ୟକ୍ତି ପରିଚାଳନା କରିଥିଲେ । ଏ ସୁସଜ୍ଜିତ ପଟୁଆର ପ୍ରାୟ ୧ କି.ମି. ରାସ୍ତା ଅତିକ୍ରମ କରି ମେଳା ପଡିଆକୁ ଆସିଥିଲା ।

# ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ଏକତା ସମାବେଶ ଓ କ୍ରୀଡ଼ା ପ୍ରତିଯୋଗିତା

ଅନୁଗୋଳ,୯ ।୧ :(ମନ୍ଥନ)ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ଇନଡୋର ଷ୍ଟାଡିୟମଠାରେ ୨ଦିନିଆ। ଏକତା ସମାବେଶ ଓ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରଫେସର ଶ୍ରୀ ସୁଶାନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଶ୍ରୀ ରାକେଶ ରଞ୍ଜନ ବେହେରା ଯୋଗ ଦେଇ କ୍ରୀଡାବିମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଏକ କବାଡି ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ମେରା ଯୁବା ଭାରତର ସହ ସଂଯୋଜକ ତପନ କୁମାର ସାମଲ, ଉତ୍କର୍ଷ ପରିବାରର ଭୀଷ୍ମ ସାହୁ, ଅନୁଗୋଳ ଲାଇଟ୍ ହାଉସ୍ ର ସହକର୍ମୀ ହୋମଦ୍ୟୁତି ବେହେରାଙ୍କ ସମେତ କ୍ରୀଡାବିମାନେ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ଅକ୍ଷୟ କୁମାର ସେଠ ଧନ୍ୟବାଦ ଅର୍ପଣ କରିଥିଲେ ।

# କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ଧାନମଣ୍ଡି ଉଦଘାଟିତ

କେନ୍ଦ୍ରାପଡ଼ା,୯ ।୧ :(ମନ୍ଥନ) ଜମଧର ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଶୁକ୍ରବାର ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ଜିଲ୍ଲାପାଳ ସରକାରୀ ନିୟମ ଅନୁଯାୟୀ ସମସ୍ତ ପଞ୍ଜିକୃତ ଚାଷୀମାନଙ୍କ ଧାନ ନିର୍ଦ୍ଧାରିତ ସମୟରେ ଶୃଙ୍ଖଳିତ ଭାବେ କ୍ରୟ କରିବାକୁ ପରାମର୍ଶ ଦେଇଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ସ୍ଥିରିକୃତ ନିୟମାବଳୀ ବିଷୟରେ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସମବାୟ ସମିତି ଉପନିବନ୍ଧକ ପ୍ରଭାକର ନାୟକ, ସହକାରୀ ନିବନ୍ଧକ ଯୋଗେନ୍ଦ୍ର ବିଶ୍ୱାଳ, ଆରଏମସି ସମ୍ପାଦକ ବିଦ୍ୟାଧର ବେହେରା, ବିକ୍ରମ ରାଉତରାୟ, ଆଇନଜୀବୀ ବିଜୟ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ଜମଧର ସମବାୟ ସମିତି ସମ୍ପାଦକ ବୈରାଗୀ ଚରଣ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ



ଜୀତେନ୍ଦ୍ର ପାଗଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚାଷୀ ସଂଘ ସଭାପତି ଶରତ ଚନ୍ଦ୍ର ମିଶ୍ର ଚାଷୀଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିବା ସହିତ ଜିଲ୍ଲା ପ୍ରଶାସନର ସହଯୋଗକୁ ପ୍ରଶଂସା କରିଥିଲେ। ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦୀପ୍ତ କୁମାର ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ। ଜମଧର ପ୍ରାଥମିକ କୃଷି ସମବାୟ ସମିତି ଲିଃର ସଭାପତି ଧରଣୀଧର ଦାସ ସଭାପତିତ୍ୱ କରିଥିବା ବେଳେ ନିର୍ଦ୍ଦେଶକ ଜିତେନ୍ଦ୍ର କୁମାର ମହାନ୍ତି ସଭା ପରିଚାଳନା କରିଥିଲେ। ସମବାୟ ସମିତି ପରିଚାଳନା ପରିଷଦର ସଭାନେତ୍ରୀ ମମତା ପ୍ରଧାନ, କୈଳାସ ଚନ୍ଦ୍ର ଦାସ, ବସନ୍ତ ଜେନା, ଅକ୍ଷୟ ମଳିକ, ଅକ୍ଷୟ ବାରିକ, ନମିତା ଦାସ, କୃଷ୍ଣଚନ୍ଦ୍ର ଦାସ, ଗୀତାଞ୍ଜଳି ବେହେରା, ଅଭିନାଶ ବାରିକ, ସଂଗମ ସାମଲ, ଭୀମସେନ ସେଠୀ ପ୍ରମୁଖ ସହଯୋଗ କରିଥିଲେ । ନିର୍ଦ୍ଦେଶ ଅଭିମନ୍ୟୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ପାଖା ପାଖି ୩ ଶହ ଚାଷୀ ଉପସ୍ଥିତ ଥିଲେ।

# ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଙ୍କୁ ସମ୍ବୋର୍ଦ୍ଧିତ କଲେ ନାଲକୋ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସଂଘ

ଅନୁଗୁଳ,୯ ।୧ :(ମନ୍ଥନ) ଅନୁଗୁଳ ଜିଲ୍ଲା ନାଲକୋ ଅବସରପ୍ରାପ୍ତ କର୍ମଚାରୀ ସଂଘ ର କର୍ମକର୍ତ୍ତା ଗୁରୁବାର ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଙ୍କୁ ଭେଟି ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ଅନୁଗୁଳ ଜିଲ୍ଲା ବିଜେପି କାର୍ଯ୍ୟାଳୟ ରେ ସଂଘ ର ସଭାପତି ଗୋକୁଳାନନ୍ଦ ଜେନା ଙ୍କ ନେତୃତ୍ୱରେ ୫୦ ରୁ ଉର୍ଦ୍ଧ ଅବସରପ୍ରାପ୍ତ କର୍ମଚାରୀ ସାଂସଦ ଙ୍କୁ ଭେଟିଥିଲେ । ସମ୍ବର୍ଦ୍ଧନା ପରେ ସାଂସଦ ଶ୍ରୀ ପାଣି ସଂଘ ର କର୍ମକର୍ତ୍ତା ଙ୍କ ସହ ଆଲୋଚନା କରିଥିଲେ । ନାଲକୋ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କ ପାଇଁ ତଥା ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ରି କ୍ରିଏସନ ସେଣ୍ଟର ନିର୍ମାଣ କରିବା ପାଇଁ ସାଂସଦ ଙ୍କୁ ସେମାନେ ଅନୁରୋଧ



କରିଥିଲେ ଅବସରପ୍ରାପ୍ତ ନାଲକୋ କର୍ମଚାରୀ ମାନଙ୍କୁ କ୍ୱାଟର ଛାଡିବା ପାଇଁ ଅତି କମରେ ଚଳିତ ରଥଯାତ୍ରା ପର୍ଯ୍ୟନ୍ତ ନାଲକୋ କର୍ତ୍ତୃପକ୍ଷ ସମୟ ଦେବାକୁ ସେମାନେ ସାଂସଦ ଙ୍କୁ ଅନୁରୋଧ କରିଥିଲେ ସାଂସଦ ନାଲକୋ ର ସିଏମଡି ଏବଂ ମାନବ ସମ୍ବଳ ନିର୍ଦ୍ଦେଶକ ଙ୍କ ସହ ଏ ବିଷୟରେ କଥା ହୋଇ ଅବସରପ୍ରାପ୍ତ କର୍ମଚାରୀ ଙ୍କର ଦାବୀ ପ୍ରତି ସହୃଦୟ ବିଚାର କରିବା ପାଇଁ ପରାମର୍ଶ ଦେଇଥିଲେ । ଅବସରପ୍ରାପ୍ତ କର୍ମଚାରୀ ସଂଘ ର ସଭାପତି ଶ୍ରୀଯୁକ୍ତ ଜେନା ଙ୍କ ସମେତ ସାଧାରଣ ସମ୍ପାଦକ ମାଙ୍ଗୀଲାଲ ସାମଲ, ଉପ ସଭାପତି ରମେଶ ବେହେରା, ପରେଶ ଜେନା ଓ ଦିଲ୍ଲୀପ ମିଶ୍ର ଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ରାଜ୍ୟ ସ୍ତରୀୟ କଲକ୍ଷେତ୍ର ମହୋତ୍ସବ ପାଳିତ

ପିପିଲି ,୯ ।୧ :(ମନ୍ଥନ) ପିପିଲି ପୁବାଶାସନ ସ୍ଥିତ ଗାନ୍ଧୀ ନଗର ଠାରେ ରାଜ୍ୟ ସ୍ତରୀୟ କଳାକ୍ଷେତ୍ର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । କଳାକ୍ଷେତ୍ର ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟର ୩୦ ଜିଲ୍ଲାରୁ ପ୍ରାୟ ଦୁଇ ହଜାର କଳାକାର ମାନେ ନିଜର ପାରମ୍ପରିକ କଳା ପ୍ରଦର୍ଶନ ପାଇଁ ସାମିଲ ହେଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସ୍ଥାନୀୟ ବିଧାୟକ ଆଶ୍ରୀତ ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ଆମ ରାଜ୍ୟର କଳା ସଂସ୍କୃତି ଦେଶ ବିଦେଶରେ ବେସ ସୁନାମ ଅର୍ଜନ କରିଛି ବୋଲି କହିଥିଲେ କାଯ୍ୟକ୍ରମ ରେ ଅନୁଷ୍ଠାନର ସମ୍ପାଦକ ତଥା ପ୍ରତିଷ୍ଠାତା ସଦସ୍ୟ ବାସୁଦେବ ମାଳବିଶୋଇ ଅଧକ୍ଷତା କରିଥିବାବେଳେ ସଭାପତି ଅଶ୍ରୁମୋଚନ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ ଅନ୍ୟତମ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ରଶ୍ମୀପ୍ରଭା ଦାସ, ଅନୁଷ୍ଠାନର ଉପସଭାପତି ନିହାରିକା ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକ, ଶ୍ରୀଭୂଷଣ ପଟ୍ଟନାୟକ ଯୋଗ ଦେଇଥିଲେ



ଅତିଥିମାନଙ୍କ ଦ୍ୱାରା କଳାକ୍ଷେତ୍ରର ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା ପରମ୍ପରା ଓ ଭାଇଚାରା ବଜାୟ ରଖିଥିବାରୁ କଳାକ୍ଷେତ୍ର ଅନୁଷ୍ଠାନ ପ୍ରତି ଖୁସି ବ୍ୟକ୍ତ କରିଥିଲେ । ଏଥିସହ କୋଣାର୍କ ର ନିର୍ଦ୍ଧାରିତ ମଞ୍ଚରେ ରେ ପ୍ରତ୍ୟେକ ଦିନ ଲୋକକଳା ପ୍ରଦର୍ଶନ ହେବ, ଏହାକୁ କଳାକ୍ଷେତ୍ର ଅନୁଷ୍ଠାନ ତୁଲାଇବ ବୋଲି ଉପମୁଖ୍ୟମନ୍ତ୍ରୀ ମଂଚ ରୁ ଘୋଷଣା କରିଥିଲେ । ଏହି ଅବସରରେ କଳାକ୍ଷେତ୍ର ର ଗାଁ ମୋ ମାଁ, କଳାକ୍ଷେତ୍ର ଆଦର୍ଶ ୧୦ଟି ଏବଂ କଳାକ୍ଷେତ୍ର ଗ୍ରାମ କାର୍ଯ୍ୟକ୍ରମ ର ଲୋକାର୍ପଣ ହୋଇଥିଲା ଯ ପରେ ୩୦ ଜଣଙ୍କୁ କଳାକ୍ଷେତ୍ର ସମ୍ମାନ ଓ ୧୦ ଟି କଳାକ୍ଷେତ୍ର ଆଦର୍ଶ ଜିଲ୍ଲା ସମ୍ମାନ ଅତିଥି ଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ୨୦୨୬ରୁ ୨୦୨୯ପର୍ଯ୍ୟନ୍ତ କଳାକ୍ଷେତ୍ର ଅନୁଷ୍ଠାନ ପ୍ରତ୍ୟକ ଜିଲ୍ଲାରେ ଦଶ ଟି ଆଦର୍ଶ କଳାକ୍ଷେତ୍ର ଜିଲ୍ଲା ସୃଷ୍ଟି କରିବା ସହିତ ପଚାଶ ହଜାର ଗ୍ରାମରେ ଗାଁ ମୋ ମା କାଯ୍ୟକ୍ରମ କରିବ ତିରିଶି ଜିଲ୍ଲାର କଳାକାର ମାନେ ଯୋଗ ଦେଇ ପାରମ୍ପରିକ ଲୋକ କଳା ଏବଂ ନୃତ୍ୟ, ଗୀତ ପରିବେଷଣ କରିଥିଲେ ଯାହାକି ବିଳମ୍ବିତ ରାତି ପଯ୍ୟନ୍ତ ଦର୍ଶକ ମାନଙ୍କୁ ବାନ୍ଧି ରଖିଥିଲା ।

# କାହା ସ୍ୱାର୍ଥରେ ସରକାରଙ୍କ ମିଶନ ଶକ୍ତି ଗୃହ

ରଘୁନାଥପୁର,୯ ।୧ :(ମନ୍ଥନ) ଗ୍ରାମାଞ୍ଚଳରେ ଉନ୍ନତି ସାଧନ ପାଇଁ ବ୍ଲକ ମାଧ୍ୟମରେ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରି ଆସୁଛନ୍ତି । କିନ୍ତୁ ଏଗୁଡ଼ିକ ସାଧାରଣ ସ୍ତରରେ ଲୋକଙ୍କର କେତେ କାମରେ ଆସୁଛି ତାହାର ନିଛକ ଉଦାହରଣ ପାଲଟିଛି ।ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ରେଢୁଅ। ପଞ୍ଚାୟତରେ ନିର୍ମିତ ହୋଇଥିବା ମିଶନ ଶକ୍ତି ଗୃହୟ ବିଜେଡି ସରକାରଙ୍କ କାର୍ଯ୍ୟ କାଳ ସମୟ ୨୧-୨୨ରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଆର୍ଥିକ ଅନୁଦାନ ୫ଲକ୍ଷ ଟଙ୍କା ବିନିମୟରେ ରେଢୁଅ। ପଞ୍ଚାୟତର ହାଟ ବଜାରରେ ଏକ ମିଶନ ଶକ୍ତି ଗୃହ ନିର୍ମାଣ କରା ଯାଇଥିଲା । ଏହି କାର୍ଯ୍ୟଟି ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥିବା ବେଳେ ବ୍ଲକର ଅନ୍ୟଜଣେ କନିଷ୍ଠ ଯନ୍ତ୍ରୀ ଏହାର ବିଲ୍ କରିଥିଲେ। କିନ୍ତୁ ଦୀର୍ଘ ୩ବର୍ଷ



ଗତ ହୋଇ ଯାଇଥିଲେ ମଧ୍ୟ ଏହି ଗୃହକୁ ସଂପୃକ୍ତ ବିଭାଗକୁ ହସ୍ତାନ୍ତର କରା ଯାଇନଥିବା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ଏଥି ସହିତ ଏହି ଗୃହଟି ଏଭଳି ଏକ ନିରୁପିତ ସ୍ଥାନରେ ନିର୍ମାଣ କରାଯାଇଥିବା ନେଇ ବହୁ ଏସଏଚଜି ମହିଳା ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏ ସମ୍ପର୍କରେ ବିଭିନ୍ନ ଲୋକ ବିଭିନ୍ନ କଥା କହୁଥିବା ବେଳେ ବ୍ଲକ ପ୍ରଶାସନର ଏଥି ପ୍ରତି ନଜର ନଥିବାରୁ ଜନୈକ ବ୍ୟକ୍ତି ଏହି ଗୃହକୁ ନିଜ କାମରେ ଲଗାଉ ଥିବା ଅଭିଯୋଗ ହେଉଛି । ଏ ବାବଦରେ ବିଡିଓ ବିରେଞ୍ଚି ନାରାୟଣ ବେହେରା ଙ୍କୁ ପଚାରିବାରୁ ସେ ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିବା ଜଣାଇଛନ୍ତି । ସେହିପରି ମୁଁ ନିର୍ବାଚିତ ହେବା ପୂର୍ବରୁ ଏହି ଗୃହ ନିର୍ମାଣ ହୋଇଥିବା ଏବଂ ଘରଟି ସମ୍ପୂର୍ଣ୍ଣ ହେବା ଆଉ କିଛି କାର୍ଯ୍ୟ ବାକି ରହିଥିବା ଖବର ତାଙ୍କ ନିକଟରେ ରହିଛି ବୋଲି ରେଢୁଅ। ସରପଂଚ କିଶୋର ବେହେରା ଆମ ପ୍ରତିନିଧିଙ୍କୁ କହିଛନ୍ତି । ତେବେ ଏଭଳି ଆଡୁଆଳ ସ୍ଥାନରେ ମିଶନ ଶକ୍ତି ଗୃହ ନିର୍ମାଣ କରିବା ପାଇଁ କିଏ ସ୍ଥାନ ନିରୂପଣ କଲା,କଣ ପାଇଁ ଦୀର୍ଘ ଦିନ ହେବ ଗୃହଟିକୁ ବିଭାଗକୁ ହସ୍ତାନ୍ତର କରାନଯାଇ ବ୍ୟକ୍ତିଗତ କାର୍ଯ୍ୟରେ ଲାଗୁଥିବା ଏବଂ ନବନିର୍ମିତ ଗୃହଟିର ମାନ ନିର୍ଦ୍ଧାରଣ ଉପରେ ତଦନ୍ତର ଆବଶ୍ୟକତା ରହିଛି ବୋଲି ପଞ୍ଚାୟତବାସୀ ଦାବି କରିଛନ୍ତି । ଏଥି ପ୍ରତି ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ କରାଯାଇଛି ।

# ପାଞ୍ଚଦଫା ଦାବୀ ନେଇ ବ୍ଲକ ସମ୍ମୁଖରେ ଧାରଣା

କାକଟପୁର,୯ ।୧ :(ମନ୍ଥନ)କାକଟପୁର ବ୍ଲକ ରେ ପିସି କାରବାର କୁ ନେଇ ଦିନକୁ ଦିନ ପରିସ୍ଥିତି ଅଣାୟତ୍ତ ହେଉଥିବା ବେଳେ ଫଳାଫଳ ସ୍ୱରୂପ ବ୍ଲକ ର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ର ମାନ ଭୁଶୁଡି ପଡିବାରେ ଲାଗିଛି । ବ୍ଲକ ରେ ବିଭିନ୍ନ ବିଭାଗ ରେ କାର୍ଯ୍ୟଶୈଳୀ କୁ ନେଇ ସନ୍ଦେହ ଉପୁଜିଥିବା ବେଳେ ଏହାକୁ ନେଇ କାକଟପୁର ପଞ୍ଚାୟତ ସମିତି ସଭ୍ୟ ସମରେନ୍ଦ୍ର ଦୀକ୍ଷିତ, କଂଗ୍ରେସ ବରିଷ୍ଠ ନେତା କରୁଣାକର ସେନାପତି, ପ୍ରମୁଖ ବ୍ଲକ ସମ୍ମୁଖରେ ଧାରଣା ରେ ବସିଛନ୍ତି । ତାଙ୍କ ପାଞ୍ଚଦଫା ଦାବୀ ମୁତାବକ, ପ୍ରଥମେ ପିସି ମୁକ୍ତ ପ୍ରଶାସନ, ମିଶନ ଶକ୍ତି ଗୃହ ର ବ୍ୟବହାର, ଶିଶୁ ଓ ଗର୍ଭବତୀ ମହିଳା ଙ୍କୁ ସଠିକ ରାସନ ପ୍ରଦାନ, ଉଦ୍ୟାନ କୃଷି ବିଭାଗ କୁ କୁରୁଜଙ୍ଗ ରୁ କାକଟପୁର କୁ ସ୍ଥାନାନ୍ତର,ଲୋକ ପ୍ରତିନିଧି ଓ ଗ୍ରାମସଭା ର ନିଷ୍ପତି କୁ ସର୍ବୋଚ୍ଚ ଗୁରୁତ୍ୱ, ସରକାରୀ ଯୋଜନା ର ସୁଫଳ ସିଧାସଳଖ ହିତାଧିକାରୀ ଙ୍କ ନିକଟରେ ପହଞ୍ଚିବା ପାଇଁ ଦାବୀ ଉପସ୍ଥାପନା କରିଛନ୍ତି । ଏହି ସଂଗ୍ରାମ ବ୍ୟବସ୍ଥା ରେ ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ଧାରଣା ଜାରୀ ରହିବ ବୋଲି ସମିତି ସଭ୍ୟ ପ୍ରକାଶ କରିଛନ୍ତି ।

# ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣିଙ୍କୁ ଭେଟିଲେ ଟିଏଫଏଲର ଏମଡି

ଅନୁଗୁଳ, ୯ ।୧ :(ମନ୍ଥନ)ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଲୋକସଭା ରେ ବାରମ୍ବାର ତାଳଚେର ସାର କାରଖାନା ଟିଏଫଏଲ ସମ୍ପର୍କ ରେ ପ୍ରଶ୍ନ ଉଥାପନ କରି ଆସିଛନ୍ତି । କେନ୍ଦ୍ର ସାର ରସାୟନ ମନ୍ତ୍ରୀ ଜେପି ନଡ୍ଡା ସାଂସଦ ଶ୍ରୀ ପାଣି ଙ୍କୁ ଲିଖିତ ଭାବେ ଉତ୍ତର ମଧ୍ୟ ଜଣାଇଛନ୍ତି ଆଜି ଗୁରୁବାର ଟିଏଫ ଏଲ ର ଏମ ଡି ବିବେକ ଶ୍ରୀବାସ୍ତବ ଙ୍କ ସମେତ ସମସ୍ତ



ପଦାଧିକାରୀ ଢେଙ୍କାନାଳ ସାଂସଦ ଶ୍ରୀ ପାଣି ଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଟିଏଫ ଏଲ କାର୍ଯ୍ୟ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଟିଏଫ ଏଲ ୨୦୨୭ ରେ କାର୍ଯ୍ୟକ୍ଷମ ହେବ ଏବଂ ଟିଏଫ ଏଲ ରେ ଏଫ ସି ଆଇ ର ପୂର୍ବ କର୍ମଚାରୀ ଙ୍କର ଉତ୍ତରାଧିକାରୀ କ୍ଷତିଗ୍ରସ୍ତ ପ୍ରଜା ଓ ସ୍ଥାନୀୟ ବେକାର ଯୁବକ ଯୁବତୀ ଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ଦେବା ଉପରେ ଆଲୋଚନା କରାଯାଇଥିଲା । ଆଜିର ଉକ୍ତ ବୈଠକ ରେ ସାଂସଦ ଙ୍କ ସହ ପ୍ରାକ୍ତନ ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ଜୋନାଲ ମିଡିଆସେଲ ସଂଯୋଜକ ପର୍ଶୁରାମ ବାରିକ, ଜିଲ୍ଲା କୋଷାଧକ୍ଷ ବିଶ୍ୱଜିତ ମିଶ୍ର, ଜଗଦୀଶ ମିଶ୍ର, ମଣ୍ଡଳ ସଭାପତି ରାଜେଶ ଦଳେଇ ଟିଏଫ ଏଲ ଏମ ଡି ଶ୍ରୀଯୁକ୍ତ ବିବେକ ଶ୍ରୀବାସ୍ତବ, ଏଚ ଓ ଡି ଏଚ ଆର ଅନନ୍ତ ଆଚାର୍ଯ୍ୟ, ଚିଫ ମ୍ୟାନେଜର ସୁମନ୍ତ ପ୍ରଧାନ ଙ୍କ ସମେତ ବହୁ ଅଧିକାରୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତି ପ୍ରସ୍ତର ସ୍ଥାପନ

ବୁଗୁଡା,୯ ।୧ :(ମନ୍ଥନ): ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଉଚ୍ଚମାନର ବୌଦ୍ଧିକ ଶିକ୍ଷା ତଥା ଶୈକ୍ଷିକ ଭିତ୍ତିଭୂମିର ବିକାଶ, ପ୍ରାଥମିକ ବିଦ୍ୟାଳୟ ସ୍ତରରେ ଶିଶୁ ବାଟିକା ମାଧ୍ୟମରେ ଖେଳନା ସାମଗ୍ରୀ ତଥା ଉପକରଣ ମାଧ୍ୟମରେ ଶିକ୍ଷାଦାନ, ଶତ ପ୍ରତିଶତ ସମ୍ପୂର୍ଣ୍ଣ ଶିକ୍ଷା ଗ୍ରହଣ ସହ ଧନ୍ଦା ମୁଳକ ଶିକ୍ଷା ପ୍ରତି ଆକୃଷ୍ଟ କରାଇ ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ରୀୟ ସ୍ତରରେ ସମାନୁପାତିକ ଶିକ୍ଷା ପ୍ରଦାନ ନିମିତ୍ତ ରାଜ୍ୟ ସରକାରଙ୍କ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କ୍ରମେ




ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ୧୮୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସି ମାଧ୍ୟମରେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ବୁଗୁଡା ବ୍ଲକର ଖୋଳଖାଳି ପଞ୍ଚାୟତ ଅନ୍ତର୍ଗତ ତାଳସାକର ଗ୍ରାମସ୍ଥ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ଆଭାସି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୁଗୁଡା ବ୍ଲକରେ ଏକ ମାତ୍ର ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଏହି ଭିତ୍ତି ପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଏସ୍.ଧନଞ୍ଜୟ, ସମ୍ମାନିତ ଅତିଥି ଭାବେ ତହସିଲଦାର ତାପସ ରାଉତ, ଏବିଇଓ ଅମିତା କୁମାରୀ ପାଢୀ ଓ କୃଷ୍ଣଚନ୍ଦ୍ର ବେହେରା, ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି କେ.ନୀଳମାଧବ ଆଚାରୀ ପ୍ରମୁଖ, ନାଏବ ସରପଞ୍ଚ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ପୂର୍ବକ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ସିମାଞ୍ଚଳ ସେଠୀ ପରିଚାଳନା କରିଥିଲେ ।

# ସଡ଼କ ସୁରକ୍ଷା ମାସ କାର୍ଯକ୍ରମ ଅନୁଷ୍ଠିତ

ଡେଲାଙ୍ଗ,୯ ।୧ :(ମନ୍ଥନ)ଭାରତ ସରକାର ଏବଂ ଓଡ଼ିଶା ସରକାର ଙ୍କ ଆହ୍ୱାନ କ୍ରମେ ଜାନୁଆରୀ ୧ ଠାରୁ ଜାନୁଆରୀ ୩୧ ପର୍ଯନ୍ତ ସଡକ ସୁରକ୍ଷା ମାସ ପାଳନ କରାଯାଉଛି । ସଡକ ସୁରକ୍ଷା ଜୀବନ ରକ୍ଷା,ସରକାରଙ୍କ ନିୟମ ମାନି ସଡକ ଯାତ୍ରା କରିବା ଭଳି ବିଭିନ୍ନ ସଚେତନ ଉପରେ ପରାମର୍ଶ ଦିଆଯାଇଥିଲା । ଏହି ଅବସରରେ ଡେଲାଙ୍ଗ ବ୍ଲକର ନଡାଖଣ୍ଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ସଡ଼କ ସୁରକ୍ଷା ମାସ ପାଳନ ହୋଇଯାଇଛି । ଏହାକୁ ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଇଣ୍ଡିଆନ ଇନଷ୍ଟିଚୁଟ ଅଫ ସୋସିଆଲ ଆକସନ , ପ୍ରଚଣ୍ଡେଶ୍ୱର ସେବା ସଂସ୍ଥାନ ଓ ସୟୋଗ କେୟାର ଫର ୟୁ , ନୂଆଦିଲ୍ଲୀ ସହ



ଆୟୋଜକରେ ସଡ଼କ ସୁରକ୍ଷା ଉପରେ ସ୍କୁଲ ପିଲାମାନଙ୍କ ମଧ୍ୟରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କାର୍ଯକ୍ରମରେ ୫୦ ରୁ ଅଧିକ ପିଲା ଭାଗ ନେଇଥିଲେ ଓ ସେଥି ମଧ୍ୟରୁ କୃତୀ ପ୍ରତିଯୋଗୀ ରୂପେ ପ୍ରଜ୍ଞା ପ୍ରିୟ ଦର୍ଶନୀ ବିଶ୍ୱାଳ ପ୍ରଥମସ୍ଥାନ ୨ୟ ସ୍ଥାନ ମଳୟ ରଞ୍ଜନ ସାହୁ, ସୂଚିସ୍ମିତା ଭୋଳ ୩ୟ ସ୍ଥାନ ଅଧିକାର କରି ଅତିଥି ମାନକ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ଏହି କାର୍ଯ୍ୟ କ୍ରମରେ ମୁଖ୍ୟ ଅତିଥି ରୂପେ ନଡାଖଣ୍ଡ ପ୍ରକଳ୍ପ ଉଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରୁଣାକର ମଲ୍ଲିକ , ଅନ୍ୟାନ ଅତିଥି ରୂପେ ଶିକ୍ଷକ- କୃଷ୍ଣ ଚନ୍ଦ୍ର ନାୟକ , ଶିକ୍ଷୟତ୍ରୀ ରମାମଣି ପ୍ରଧାନ , ସୁର୍ଯ୍ୟକାନ୍ତି ବିଶ୍ୱାଳ , ସମାଜସେବୀ ଅଶୋକ କୁମାର ପେଣ୍ଟଇ ଓ ପ୍ରକାଶ ଭୋଳ ଯୋଗ ଦେଇଥିଲେ ।ସର୍ବଶେଷରେ ପ୍ରଚଣ୍ଡେଶ୍ୱର ସେବା ସଂସ୍ଥାନ ର ସଭାପତି ବାସୁଦେବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଅବିନାଶ ସ୍ୱାଇଁ ସହଯୋଗ କରିଥିଲେ ।

ସୃଜନ

ଶନିବାର, ୧୦ ଜାନୁଆରୀ ,୨୦୨୬ ଭୁବନେଶ୍ୱର

SATURDAY, 10 JANUARY, 2026, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।



## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ନବଜାତ ଶିଶୁଙ୍କ ପାଇଁ ବିପଦ ହାଇପୋଥର୍ମିଆ

### ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଏବେ ଶୀତ ଓ କୁହୁଡ଼ି ଅଚାନକ ଭାବେ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିବାବେଳେ ନବଜାତ ଶିଶୁଙ୍କ ପାଇଁ ବିପଜ୍ଜନକ ହେଉଛି ହାଇପୋଥର୍ମିଆ। ଯେତେବେଳେ ଆମପରି ବୟସ୍କ ଲୋକମାନେ ହାଡ଼ଭଙ୍ଗା ଶୀତରେ ଜଡ଼ଶଡ଼ ହୋଇଯାଉଛେ ସେତେବେଳେ ଭାବନ୍ତୁ ନବଜାତକଙ୍କ ପାଇଁ ଏହା କେତେ ଘାତକ ସାବ୍ୟସ୍ତ ହୋଇପାରେ। ସହଯେ ବିଷାକ୍ତ ବାୟୁ ପ୍ରଦୂଷଣ ସମଗ୍ର ବାୟୁମଣ୍ଡଳକୁ ବିପଜ୍ଜନକ ସାବ୍ୟସ୍ତ କରିଥିବା ସମୟରେ ଆସନ୍ତୁ ନବଜାତକ ଶିଶୁଙ୍କ ପାଇଁ ଘାତକ ସାବ୍ୟସ୍ତ ହେଉଥିବା ହାଇପୋଥର୍ମିଆ ସମ୍ପର୍କରେ ଆଲୋଚନାଟି ରଖିବା।

ହାଇପୋଥର୍ମିଆ ଦୁଇ ପ୍ରକାର ବୟସସୀମା ଭିତରେ ଦେଖାଯାଏ। ମାସକର ଶିଶୁ ଓ ଦୁଇ ମାସରୁ ୧ ବର୍ଷ ବୟସର ପିଲାଙ୍କ ଶରୀରରେ ଏହା ଅଧିକ ଦେଖାଯାଏ। ମାସକରୁ କମ ବୟସର ଶିଶୁଙ୍କ ଶରୀର ଜଲଦି ଥଣ୍ଡା ପଡ଼ିଯାଏ, ଅତ୍ୟାବଶ୍ୟକ ଗରମ ପୋଷାକ ପିନ୍ଧା ନଗଲେ, ମା' ପେଟର ତାପମାତ୍ରା ଠାରୁ ବାହାର ତାପମାତ୍ରା କମ ହୋଇଗଲେ ଶିଶୁଙ୍କ ଠାରେ ଏହି ରୋଗ ଦେଖାଯାଏ। ବର୍ଷକରୁ କମ ବୟସର ପିଲାମାନଙ୍କର ଶରୀରରେ ହାଇପୋଥର୍ମିଆ ଦେଖାଯିବାର କାରଣ ହେଲା ପରିବେଶ।

ଯେତେବେଳେ ପିଲା ଖାଇବେ ନାହିଁ, ସେମାନଙ୍କ ଠାରେ ବିଭିନ୍ନ ସଂକ୍ରମଣ ଦେଖାଯିବ, ହାର୍ଟରେଟ କମିଯିବ ଏବଂ ଥଣ୍ଡା ଧରିବ, ସେତେବେଳେ ଜାଣିବେ ସେ ବୋଧେ ହାଇପୋଥର୍ମିଆରେ ଆକ୍ରାନ୍ତ ହୋଇଛି।

ନବଜାତ ପିଲାଙ୍କ ହାତ ଓ ପାଦକୁ ବାରମ୍ବାର ଧ୍ୟାନ ଦେବା ଉଚିତ, କାରଣ ଏହି ରୋଗରେ ସେମାନଙ୍କ ହାତ ଓ ପାଦ ନଳୀ ପଡ଼ିଯାଏ। ପିଲାମାନେ ଖାଇବା ଗ୍ରହଣ କରିବେ ନାହିଁ, ଅଧିକ ସମୟ ଶୋଇବେ। ତାଙ୍କଠାରୁ ବଡ଼ ପିଲାଙ୍କ ଶରୀରରେ ବାରମ୍ବାର ସର୍ଦ୍ଦି ଧରିବ, ଖେଳାଖେଳି କରିବେ ନାହିଁ। ବ୍ୟବହାରରେ ଏପରି କିଛି ପରିବର୍ତ୍ତନ ଆସିଲେ ସଙ୍ଗେ ସଙ୍ଗେ ପାଖ ଡାକ୍ତରଖାନାକୁ ନେଇଯିବା ଉଚିତ।

ଶରୀରର ଉପଯୁକ୍ତ ତାପମାତ୍ରା ପାଇଁ ବିଭିନ୍ନ ପ୍ରକାର ଗ୍ରେଡ଼ିଂ ରହିଛି। ମାଇଲଡ ହାଇପୋଥର୍ମିଆରେ ଶରୀର ତାପମାତ୍ରା ୩୬ ଡିଗ୍ରୀରୁ ୩୬.୫ ଡିଗ୍ରୀ ସେଲସିୟସ ରହିବା ଉଚିତ। ସେହିପରି ମଡରେଟରେ



ତାପମାତ୍ରା ୩୨-୩୬ ଡିଗ୍ରୀ ମଧ୍ୟରେ ଏବଂ ସିଭିଅର ହାଇପୋଥର୍ମିଆରେ ୩୬ ଡିଗ୍ରୀରୁ କମ ତାପମାତ୍ରା ରହିବ। ସେଥିପାଇଁ ମଡରେଟ ଓ ସିଭିଅର ହାଇପୋଥର୍ମିଆ ଅଧିକ ବିପଦପୂର୍ଣ୍ଣ। ଏହି ସମୟରେ ଡାକ୍ତରଖାନାରେ ଶିଶୁଙ୍କ ରେଡିଆଣ୍ଟ ୱାର୍ମର ତଳେ ରଖିଥାଉ। ୩୪ ଡିଗ୍ରୀ ତାପମାତ୍ରା ଆଣିବା ପର୍ଯ୍ୟନ୍ତ ସେମାନଙ୍କୁ ଜୋର ଜୋର ଘସାଯାଏ। ଏହାପରେ ୩୬ ଡିଗ୍ରୀ ପର୍ଯ୍ୟନ୍ତ ଆଣିବାକୁ ଚେଷ୍ଟା କରାଯାଏ।

ନବଜାତ ଶିଶୁଙ୍କୁ ମାସକ ଭିତରେ ଗାଧେଇବେ ନାହିଁ। ମୋଟା ପୋଷାକ ପିନ୍ଧାଇବେ ଏବଂ ବଡ଼ ପିଲା ଘରେ ଥିଲେ ବି ଗରମ ପୋଷାକ ପିନ୍ଧାଇବେ। ଘରର ଉଷ୍ମତା ବଜାୟ ରଖିବା ଦରକାର। ନାଜାଲ ଡ୍ରପ ନାକରେ ପକାଇବା ଉଚିତ, କାରଣ ଏହା ନାକକୁ ଆର୍ଦ୍ର ରଖିଥାଏ। କୁହୁଡ଼ି ଓ ବିଷାକ୍ତ ବାୟୁମଣ୍ଡଳ ଆପଣଙ୍କ ଆଖପାଖ ପରିବେଶରେ ରହୁଥିଲେ କୌଣସି ପରିସ୍ଥିତିରେ ନବଜାତ ଶିଶୁ ଯେପରି ଏହାର ସଂସ୍ପର୍ଶରେ ନ ଆସିବେ ସେ ଦିଗ ପାଇଁ ଯତ୍ନବାନ ହୁଅନ୍ତୁ। ନବଜାତ ମାନଙ୍କୁ ସାମାନ୍ୟ ଥଣ୍ଡଜ୍ୱର, ଛିଙ୍କ ବା କୌଣସି ଶାରୀରିକ ଅସ୍ୱସ୍ତିକର ଅବସ୍ଥା ଦେଖିବାମାତ୍ରେ ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନା, ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ପିଲାଟି ଯେପରି ଉଷୁମ ପରିବେଶ ପାଇବ ଓ ପର୍ଯ୍ୟାପ୍ତ ପରିମାଣର ମା'କ୍ଷୀର ଖାଇବ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ। କେହି କେହି ଶୀତ ଦିନ ସୂର୍ଯ୍ୟକିରଣ ନବଜାତକଙ୍କ ପାଇଁ ଭଲ ବୋଲି ବିଚାର କରିଥାନ୍ତି କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୂର୍ଯ୍ୟକିରଣ ପିଲାଟି ପାଉ କିନ୍ତୁ ବାୟୁମଣ୍ଡଳର ଜଳୀୟ କଣା ଏବଂ ବିଷାକ୍ତ ପରିବେଶ ଯେପରି ତାହା ସ୍ୱାସ୍ଥ୍ୟ ଅବସ୍ଥାକୁ ନ ବିଗାଡ଼େ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ। ପିଲାଟି କ୍ଷୀର ଖାଉଥିଲେ ମା'ମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ସେମାନେ ଥଣ୍ଡାଜାତୀୟ ଜିନିଷ ଠାରୁ ଦୂରେଇ ରହିବା ସହ ନିଜେ ଯେପରି କୁହୁଡ଼ି ଧୂଳି ଧୂଆଁଠାରୁ ଦୂରେଇ ରହିବେ ସେଥିନିମିତ୍ତ ଯତ୍ନବାନ ହୁଅନ୍ତୁ। ହାଇପୋଥର୍ମିଆ ସେପରି ଏକ ଭୟଙ୍କର ରୋଗ ନୁହେଁ କିନ୍ତୁ କୌଣସି ପ୍ରକାରରେ ତୁଟୁକା ତୁଟୁକି ବା ଗୁଣୀ ଗାରେଡ଼ି ଚିକିତ୍ସାକୁ ଆଦୌ ଗ୍ରହଣ କରନ୍ତୁ ନାହିଁ। ସରକାରୀ ବ୍ୟବସ୍ଥାରେ ପିଲାଟିର ଚିକିତ୍ସା କରନ୍ତୁ। ଅଧୈର୍ଯ୍ୟ ନହୋଇ ଭଗବାନଙ୍କ ଉପରେ ବିଶ୍ୱାସ ରଖି ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ଓ ଚିକିତ୍ସା ବ୍ୟବସ୍ଥାକୁ ଆପଣାଇଲେ ଦେଖିବେ ପିଲାଟି ହାଇପୋଥର୍ମିଆରୁ ନିଶ୍ଚିନ୍ତ ଆରୋଗ୍ୟ ଲାଭ କରିପାରିବ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
E-mail : drjyotiranjanchampatray123@gmail.com

# ଜଳବାୟୁ ପରିବର୍ତ୍ତନ

ବିଶ୍ୱ ଜଳବାୟୁରେ ପରିବର୍ତ୍ତନର ଏକ ମୁଖ୍ୟ କାରଣ ହେଲା ଆଖିବୁଜା ଗଛକଟାଯିବା। ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଜନବସତି ବୃଦ୍ଧି, ଶିଳ୍ପ କାରଖାନା ଏବଂ କୃଷି ଉପଯୋଗୀ ଜମି ପରିମାଣ ବୃଦ୍ଧି ଯୋଗୁ ଜଙ୍ଗଲ ପରସୀମା ହ୍ରାସ ପାଉଛି। କଙ୍କ୍ରିଟ ଜଙ୍ଗଲ ବୃଦ୍ଧି ହେତୁ ପ୍ରକୃତ ଜଙ୍ଗଲ ନଷ୍ଟ ହେଉଛି। ଫଳରେ ବାୟୁ ମଣ୍ଡଳର ଉତ୍ତାପ ବୃଦ୍ଧି, ବର୍ଷା କମିବା ଏବଂ ଅସ୍ୱାଭାବିକ ପାଣିପାଗ, ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ଏବଂ ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇ ମଣିଷ ନାନା ପ୍ରକାର ରୋଗର ଶୀକାର ହେବା ଦେଖାଯାଉଛି। ତେଣୁ ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନକୁ ରୋକିବା ଲାଗି ଜଙ୍ଗଲ ଧ୍ୱଂସକୁ ରୋକିବା ଏବଂ ବୃକ୍ଷରୋପଣ ନିହାତି ଜରୁରୀ ବୋଲି ସମସ୍ତେ ଏକମତ। ବିଶ୍ୱବ୍ୟାପୀ ଏଥିଲାଗି ଜନ ସଚେତନତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ବିଭିନ୍ନ ସମୟରେ ଅନ୍ତର୍ଜାତୀୟ ସ୍ତରରେ ଏହା ଉପରେ ଆଲୋଚନା, ଚର୍ଚ୍ଚା ହେଉଛି, ପ୍ରସ୍ତାବ ଗୃହୀତ ହେଉଛି, ସଙ୍କଳ୍ପ ବି ପାରିତ ହେଉଛି। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର କାର୍ଯ୍ୟକାରୀତା ଯଥେଷ୍ଟ କମ ଦେଖିବାକୁ ମିଳୁଛି। ପରିବେଶ ସୁରକ୍ଷା, ବୃକ୍ଷ ରୋପଣ କେବଳ ସ୍ଲୋଗାନରେ ସୀମିତ ହୋଇ ରହିଛି। ସମସ୍ତେ ଅନ୍ୟକୁ ଉପଦେଶ ଦେଉଛନ୍ତି, ନିଜେ ପରିବେଶ ସୁରକ୍ଷା ସହିତ ସାଲିସ କରୁଛନ୍ତି। ବିକଶିତ ରାଷ୍ଟ୍ରମାନେ ଶିଳ୍ପସମୃଦ୍ଧ ହୋଇସାରିବା ପରେ ଅନ୍ୟ ଦେଶକୁ ଶିଳ୍ପ ପ୍ରତିଷ୍ଠାରୁ ବିରତ ରହିବାକୁ ଉପଦେଶ ଦେଉଛନ୍ତି। ଭାରତ ଭଳି ଏକ ବିଶାଳ ଜନବହୁଳ ଦେଶରେ ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଜଙ୍ଗଲ ଧ୍ୱଂସ ଏକ କ୍ରମାଗତ ପ୍ରକ୍ରିୟାରେ ପରିଣତ ହୋଇଛି। ଏହାକୁ ରୋକିବା ଲାଗି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଆଇନ ପ୍ରଣୟନ କରିଛନ୍ତି। ବିନା ଅନୁମତିରେ ଗଛ କାଟିବାକୁ ଏକ ଧର୍ତ୍ତବ୍ୟ ଅପରାଧ ବୋଲି ଏଠାରେ ବିବେଚନା କରାଯାଉଛି। ଆଇନରେ ଏଥିଲାଗି କଠୋର ଦଣ୍ଡବିଧାନ ବ୍ୟବସ୍ଥା ମଧ୍ୟ ରହିଛି। ଏହା ସତ୍ତ୍ୱେ ଅନେକ ସମୟରେ ସରକାରୀ ସ୍ତରରେ ମଧ୍ୟ ଏହି ଆଇନର ବ୍ୟାପକ ଉଲ୍ଲଙ୍ଘନ କରାଯାଉଛି। ଅନେକ ଶିଳ୍ପ ପ୍ରକଳ୍ପ, ଖଣି କାର୍ଯ୍ୟ ନିମନ୍ତେ ଅବାଧରେ ଗଛ କଟାଯାଉଛି। ରାସ୍ତା ସମ୍ପ୍ରସାରଣ ଏବଂ ବଡ଼ ବଡ଼ କୋଠା ନିର୍ମାଣ ଲାଗି ମଧ୍ୟ ଗଛ କଟାଯାଉଛି। ନିକଟରେ ରାଜଧାନୀ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଥିବା ଏମଏଲଏ କଲୋନୀରେ ବିଧାୟକମାନଙ୍କ ପାଇଁ ନୂଆ ବହୁତଳ ବିଶିଷ୍ଟ ଫ୍ଲାଟ ନିର୍ମାଣ ଲାଗି ବହୁ ସଂଖ୍ୟାରେ ଗଛ କଟାଯାଇଛି। ଆଗକୁ ମଧ୍ୟ ଆହୁରି ଅନେକ ଗଛ କଟାଯିବାର ରହିଛି। ଏହା ବିରୋଧରେ ପ୍ରବଳ ଜନମତ ସୃଷ୍ଟି ହୋଇଛି ଏବଂ ଅନେକ ସ୍ୱେଚ୍ଛାସେବୀ ସଙ୍ଗଠନ, ରାଜନୈତିକ ଦଳ, ବ୍ୟକ୍ତି ବିଶେଷ ଏବଂ ପରିବେଶ ସୁରକ୍ଷା ଲାଗି କାର୍ଯ୍ୟରତ ସଙ୍ଗଠନ ରାସ୍ତାକୁ ଓହ୍ଲାଇଛନ୍ତି। ଓଡ଼ିଶା ହାଇକୋର୍ଟରେ ଏଥିନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ଯେଉଁସବୁ ବଡ଼ ବଡ଼ ଗଛ କଟାଯାଇଛି ତାହାର ବିକଳ୍ପ ଗଛ ଲଗାଯାଇ ସେତିକି ବଡ଼ ହେବା ପର୍ଯ୍ୟନ୍ତ ଅପେକ୍ଷା କଲେ ୩୦ ବର୍ଷ ଲାଗିଯିବ। ବହୁତଳ ବିଶିଷ୍ଟ ଫ୍ଲାଟ ନିର୍ମାଣ ନିମନ୍ତେ ଗଛ କାଟିବା ନିହାତି ଜରୁରୀ ନଥିଲା। ଗଛ ନକାଟି ମଧ୍ୟ ଘର ନିର୍ମାଣ କରାଯାଇପାରିଥାନ୍ତା। ନଚେତ ବିଧାୟକମାନଙ୍କ ପାଇଁ ଅନ୍ୟ ସ୍ଥାନରେ ଘର ତିଆରି କରାଗଲେ କ୍ଷତି କ'ଣ ହେବ ? ଏଭଳି ଅବାଧ ଗଛକଟାକୁ ସମ୍ପୃକ୍ତ ବିଧାୟକମାନେ ପ୍ରଥମେ ବିରୋଧ କରିବାର ଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ସେମାନେ ନିଜ ସ୍ୱାର୍ଥ ପାଇଁ ନିରବ ରହୁଛନ୍ତି। ଏଥିନେଇ ଥାନାରେ ଏତଲା ମଧ୍ୟ ଦିଆଯାଇଛି। ବାସ୍ତବରେ ଏହାକୁ ହାଲୁକାଭାବେ ଗ୍ରହଣ କରାଯିବା ଅନୁଚିତ। ଏଭଳି ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ଯେମିତିକି ଭବିଷ୍ୟତରେ ଆଉ କେହି ଏପରି କାର୍ଯ୍ୟକରିବାକୁ ସାହସ କରିବେ ନାହିଁ। ଯଦି କୌଣସି ବେସରକାରୀ ସଂସ୍ଥା ବା ବ୍ୟକ୍ତି ବିଶେଷ ନିଜ ଘର ବା କୋଠା ନିର୍ମାଣ ନିମନ୍ତେ ଗଛ କାଟିବ , ତେବେ ସରକାରୀ ବାବୁମାନେ ତାଙ୍କୁ ମୋଟା ଅଙ୍କର ଜରିମାନା କରିବେ ଏବଂ ବେଶ କଠୋର ଦଣ୍ଡ ବିଧାନ ହେବ। କିନ୍ତୁ ଏଠାରେ ଯିଏ ରକ୍ଷକ ହେବା କଥା, ସେ ହିଁ ଭକ୍ଷକ ହୋଇଛି। ତାଙ୍କ ବିରୋଧରେ ଅଧିକ କଠୋର ଭୂମିକା ଗ୍ରହଣ କରାଯିବା ଉଚିତ। କେବଳ ଏହି ଗୋଟିଏ ଘଟଣା ନୁହେଁ, ଏଭଳି ଘଟଣାର ଅନେକ ଉଦାହରଣ ରହିଛି ଯେଉଁଠି ଅବାଧରେ ଗଛ କଟାଯାଉଛି,କିନ୍ତୁ ଏହାର ବିକଳ୍ପ ବ୍ୟବସ୍ଥା କରାଯାଉନି। ଅନେକ ଶିଳ୍ପ ପ୍ରକଳ୍ପ ଲାଗି ଗଛ କଟା ହେଉଛି। କିନ୍ତୁ ସେତିକି ନୂଆ ଗଛ ଲଗାଯାଉନି। ପୋସ୍କୋ ପ୍ରକଳ୍ପ ଲାଗି ପାରାଦ୍ୱୀପ ନିକଟରେ ଶହ ଶହ ଗଛ କଟାଗଲା। କିନ୍ତୁ ସେହି ଅନୁପାତରେ ଗଛ ଲଗାଗଲାନି। ପୋସ୍କୋ ପ୍ରକଳ୍ପ ବି କାର୍ଯ୍ୟକାରୀ ହେଲାନି। ଏହାକୁ କହନ୍ତି ନିଜ ଗୋଡ଼ରେ କୁରାଢ଼ି ମାରିବା। ଏଥିପାଇଁ ଭବିଷ୍ୟତପୀଢ଼ୀକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ। ଆମେ ଏଥିପାଇଁ ଉତ୍ତରଦାୟୀ ରହିବା ଉଚିତ। ଏହି ଭୁଲ ନିମନ୍ତେ ଇତିହାସ ଆମକୁ କେବେ କ୍ଷମା ଦେବନାହିଁ। ରାଜଧାନୀ ଭୁବନେଶ୍ୱରରେ ଯେପରି ଅବିଚାରିତ ଭାବେ ଗଛ କଟା ହେଉଛି ତାହା ରାଜଧାନୀବାସୀଙ୍କ ଲାଗି ମହଙ୍ଗା ପଡ଼ିବ। ଆଜି ରାଜଧାନୀ ଭୁବନେଶ୍ୱର ଯଦି ହଟ ଚାମ୍ବରରେ ପରିଣତ ହୋଇଛି ତାହା କେବଳ ଏହି କାରଣରୁ। ଆଜି ରାଜଧାନୀରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି ତାହା କେବଳ ଏହି କାରଣରୁ। ଏହାକୁ ବନ୍ଦ କରିବା ଦାୟିତ୍ୱ ସରକାରଙ୍କର। ଏହା ବିରୋଧରେ ପ୍ରବଳ ଜନମତ ସୃଷ୍ଟି ହେଲେ ଯାଇ ସରକାର ହୁଏତ ଚେତିପାରନ୍ତି।

# ପୁତ୍ରଦା ଏକାଦଶୀ

### ଅଲେଖ ଚନ୍ଦ୍ର ସାମଲ

ପୌଷ ମାସ ଶୁକ୍ଳପକ୍ଷରେ ଯେଉଁ ଏକାଦଶୀ ପଡ଼େ ତାହାକୁ ପୁତ୍ରଦା ଏକାଦଶୀ କୁହାଯାଏ। ପୁତ୍ରଦା ଏକାଦଶୀରେ ନାମମନ୍ତ୍ର ଜପ କରିବା ସହ ଶ୍ରୀହରିଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ଏକାଦଶୀ ତିଥିରେ ଦୀପଦାନ ସହ ସମସ୍ତ ଫଳ ପୂଜା କରିବା ବିଧାନ ରହିଛି। ଭଗବାନ ଶ୍ରୀକୃଷ୍ଣ ଧର୍ମରାଜ ଯୁଧିଷ୍ଠିରଙ୍କୁ ଏହି ବ୍ରତର ମହତ୍ୱକୁ ବ୍ୟାଖ୍ୟା କରି କହିଥିଲେ ଏହି ତିଥିରେ ଅଧିଦେବତା ହେଉଛନ୍ତି ଭଗବାନ ନାରାୟଣ। ଏହି ତିଥିରେ ସମସ୍ତ ପାପନାଶ ହୋଇଥାଏ।

ପୂର୍ବକାଳରେ ଭଦ୍ରାବତୀପୁରୀ ରାଜା ସୁକେତୁମାନ ଶାସନ କରୁଥିଲେ। ତାଙ୍କର କୌଣସି ସନ୍ତାନ ନଥିଲେ। ଏହି କାରଣରୁ ରାଜା ଓ ରାଣୀ ଚମ୍ପା ଚିନ୍ତାରେ ରହୁଥିଲେ। ଦିନେ ରାଜା ରାଜପରିବାରର କୌଣସି ସଦସ୍ୟଙ୍କୁ ନ ଜଣାଇ ବନ୍ୟ ଭ୍ରମଣ କରିବା ପାଇଁ ବାହାରିଲେ। ରାଜା ବନର ଶୋଭାକୁ ଦେଖୁ ଦେଖୁ ଦ୍ୱିପ୍ରହର ହୋଇଗଲା। ରାଜା ଭୋଗ ଶୋଷରେ ଆଉଟୁ ପାଉଟୁ ହୋଇ ଖାଦ୍ୟ ସଂଗ୍ରହ ପାଇଁ ଖୋଜିବୁଲିଲେ। ଶେଷରେ ଏକ ସରୋବର ଓ ସରୋବର ତଟରେ ଅନେକ ମୁନିଋଷି ମାନଙ୍କର ଅଶ୍ରମ ସ୍ଥଳୀ ରହିଥିବାର ଦେଖିଲେ। ଏହା ରାଜାଙ୍କ ପାଇଁ ସୌଭାଗ୍ୟ ଥିଲା। ସେ ତତ୍‌କ୍ଷଣାତ ଘୋଡ଼ା ଉପରେ ବସି ସରୋବର ନିକଟରେ ପହଞ୍ଚି ସମସ୍ତ ମୁନିଋଷିମାନଙ୍କୁ ବନ୍ଦନା କରିବାକୁ ଲାଗିଲେ। ତାଙ୍କର ବନ୍ଦନାରେ ମୁନିଋଷିମାନେ ପ୍ରସନ୍ନ ହେଲେ। ରାଜା ମୁନି ମାନଙ୍କୁ ଦେଖି ପଚାରିଲେ ଆପଣମାନେ କିଏ ? ଆପଣଙ୍କ ନାମ କ'ଣ ତଥା ଆପଣମାନେ ଏଠାରେ ଏକତ୍ର ହୋଇଛନ୍ତି କାହିଁକି ? ମୁନି କହିଲେ ଆମେ ସମସ୍ତେ ବିଶ୍ୱଦେବ। ସ୍ନାନ କରିବାକୁ ଆସିଛୁ। ମାଘମାସ ନିକଟରେ ଆସୁଛି। ଆଜି ଠାରୁ ପାଞ୍ଚଦିନ ଧରି ମାଘ ସ୍ନାନ ଆରମ୍ଭ ହେବାକୁ ଯାଉଛି। ଆଜି ହିଁ ପୁତ୍ରଦା ଏକାଦଶୀ। ଯିଏ ଏହି ବ୍ରତ ପାଳନ କରିବ ତାର ପୁତ୍ର ହେବ। ରାଜା କହିଲେ ହେ ବିଶ୍ୱେଦେବଗଣ ଯଦି ଆପଣମାନେ ମୋ ଉପରେ ପ୍ରସନ୍ନ ଅଛନ୍ତି ତ ମୋତେ ପୁତ୍ର ଦିଅନ୍ତୁ। ମୁନି କହିଲେ ରାଜନ ଏହି ବ୍ରତ ବହୁତ ବିଖ୍ୟାତ, ଆଜିଠାରୁ ଏହି ବ୍ରତ ପାଳନ କରନ୍ତୁ। ମହାରାଜା ଭଗବାନ କେଶବଙ୍କ ଆଶୀର୍ବାଦରୁ ଆପଣଙ୍କୁ ପୁତ୍ର ଅବଶ୍ୟ ପ୍ରାପ୍ତ ହେବ। ଏହି ପ୍ରକାର ମୁନିଙ୍କ କହିବାନୁଯାୟୀ ରାଜା ଏହି ବ୍ରତକୁ ପାଳନ କରିବା ସହ ପୁତ୍ରଦା ଏକାଦଶୀ ଅନୁଷ୍ଠିତ କଲେ। ଦ୍ୱାଦଶରେ ସେ ନିଜ ବ୍ରତକୁ ଉଦ୍‌ଯାପିତ କରି ମୁନିଙ୍କ ଚରଣ ସ୍ପର୍ଶ କରି ଘରକୁ ଫେରିଲେ। ସେହିଦିନ ରାଣୀ ଗର୍ଭଧାରଣ କଲେ। ରାଜାଙ୍କର ଏକ ତେଜସ୍ୱୀ ପୁତ୍ର ହେଲା ଯାହା ଗୁଣର ଅଧିକାରୀ ହେବା ସହ ପ୍ରଜା ମାନଙ୍କର ପାଳକ ମଧ୍ୟ ହୋଇପାରିଥିଲେ। ଏହି ଦୃଷ୍ଟିରୁ ପୁତ୍ରଦା ଏକାଦଶୀ ବ୍ରତ ସମସ୍ତ ଏକାଦଶୀ ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ।

ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର
E-mail : alekha007samal@gmail.com

# ତେଲ ଟାଙ୍କି ତନଖି

### ଶ୍ୟାମ ସୁନ୍ଦର ସାମଲ

କଟକ-ଭୁବନେଶ୍ୱର ପରି ଦ୍ୱୈତନଗରୀ ଓ ରାଜ୍ୟର ବଡ଼ ବଡ଼ ସହର ମାନଙ୍କରେ ସହରରେ ଥିବା ପେଟ୍ରୋଲ ପମ୍ପ ଗୁଡ଼ିକ ପେଟ୍ରୋଲ ଓ ଡିଜେଲ ପକାଉଥିବା ଗାଡ଼ିକୁ ସଠିକ ପରିମାଣରେ ତେଲ ଦେଉଛି କି ନାହିଁ, ଗ୍ରାହକଙ୍କ ପାଇଁ ମୌଳିକ ସୁବିଧା ଉପଲବ୍ଧ କରାଇଛି କି ନାହିଁ ଏବଂ ତେଲର ମାନ ଯାଞ୍ଚ କରିବା ନିମନ୍ତେ ଆବଶ୍ୟକ ସୁବିଧା ଅଛି କି ନାହିଁ ଆଦି ଘଟଣାକୁ ନୀରିକ୍ଷଣ ନିମନ୍ତେ ଯୋଗାଣ ବିଭାଗର ଏନଫୋର୍ସମେଣ୍ଟ ଟିମ କିପରି କାମ କରୁଛି, ତାହା ସହରବାସୀ ବିଶେଷ କରି ତଳେ ପକାଇବାକୁ ପେଟ୍ରୋଲ ପମ୍ପ ଆସୁଥିବା ଲୋକେ ଜାଣିପାରୁ ନାହାନ୍ତି।

କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପେଟ୍ରୋଲ ପମ୍ପ ବିରୋଧରେ ଗ୍ରାହକମାନେ ଅନେକ ସମୟରେ ବିଭିନ୍ନ ଅଭିଯୋଗ କରିଥାନ୍ତି କେହି ଅପମିଶ୍ରିତ ତେଲ ବିକ୍ରି କରୁଥିବା ତ' ପୁଣି କିଏ ମୌଳିକ ସୁବିଧା ଗ୍ରାହକଙ୍କୁ ଯୋଗାଇ ଦିଆଯାଉ ନାହିଁ ବୋଲି ଅଭିଯୋଗ କରିଥାନ୍ତି। ଏସବୁ ଅଭିଯୋଗ ମିଳିବାପରେ ଯୋଗାଣ ବିଭାଗ ଉକ୍ତ ପେଟ୍ରୋଲ ପମ୍ପ ଗୁଡ଼ିକ ଉପରେ ଚଢ଼ଉ କରିଥାଏ। ତେବେ ଚଢ଼ାଉ ପରେ କୌଣସି କାର୍ଯ୍ୟାନୁଷ୍ଠାନ ହୁଏ କି ନାହିଁ ତାହା ଜାଣି ହୋଇନଥାଏ।

ସରକାରୀ ହିସାବ ଅନୁସାରେ କଟକ ଜିଲ୍ଲାରେ ମୋଟ ୧୫୧ଟି ପେଟ୍ରୋଲ ପମ୍ପ ରହିଛି। ସେଥି ମଧ୍ୟରେ କଟକ ମହାନଗର ନିଗମ ଅଞ୍ଚଳରେ ୨୧ଟି ପମ୍ପ ରହିଛି। ଏହି ପେଟ୍ରୋଲ ପମ୍ପ ଗୁଡ଼ିକ ଉପରେ ଅଭିଯୋଗ ଆସିଲେ ଯୋଗାଣ ବିଭାଗର ଏନଫୋର୍ସମେଣ୍ଟ ୟୁନିଟ ଚଢ଼ାଉ କରିଥାଏ। ହେଲେ ଚଢ଼ାଉ ପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିଆଯାଇଥିବା ନେଇ କିଛି ତଥ୍ୟ ନାହିଁ। ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯିବା ସମୟରେ ପେଟ୍ରୋଲ ପମ୍ପ ଗୁଡ଼ିକ ମାନଦଣ୍ଡ ପାଳନ କରୁନଥିବା ନଜରକୁ ଆସିଥାଏ। ତେଲର ଡେନସିଟି ପରୀକ୍ଷା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଏହା ଅଧିକାଂଶ ପେଟ୍ରୋଲ ପମପରେ ଅଚଳ ହୋଇଯାଇଛି। ସେହିଭଳି ପେଟ୍ରୋଲ ପମ୍ପରେ କେତେ ପରିମାଣର ତେଲ ଗଚ୍ଛିତ ରହିଛି, ତାହାର ରେକର୍ଡ଼ ମଧ୍ୟ ନଥାଏ। ଆଉ କେତେକେ ପେଟ୍ରୋଲ ପମ୍ପରେ କ୍ୟାସ ମେମୋ ଠିକ ଭାବେ ପରିଚାଳନା କରାଯାଇନଥାଏ। ଅନେକ ସ୍ଥାନରେ ତେଲ ମାପକୁ ନେଇ ଅଭିଯୋଗ ଆସିଲେ, ଆଭିଯୋଗକାରୀକୁ କାଚ ପାତ୍ରରେ ମାପ ପକାରେ ତେଲ ଦେଖାଇବା ପାଇଁ ବ୍ୟବସ୍ଥା ରହିଛି। ଗ୍ରାହକଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ସହ ଶୌଚାଳୟ ବାଧ୍ୟତାମୂଳକ ରହିଛି, କିନ୍ତୁ ବିଭିନ୍ନ ପେଟ୍ରୋଲ ପମ୍ପରେ ତାହା ଉପଲବ୍ଧ ନାହିଁ। ଚଳିତ ବର୍ଷ କଟକ ସହର ଉପକଣ୍ଠରେ ଥିବା ଦୁଇଟି ପେଟ୍ରୋଲ ପମ୍ପରେ ଚଢ଼ଉ ହୋଇଥିଲା। ତେବେ ଚଢ଼ାଉ ପରେ ଏନଫୋର୍ସମେଣ୍ଟ ଟିମ କି ରିପୋର୍ଟ ଦେଇଥିଲା ଏବଂ ଜିଲ୍ଲାପାଳଙ୍କ କୋର୍ଟରେ କେସ ହେଲା କି ନାହିଁ, ସେ ସମ୍ପର୍କରେ କିଛି ଜାଣି ହେଲାନାହିଁ। ପ୍ରଶାସନ ଏହି ଘଟଣାକୁ ହାଲକା ଭାବେ ନ ନେଇ ତୁରନ୍ତ ଦୃଷ୍ଟି ଦିଅନ୍ତୁ।

ସୁଭଦ୍ରା ନଗର, ବିଡ଼ାନାସୀ , କଟକ, ଦୂରଭାଷ : ୯୭୭୮୬୩୫୯୨୬

# ଘରେ ପାଇଖାନାର ଉପଯୁକ୍ତ ସ୍ଥାନ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆଜିକାଲି ଘରଟିଏ ତୋଳିଲେ ପାଇଖାନାଟିଏ ରଖିବା ନିତାନ୍ତ ଆବଶ୍ୟକ। କିନ୍ତୁ ପୂର୍ବକାଳରେ ଗୃହ ମଧ୍ୟରେ ପାଇଖାନାର ସ୍ଥାନ ନଥିଲା। ପୁରାତନ ବାସ୍ତୁଶାସ୍ତ୍ର 'ମୟମ୍ ମଡ଼ମ୍'ରେ ବର୍ଣ୍ଣନା କରାଯାଇଛି ଯେ, ଉତ୍ତର-ପଶ୍ଚିମ ବାୟୁ କୋଣରେ ମଳତ୍ୟାଗ କରିବା ଉଚିତ। ବର୍ତ୍ତମାନ ଏହାର ବ୍ୟତିକ୍ରମ ଦେଖାଯାଉଛି। ଯେଉଁ କାରଣରୁ ମାରାତ୍ମକ ରୋଗ ସୃଷ୍ଟି ହେଉଛି। ବାତ, ପିତ୍ତ, କଫର ସମାନତା ରହୁନାହିଁ। ଗୃହର ଉତ୍ତର ଦିଗରେ ପାଇଖାନା ନିର୍ମାଣ କଲେ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ କଳହ ଓ ସ୍ୱାସ୍ଥ୍ୟହାନି, ଗୃହର ଐଶାନ୍ୟ କୋଣରେ ପାଇଖାନା ମାରାତ୍ମକ ରୋଗ, ଗୃହର ପୂର୍ବଭାଗରେ ପାଇଖାନା ହୃଦରୋଗ, ଗୃହର ଦକ୍ଷିଣ ଭାଗରେ ପାଇଖାନା ନିର୍ମାଣ ହେବା ଦ୍ୱାରା ସନ୍ତାନମାନେ ଗୃହ ପ୍ରତି ବିମୁଖୀ ହୋଇଥାନ୍ତି।

ଗୃହରେ ଦକ୍ଷିଣ-ପଶ୍ଚିମ ନୈରତ୍ୟ କୋଣରେ ପାଇଖାନା ରହିଲେ ହୃଦରୋଗ, କିଡ଼ନୀ ଓ ଲିଭରରେ ରୋଗ ସୃଷ୍ଟି ହୋଇଥାଏ। ସ୍ନାୟବିକ ଯନ୍ତ୍ରଣା ମଧ୍ୟ ଦେଖାଯାଇଥାଏ। ଘରର ବ୍ରହ୍ମ ସ୍ଥାନରେ ପାଇଖାନା ମହିଳାମାନଙ୍କର ବିଭିନ୍ନ ରୋଗ ସୃଷ୍ଟି କରିଥାଏ। ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁସାରେ ବାସ୍ତୁଶାସ୍ତ୍ର କହେ, ଉତ୍ତର ଅଧିପତି ବୁଧ, ଐଶାନ୍ୟର ଅଧିପତି ବୃହସ୍ପତି, ପୂର୍ବର ଅଧିପତି ରବି, ଅଗ୍ନିକୋଣର ଅଧିପତି ଶୁକ୍ର ଓ ମଙ୍ଗଳ, ଦକ୍ଷିଣର ଅଧିପତି ରାହୁ, ଦକ୍ଷିଣ-ପଶ୍ଚିମର ଅଧିପତି ଶନି, ବାୟୁକୋଣର ଅଧିପତି ଚନ୍ଦ୍ର। ଏଣୁ କେବଳ ବାୟୁ କୋଣରେ ପାଇଖାନା ନିର୍ମାଣ କଲେ ଗୃହରେ ସୁଖଶାନ୍ତି ବିରାଜମାନ କରିଥାଏ। ଅନ୍ୟ ସ୍ଥାନରେ ପାଇଖାନା ଥିଲେ ଅଯଥା ସମସ୍ୟାରେ ପୀଡ଼ିତ ହେବେ ଓ କେବଳ ଭାଗ୍ୟକୁ ଦୋଷ ଦେବେ। ଯଦି ଭୁଲ ସ୍ଥାନରେ ପାଇଖାନା ରହିଛି ଓ ରୋଗ ଦୁଃଖ, କଷ୍ଟ ଭୋଗ କରୁଛନ୍ତି ତେବେ ଚିନ୍ତା ନ କରି ବୈଜ୍ଞାନିକ ପଦ୍ଧତିରେ ଉପାୟ ଓ ଉପଚାର କଲେ ସୁଫଳ ମିଳିବ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଭଗବାନ ଶ୍ରୀସତ୍ୟସାଇଙ୍କ କୃପାରୁ ପୁନର୍ଜନ୍ମ ପ୍ରାପ୍ତି

### ସୌର ଚନ୍ଦ୍ର ମହାପାତ୍ର

ଭଗବାନ ଶ୍ରୀସତ୍ୟସାଇ ବାବା ସମଗ୍ର ବିଶ୍ୱକୁ ବାର୍ତ୍ତା ଦେଇ କହିଛନ୍ତି - 'ସତ୍ୟ ମୋର ପ୍ରଚାର, ଧର୍ମ ମୋର ଆଚାର, ଶାନ୍ତି ମୋର ସ୍ୱଭାବ, ପ୍ରେମ ମୋର ସ୍ୱରୂପ'। ବାବା ପୁଣି କହିଛନ୍ତି - 'ତମେ ମୋ ପାଖକୁ ପାଦେ ଆସିଲେ - ମୁଁ ତୁମ ପାଖକୁ ଶହେ ପାଦ ଯିବି'। ସ୍ୱାମୀଙ୍କର ପ୍ରାତଃ ସ୍ମରଣୀୟ ବାଣୀଟି ହେଉଛି - 'ଯେଉଁଠି ବିଶ୍ୱାସ ଅଛି - ସେଠାରେ ପ୍ରେମ ଅଛି, ଯେଉଁଠି ପ୍ରେମ ଅଛି - ସେଥିରେ ଶାନ୍ତି ଅଛି, ଯେଉଁଠି ଶାନ୍ତି ଅଛି - ସେଠାରେ ସତ୍ୟ ଅଛି, ଯେଉଁଠି ସତ୍ୟ ଅଛି - ସେଠାରେ ଆନନ୍ଦ ଅଛି, ଯେଉଁଠି ଆନନ୍ଦ ଅଛି - ସେଠାରେ ଈଶ୍ୱର ଅଛନ୍ତି'। ଭଗବାନ ବାବାଙ୍କର ଏ ଦିବ୍ୟ ବାଣୀ କିପରି ଭାବରେ ମୋର ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଓ ବୃତ୍ତିଗତ ଜୀବନକୁ ପ୍ରଭାବିତ କରିଛି ତାହା ଉଲ୍ଲେଖ କରୁଛି।

ମୁଁ ଆଇନ ବୃତ୍ତିରେ ରହିବା ଭିତରେ ୧୯୮୨ ମସିହାରେ ଏକ ଭୟଙ୍କର ବନ୍ୟା ବିପତ୍ତି ଓଡ଼ିଶାରେ ନାହିଁ ନଥିବା ପ୍ରଳୟ ସୃଷ୍ଟି କରିଥିଲା। ବିଶେଷକରି ଆମ ଜଗତସିଂହପୁର ଅଞ୍ଚଳ ବ୍ୟାପକ କ୍ଷୟକ୍ଷତି ଓ ଧନଜୀବନ ନଷ୍ଟକୁ ସାମ୍ନା କରିଥିଲା। ମୋ ପୈତୃକ ଘର ସେହି ଅଞ୍ଚଳରେ ଥିବାରୁ ସେଠିକାର ଲୋକ ବହୁ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିଲେ। ତେଣୁ ଏହ ବିପଦ ସମୟରେ ସେମାନଙ୍କ ପାଖରେ ରହିବା ପାଇଁ ମନସ୍ତ କରି ମୁଁ ସାଇକେଲରେ କଟକରୁ ମୋ ଗାଁ ତିର୍ତ୍ତୋଲ ସନ୍ନିକଟ କୋଲାରଜୟପୁର ଅଭିମୁଖେ ବନ୍ୟା କମିବାର ତିନି ଦିନ ପରେ ଯାଇଥିଲି। ସନ୍ଧ୍ୟାବେଳେ ଘରେ ପହଞ୍ଚି ମୋ ବଡ଼ ଭାଇଙ୍କ ସହିତ ଚା'ପିଉଥିବା ସମୟରେ ଗାଁ ଦାଣ୍ଡରୁ କୋଳାହଳ ଶୁଭିଲା। ଘଟଣା କ'ଣ ବୁଝିବା ପାଇଁ ଗଲାବେଳକୁ କୌଣସି ଏକ ସାମାନ୍ୟ ଘଟଣାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ଭିତରେ ସଂଘର୍ଷ ଆରମ୍ଭ ହୋଇଯାଇଥାଏ। ଘଟଣାକୁ ପ୍ରସମିତ କରିବା ପାଇଁ ମୁଁ କିଛି ନ ବୁଝି ଭିଡ଼ ଭିତରକୁ ପ୍ରବେଶ କଲାବେଳକୁ କେହି ଜଣେ ଦୁର୍ବୃତ୍ତର ଫୋପଡ଼ା ପଥର ମୋ ମୁହଁରେ ଖୁବ ଜୋରରେ ଆଘାତ ଦେଲା। ଯାହାଫଳରେ ମୋ ପାଟି ଓ ନାକବାଟେ ପ୍ରବଳ ରକ୍ତସ୍ରାବ ହେଲା। ହଠାତ୍ ଗଣ୍ଡଗୋଳ ସିନା ବନ୍ଦ ହୋଇଗଲା କିନ୍ତୁ ମୋର ଚିକିତ୍ସା ପାଇଁ ସମସ୍ତେ ବ୍ୟସ୍ତ, ବ୍ୟଗ୍ର ଓ ବିବ୍ରତ ହୋଇପଡ଼ିଲେ। ଆମ ଗାଁ ଠାରୁ ମଣିଜଙ୍ଗାରେ ଥିବା ପିଏଚସିକୁ ନେବା ପାଇଁ ବ୍ୟବସ୍ଥା କରାଗଲା, ରାସ୍ତାଘାଟର ଅବସ୍ଥା ଭଲ ନଥିଲା ଅନେକ ଜାଗାରେ ପାଣି କାଦୁଅ ଏଣୁ ମୋତେ ଗୋଟେ ସବାରୀରେ ଶୁଆଇ ଦେଇ ଅନବିଜ୍ଞ ଲୋକଙ୍କ ଦ୍ୱାରା କାନ୍ଧେଇ ନେବା ପାଇଁ ବ୍ୟବସ୍ଥା କରାଗଲା। ମୁଁ ମୋ ସବାରୀରେ ଶୋଇଥିବା ଅବସ୍ଥାରେ ଠିକ ଗାଁ ମୁଣ୍ଡରେ ଅନୁଭବ କଲି ଯେ ସତେ ଯେପରି ମୋ ଶରୀରରୁ ପ୍ରାଣ ବାହାରି ଯାଇଛି। ମୁଁ ମୋ ଶରୀରକୁ ଶୋଇଥିବା ଅବସ୍ଥାରେ ଦେଖୁଛି ଓ ଲୋକମାନଙ୍କୁ ମଧ୍ୟ ଦେଖୁଛି। କିନ୍ତୁ ଏପରି ଅବସ୍ଥା ଭିତରେ ମଧ୍ୟ ମୁଁ ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ନାମ ମଧ୍ୟ ବାରମ୍ବାର ଜପ କରୁଛି। ଠିକ ଏତିକି ବେଳେ ଅନୁଭବ କଲି ଯେ ସବାରୀର ବାହାର ପଟରେ କେହି ଜଣେ ସବାରୀଟିକୁ ଧରିଲେ ଦେଖିଲାବେଳକୁ ସେ ଆଉ କେହି ନୁହଁନ୍ତି ଭଗବାନ ଶ୍ରୀସତ୍ୟସାଇ ବାବା। ସବାରୀର ଗତି ସହିତ ସେ ତାଙ୍କ ଗତିକୁ ଆଗେଇ ମୋ ସହ ନିରନ୍ତର ରହିଲେ। ଯେଉଁଠି କାଦୁଅ ପାଣି ଥାଏ ସେ ଗୋଟିଏ ହାତରେ ତାଙ୍କ ଗାଉନକୁ ଟେକି ଧରୁଥାନ୍ତି କିନ୍ତୁ ଅନ୍ୟ ହାତଟିକୁ ସବାରୀରୁ ଛାଡୁ ନଥାନ୍ତି। ଏହିପରି ଅବସ୍ଥାରେ ପାଖାପାଖି ତିନି କିଲୋମିଟର ଅତିକ୍ରମ ପରେ ଡାକ୍ତରଖାନାରେ ପହଞ୍ଚିବା ପରେ ମୁଁ ସମ୍ପୂର୍ଣ୍ଣ ଭାବେ ଚେତାଶୂନ୍ୟ ହୋଇଗଲା।

ପାଖାପାଖି ଚବିଶ ଘଣ୍ଟା ପରେ ମୋର ଚେତା ଆସିଲା। ସେ ସମୟରେ ବନ୍ୟା ବିପତ୍ତି ପାଇଁ କଟକ ବଡ଼ମେଡ଼ିକାଲରୁ ଏକ ଡାକ୍ତରୀ ଦଳ ସେଠାରେ କ୍ୟାମ୍ପ କରିଥିବାରୁ ସେମାନେ ମୋର ଚିକିତ୍ସା କରିଥିଲେ। ଡାକ୍ତରମାନେ ମୋ ବେଡ଼ ପାଖକୁ ଆସିବାବେଳେ ମୁଁ ସୌଜନ୍ୟ ପୂର୍ବକ ଧନ୍ୟବାଦ ଜଣାଇବାରୁ ସେମାନେ ଏକ ସ୍ୱରରେ କହିଲେ ଯେ 'ତୁମର ଜୀବନ ଆମେ ରକ୍ଷା କରିନାହୁଁ, ଭଗବାନ ରକ୍ଷା କରିଛନ୍ତି।' ପରବର୍ତ୍ତୀ ସମୟରେ କଟକ ବଡ଼ମେଡ଼ିକାଲରେ ଦୀର୍ଘ ଦୁଇସପ୍ତାହ ଚିକିତ୍ସା ପରେ ମୁଁ ସୁସ୍ଥ ହୋଇଥିଲି। ମୋର ନାକର ହାଡ଼ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଚିକିତ୍ସା ଦ୍ୱାରା ମୁଁ ଆରୋଗ୍ୟ ଲାଭ ହୋଇଥିଲି ଏହା ହିଁ ଥିଲା ପ୍ରଭୁଙ୍କର ମୋ ପ୍ରତି କରୁଣା ଓ ଦ୍ୱିତୀୟ ଜୀବନଦାନ।

ଭଗବାନଙ୍କ ଅନୁଭୂତି ମୋ ଜୀବନରେ ଅନେକ ରହିଛି ତାକୁ ଲେଖି ବସିଲେ ଅନେକ ପୃଷ୍ଠା ଲାଗିଯିବ। ମାତ୍ର ଏତିକି ସମୟ ଭିତରେ ମୁଁ ଯେତିକି ଜାଣିଛି, ଯେତିକି ବୁଝିଛି ଭଗବାନ ହେଉଛନ୍ତି ସତ୍ୟର ଶିକ୍ଷାଦାତା, ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ, ଶାନ୍ତିର ସ୍ୱଭାବ, ପ୍ରେମର ସ୍ୱରୂପ ତାଙ୍କର ସାନ୍ନିଧ, ତାଙ୍କର ଦର୍ଶନ, ସ୍ପର୍ଶନ, ସମ୍ଭାଷଣ ପାଇଁ ମୋ ଜୀବନକୁ ଧନ୍ୟ ମନେ କରୁଛି। ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେହି ବିଶ୍ୱନିୟନ୍ତାଙ୍କ ସନ୍ତାନ ସନ୍ତତିମଣି କିଛି କିଛି ସ୍ୱାର୍ଥତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ନିଃସ୍ୱାର୍ଥପର ସେବା ସଦୃଶ ମହତ୍ କର୍ମ ସମ୍ପାଦନ କଲାବେଳେ ଅନେକ ବାଧା ବ୍ୟତିକ୍ରମ ଉପୁଜିପାରେ ଏଥିପାଇଁ ହତାଶ ନ ହୋଇ ବରଂ ଆମର ଏକ ମାତ୍ର ଲକ୍ଷ୍ୟ ଭଗବାନଙ୍କ କୃପା ପ୍ରାପ୍ତିକୁ ମନେରଖି ଏଥିରୁ ଓହରି ଯିବା ଉଚିତ ନୁହେଁ। ସେ ହେଉଛନ୍ତି ସର୍ବୋଚ୍ଚ କର୍ତ୍ତା ତାଙ୍କର ମାଧ୍ୟମ ହୋଇ ଜୀବନକୁ କୃତାର୍ଥ କରୁ ଓ ଜଗତର ହିତ ସାଧନ କରିଥାଉ। ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ ଓ ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,
E-mail : sourachandramohapatra16@gmail.com



# ହିଂସା ପାଇଁ ଆମେରିକା ଓ ଇସ୍ରାଏଲକୁ ଦାୟୀ କଲା ଇରାନ

**ନୂଆଦିଲ୍ଲୀ,୯।୧(ଏଜେନ୍ସି):** ଇରାନରେ ଗୃହଯୁଦ୍ଧ ସ୍ଥିତି । ଇରାନର ସର୍ବୋଚ୍ଚ ନେତା ଖାମନେଇଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି ହଜାର ହଜାର ବିକ୍ଷୋଭକାରୀ । ବିକ୍ଷୋଭ ଯୋଗୁ ଗୁରୁବାର ରାତିରେ ଇରାନରେ ଇଣ୍ଟରନେଟ୍ ଏବଂ ଟେଲିଫୋନ୍ ସେବା ପୂରା ବନ୍ଦ ହୋଇଯାଇଥିଲା । ତେହରାନ ଏବଂ ଅନ୍ୟ ସହରରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଛନ୍ତି । ବିକ୍ଷୋଭକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଖାମନେଇ ଚେତାବନୀ ଦେଇଥିବାରୁ ତାଙ୍କୁ ଧମକ ଦେଇଛି ଆମେରିକା । ମୂଲ୍ୟବୃଦ୍ଧି ଓ ବେକାରି ସମସ୍ୟା ନେଇ ୧୨ ଦିନ ହେଲା ଇରାନରେ ଜୋରଦାର ବିକ୍ଷୋଭ ଜାରି ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ନେତୃତ୍ୱକୁ ଏକ କଡ଼ା ଚେତାବନୀ ଦେଇଛନ୍ତି । ଯଦି ପ୍ରଦର୍ଶନକାରୀଙ୍କୁ ହତ୍ୟା କରିବା ଆରମ୍ଭ କରନ୍ତି, ତେବେ ଯୁକ୍ତରାଷ୍ଟ୍ର ଆମେରିକା କଠୋର କାର୍ଯ୍ୟାନୁଷ୍ଠାନ ନେବ । ଏହି ଚେତାବନୀ ଇରାନରେ ବଢୁଥିବା ଅଶାନ୍ତି ମଧ୍ୟରେ ଆସିଛି । ଇରାନରେ ଅର୍ଥନୈତିକ ସଙ୍କଟ ଆହୁରି ଖରାପ ହେବା କାରଣରୁ ଏକାଧିକ ସହରରେ ବିରୋଧ ପ୍ରଦର୍ଶନ କରାଯାଉଛି । ମାନବିକ ଅଧିକାର କର୍ମୀମାନେ କହୁଛନ୍ତି



ଯେ, ବିକ୍ଷୋଭ ପ୍ରଦର୍ଶନ ସହ ଜଡ଼ିତ ସଂଘର୍ଷରେ ଅତି କମରେ ୪୫ ଜଣ ଲୋକଙ୍କୁ ହତ୍ୟା କରାଯାଇଛି । ଯାହା ତେହରାନର ଅଶାନ୍ତି ନିୟନ୍ତ୍ରଣ ଉପରେ ଅନ୍ତର୍ଜାତୀୟ ଚିନ୍ତା ବଢାଇଛି । ଗୁରୁବାର ଇରାନରେ ଦେଶବ୍ୟାପୀ ଇଣ୍ଟରନେଟ୍ ବ୍ଲାକଆଉଟ୍ ହୋଇଥିଲା । ଅର୍ଥନୈତିକ ଦୁର୍ଦ୍ଦଶା କାରଣରୁ ସୃଷ୍ଟି ହୋଇଥିବା ବିରୋଧ ପ୍ରଦର୍ଶନ ଆହୁରି ବ୍ୟାପିବାରେ ଲାଗିଛି । ତେହରାନ ଏବଂ ଇରାନର ମୁଖ୍ୟ ସହରଗୁଡିକରେ ପ୍ରଦର୍ଶନକାରୀମାନେ ରାସ୍ତାକୁ ଓହ୍ଲାଇ ଇରାନର ଧର୍ମଗୁରୁଙ୍କ ନେତୃତ୍ୱ ବିରୋଧରେ ସ୍ଲୋଗାନ୍ ଦେଉଛନ୍ତି ।

## ଥଣ୍ଡାରେ ଥରୁଛନ୍ତି ରାଜଧାନୀବାସୀ

# ହାଲୁକା ବର୍ଷାରେ ଭିଜିଲା ଦିଲ୍ଲୀ

**ନୂଆଦିଲ୍ଲୀ,୯।୧(ଏଜେନ୍ସି):** ଏପଟେ ପ୍ରବଳ ଜାଡ଼, ସେପଟେ ବର୍ଷାର ମାଡ଼ । ଥଣ୍ଡାରେ ଥରୁଛନ୍ତି ରାଜଧାନୀବାସୀ । ଆଜି ସକାଳେ ସକାଳେ ଦିଲ୍ଲୀର ବିଭିନ୍ନ ସ୍ଥାନରେ ବର୍ଷା ହେବା କାରଣରୁ ବାଦଲରେ ଢାଙ୍କି ହେଇଛି ପୂରା ରାଜଧାନୀ । ଆକାଶ ମେଘାଚ୍ଛନ୍ନ ରହିଛି । ଜନଜୀବନ ଗୋଟେ ପ୍ରକାର ଜାଡ଼ ଯାତନାରେ ଛଟପଟ ହେଉଛି । ଆଜି ସକାଳେ ଦିଲ୍ଲୀରେ ହାଲୁକା ବର୍ଷା ଯୋଗୁଁ ତାପମାତ୍ରା ପ୍ରାୟ ୬ ଡିଗ୍ରୀ ସେଲସିୟସକୁ ହ୍ରାସ ପାଇଥିଲା ଏବଂ ଥଣ୍ଡା ବଢିଥିଲା । ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଦିଲ୍ଲୀରେ ସର୍ବନିମ୍ନ ତାପମାତ୍ରା ୬ ଡିଗ୍ରୀ ସେଲସିୟସ ଏବଂ ସର୍ବାଧିକ ତାପମାତ୍ରା ୧୭ ଡିଗ୍ରୀ ସେଲସିୟସ ରହିବ ବୋଲି ଆଶା କରାଯାଉଛି । ରାଜଧାନୀ ଦିଲ୍ଲୀରେ ପ୍ରବଳ ଥଣ୍ଡା ଯୋଗୁଁ ଆଜିକାଲି ପ୍ରବଳ ଶୀତ ଅନୁଭୂତ ହେଉଛି । ଶୁକ୍ରବାର ସକାଳେ ଅନେକ ଅଞ୍ଚଳରେ ହାଲୁକା ବର୍ଷା ହୋଇଥିଲା, ଯାହା ପାଗକୁ ଆହୁରି ବିଗାଡ଼ି ଦେଇଛି । ମହାମାୟା ଫ୍ଲାଏଓଭର, ଅକ୍ଷରଧାମ ସମେତ ଦିଲ୍ଲୀ-ନୋଏଡାର ଅନେକ ସ୍ଥାନରେ ବର୍ଷା ରେକର୍ଡ କରାଯାଇଛି । ଆକାଶ ମେଘୁଆ ରହିଛି ଏବଂ



ତାପମାତ୍ରା ଖସିଛି । ଗତ କିଛି ଦିନ ଧରି, ଦିଲ୍ଲୀ, ୟୁପି, ପଞ୍ଜାବ, ହରିୟାଣା ସମେତ ଉତ୍ତର ଭାରତର ରାଜ୍ୟଗୁଡ଼ିକରେ ପ୍ରବଳ ଶୀତ ଜାରି ରହିଛି । ସେପଟେ ପାଣିପାଗ ବିଭାଗ ଆଗାମୀ ୫ରୁ ୭ ଦିନ ପାଇଁ ଉତ୍ତର-ପଶ୍ଚିମ ଭାରତ ଏବଂ ବିହାରରେ ଘନ କୁହୁଡ଼ି ହେବାର ପୂର୍ବାନୁମାନ କରିଛି। ଆଗାମୀ ୨ରୁ ୩ ଦିନ ମଧ୍ୟରେ ଉତ୍ତର-ପୂର୍ବ, ମଧ୍ୟ ଭାରତ, ପଶ୍ଚିମବଙ୍ଗ ଏବଂ ସିକିମର କିଛି ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି । କୁହୁଡି ପାଇଁ ଦେଖାଯିବନି ରାସ୍ତାଘାଟ, ତେଣୁ ଗାଡ଼ି ଚାଳକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଛି । ହାଲୁକା ବର୍ଷା କାରଣରୁ ପ୍ରଦୂଷଣ ହ୍ରାସ ହେବ ବୋଲି ଆଶା କରାଯାଉଛି । ତଥାପି, ବର୍ତ୍ତମାନ ପାଇଁ ଶୀତ ଲହରୀ ଜାରି ରହିବ ଏବଂ ଥଣ୍ଡାରୁ ମୁକ୍ତି ପାଇବାର କୌଣସି ସମ୍ଭାବନା ନାହିଁ ବୋଲି କହିଛି ପାଣିପାଗ ବିଭାଗ ।

# ସ୍ୱଦେଶୀ ରକେଟ୍ ଲଞ୍ଚର ରେଞ୍ଜ୍ ବଢାଉଛି ଭାରତ

**ନୂଆଦିଲ୍ଲୀ,୯।୧(ଏଜେନ୍ସି):** ସ୍ୱଦେଶୀ ରକେଟ୍ ଲଞ୍ଚର ରେଞ୍ଜ୍ ବଢାଉଛି ଭାରତ । ଦୂରରୁ ଶତ୍ରୁ ଠିକଣାକୁ କରିବ ଟାର୍ଗେଟ୍ । ଲକ୍ଷ୍ୟଭେଦ କରିବାରେ ମାହିର ପିନାକ ରକେଟ୍ ଲଞ୍ଚର୍ । ପାକିସ୍ତାନ-ଚୀନ ପାଇଁ ବାଜିଲା ସତର୍କ ଘଣ୍ଟି । ଅପରେସନ ସିନ୍ଦୂର ପରେ ଭାରତ ପ୍ରତରକ୍ଷା ସେକ୍ଟରକୁ ମଜବୁତ କରୁଛି । ଗତ କିଛି ମାସ ମଧ୍ୟରେ ଭାରତୀୟ ସେନା ସ୍ୱଦେଶୀ ଡିଫେନ୍ସ କମ୍ପାନୀଗୁଡ଼ିକ ସହ କୋଟି କୋଟି ଟଙ୍କାର ଡିଲ୍ କରିଛି । ଭାରତ, ଆମେରିକୀୟ ଏବଂ ଋଷୀୟ ସୈନ୍ୟ ଟେକନିକ୍ ଆପଣେଉଛି ।



ଏବେ ଭାରତୀୟ ସେନା ସ୍ଦେଶୀ ପିନାକ ମଲ୍ଟି ବ୍ୟାରେଲ୍ ରକେଟ୍ ଲଞ୍ଚରକୁ ଅପଗ୍ରେଡ୍ କରିବାକୁ ଯାଉଛି । ଏଥିପାଇଁ ଟାଟା ଏବଂ ଲାର୍ସନ ଆଣ୍ଡ୍ ଟୁବୋ କମ୍ପାନୀକୁ ବଡ଼ ଅର୍ଡର ମିଳିଛି । ଏହି କମ୍ପାନୀ ପୂର୍ବରୁ ପିନାକ ସିଷ୍ଟମ ତିଆରି କରିଛି । ଚୁକ୍ତି ଅନୁଯାୟୀ, ଟାଟା ଏବଂ ଲାର୍ସନ ଆଣ୍ଡ୍ ଟୁବୋ ସେବାର ବେସ୍ ୱାର୍କସପ୍ ସହ ମିଶି କାମ କରିବେ । ପିନାକ ରକେଟ୍ ଲଞ୍ଚରର ଆବଶ୍ୟକୀୟ ଅପଗ୍ରେଡ୍ କରିବେ । ପୁରୁଣା ପାର୍ଟକୁ ବଦଳାଇ ଅତ୍ୟାଧୁନିକ ଯନ୍ତ୍ରାଂଶ ଖଞ୍ଜିବେ । ସ୍ୱଦେଶୀ ପିନାକ ଏବେ ଭାରତୀୟ ସେନାର ପ୍ରମୁଖ ଅସ୍ତ୍ର । ଏହାର ରେଞ୍ଜ୍ ୧୫୦ କିମିରୁ ଉର୍ଦ୍ଧ୍ୱକୁ ବଢାଇବାକୁ ଯୋଜନା କରାଯାଉଛି । ପ୍ରଥମ ପର୍ଯ୍ୟାୟରେ ୫୧୦ABW ସହଯୋଗରେ ରକେଟ୍ ଲଞ୍ଚର ଏବଂ ବ୍ୟାଟେରୀ କମାଣ୍ଡ ପୋଷ୍ଟର ମରାମତି କରାଯିବ । ପିନାକ ଡିଆରଡିଓ ଦ୍ୱାରା ବିକଶିତ ହୋଇଥିଲା । ଏହା ପ୍ରତିରକ୍ଷା କ୍ଷେତ୍ରରେ ମେକ୍ ଇନ୍ ଇଣ୍ଡିଆର ଏକ ସଫଳତାର କାହାଣୀ ପାଲଟିଛି । ଗତ ବର୍ଷ, ସରକାର ସବୁଠାରୁ ବଡ଼ ଘରୋଇ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର କରିଥିଲେ ।ଏହି ଚୁକ୍ତି ପିନାକ ରକେଟ୍ ପାଇଁ ଥିଲା । ଯାହାର ମୂଲ୍ୟ ୧୦ ହଜାର କୋଟିରୁ ଅଧିକ ଥିଲା ।

# ଗିରଫ ହେବେ ମମତା ଦିଦି !

**ନୂଆଦିଲ୍ଲୀ,୯।୧(ଏଜେନ୍ସି):** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କ'ଣ ଗିରଫ ହେବେ ? ସତରେ କଣ ଇଡି ତାଙ୍କ ହାତରେ ହାତକଡ଼ି ପକାଇବ ? ଏକଥା ଏଥିପାଇଁ ଚର୍ଚ୍ଚା ହେଉଛି କାହିଁକି ନା ପଶ୍ଚିମବଙ୍ଗ ରାଜନୀତି ଗତକାଲିଠୁ ଯେଉଁ ମୋଡ ନେଉଛି ସେହିକଥା ହିଁ କିଛି ଏଭଳି ଦିଗକୁ ଇଙ୍ଗିତ କରୁଛି । କେନ୍ଦ୍ରୀୟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି ମମତା ବାନାର୍ଜୀଙ୍କ ବିରୋଧରେ କୋର୍ଟରେ ଏକ ଆବେଦନ ଦାୟର କରିଛି ।ତାଙ୍କ ବିରୋଧରେ ସରକାରୀ କାର୍ଯ୍ୟ ଏବଂ ଇଡି ତଦନ୍ତରେ ବାଧା ସୃଷ୍ଟି କରିବା ଏବଂ ମନି ଲଣ୍ଡରିଂ ମାମଲା ସହିତ ଜଡ଼ିତ ପ୍ରମାଣ ନଷ୍ଟ କରିବା ନେଇ ଅଭିଯୋଗ ହୋଇଛି । ଇଡି କହିଛି ଯେ ମମତା ବାନାର୍ଜୀଙ୍କ ଦଳ ଟିଏମସିକୁ ରାଜନୈତିକ ପରାମର୍ଶ ଦେଉଥିବା କମ୍ପାନି IPAC ର କାର୍ଯ୍ୟାଳୟରେ କୋଇଲା ଚୋରି ଦୁର୍ନୀତି ସହିତ ଜଡ଼ିତ ମନି ଲଣ୍ଡରିଂ ମାମଲାର ତଦନ୍ତ ପାଇଁ ଚଢ଼ାଉ କରାଯାଇଥିଲା, କିନ୍ତୁ ଚଢ଼ାଉ ସମୟରେ ମମତା ବାନାର୍ଜୀ IPAC ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ଘର ଓ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେ ଜବରଦସ୍ତି ଅଫିସ୍ ଭିତରକୁ ପଶି ମାମଲା ସହିତ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ଫାଇଲଗୁଡ଼ିକୁ ନିଜ ସହିତ ନେଇଯାଇଥିଲେ। ସୂଚନାଯୋଗ୍ୟ ଯେ ପଶ୍ଚିମବଙ୍ଗରେ ଗତକାଲି ଯାହା ଘଟିଲା, ସେହି ମାମଲା ଏବେ ଉଭୟ ପକ୍ଷଙ୍କ ପକ୍ଷରୁ ହାଇକୋର୍ଟକୁ ଯାଇଛି ୟ ଇଡି ମମତା ବାନାର୍ଜୀଙ୍କ ଉପରେ ତଦନ୍ତରେ ବାଧା ସୃଷ୍ଟି କରିଥିବା ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି । IPAC ଏହି କାର୍ଯ୍ୟାନୁଷ୍ଠାନର ବୈଧତା ଉପରେ ପ୍ରଶ୍ନ ଉଠାଇ ବିରୋଧ କରିଛି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଇଡି ଅଧିକାରୀଙ୍କ ବିରୋଧରେ ମାମଲା ଦାୟର କରିଛନ୍ତି । ଆଇନ ବିଶେଷଜ୍ଞଙ୍କ ଅନୁଯାୟୀ, ଏହି ମାମଲାରେ ଇଡିର ପକ୍ଷ ଶକ୍ତିଶାଳୀ ରହିଛି, କାରଣ ଇଡି ନିଜ ଯୁକ୍ତିରେ PMLAର ଧାରା ୬୭ର ସହାୟତା ନେଇପାରେ । IPAC ଏବଂ ମମତା ବାନାର୍ଜୀଙ୍କୁ ପ୍ରମାଣ କରିବାକୁ ହେବ ଯେ ED ନିଜର ବ୍ୟକ୍ତିଗତ ଫାଇଦା ପାଇଁ ଚଢ଼ାଉ କରିଛି ଏବଂ ଫାଇଲ-ଦଲିଲ ଜବତ କରିଛି । ଯଦି ଏହା ପ୍ରମାଣିତ ନହୁଏ, ତେବେ ଚଢ଼ାଉ-ଜବତ କରିବା ଅପରାଧ ଶ୍ରେଣୀଭୁକ୍ତ ହେବ ନାହିଁ । ଗିରଫଦାରୀ ତ ଦୂରର କଥା । ସେହିପରି ଯଦି ED ପ୍ରମାଣ କରିଦିଏ ଯେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓଟଇଡ କାର୍ଯ୍ୟାଳୟରେ ଜବରଦସ୍ତି ପଶି ଯେଉଁ ଫାଇଲଗୁଡ଼ିକ ନେଇଯାଇଛନ୍ତି, ତାହା ମାମଲାର ତଦନ୍ତ ପାଇଁ ଗୁରୁତ୍ୱପୂର୍ଣ୍ଣ, ତେବେ ମମତା ବାନାର୍ଜୀଙ୍କୁ ଗିରଫ କରାଯାଇପାରେ। ମମତା ବାନାର୍ଜୀ ମୁଖ୍ୟମନ୍ତ୍ରୀ ହୋଇଥିବାରୁ ତାଙ୍କ ପାଖରେ ସାମ୍ବିଧାନିକ ସୁରକ୍ଷା ବା ଇମ୍ୟୁନିଟି ଅଛି ତା ନୁହେଁ ମୁଖ୍ୟମନ୍ତ୍ରୀ ବା ମନ୍ତ୍ରୀମାନଙ୍କୁ କେବଳ ସଦନ ଭିତରେ ବିଶେଷ ଅଧିକାର ମିଳିଛି, ବାହାରେ ନୁହେଁ । ସୂଚନାଯୋଗ୍ୟ ଯେ, ଗୁରୁବାର ଦିନ ଇଡି କୋଲକାତାର ସଲ୍ଟ ଲେକ୍ ସେକ୍ଟର-୦ରେ ଥିବା IPAC ଅଫିସ୍ ଏବଂ ଲାଉଡନ୍ ଷ୍ଟ୍ରିଟରେ ପ୍ରତୀକ ଜୈନଙ୍କ ଘରେ ଚଢ଼ାଉ କରିଥିଲା, କିନ୍ତୁ ମମତା ବାନାର୍ଜୀ ଚଢ଼ାଉ ଚାଲିଥିବା ସ୍ଥାନଗୁଡ଼ିକରେ ପହଞ୍ଚି ଯାଇଥିଲେ । ମମତା ବାନାର୍ଜୀ ପ୍ରଥମେ କୋଲକାତା ପୁଲିସ କମିସନର ମନୋଜ ବର୍ମାଙ୍କ ସହ ପ୍ରତୀକ ଜୈନଙ୍କ ଘରେ ପହଞ୍ଚିଥିଲେ ଏବଂ ପ୍ରାୟ ୨୦-୨୫ ମିନିଟ୍ ପରେ ହାତରେ ଏକ ସବୁଜ ରଙ୍ଗର ଫୋଲଡର ଧରି ବାହାରକୁ ଆସିଥିଲେ । ତେବେ ଏହି ଘଟଣାକୁ ନେଇ ବିବାଦ ମଧ୍ୟରେ ଶୁକ୍ରବାର ତୃଣମୂଳ କଂଗ୍ରେସ ସାଂସଦମାନେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦିଲ୍ଲୀସ୍ଥିତ କାର୍ଯ୍ୟାଳୟ ବାହାରେ ଜୋରଦାର ବିରୋଧ ପ୍ରଦର୍ଶନ କରିଛନ୍ତି । ଘଟଣାସ୍ଥଳରେ ପୁଲିସ ପହଞ୍ଚି ସେଠାରୁ ସମସ୍ତଙ୍କୁ ହଟାଇ ଦେଇଥିଲା । ଏହି ସମୟରେ ମହୁଆ ମୋଇତ୍ରା ଏବଂ ଡେରେକ ଓ'ବ୍ରାୟନଙ୍କୁ ହେପାଜତକୁ ନିଆଯାଇଛି । ଏହି ପ୍ରଦର୍ଶନରେ ଡେରେକ ଓ'ବ୍ରାୟନ, ଶତାବ୍ଦୀ ରୟ, ମହୁଆ ମୋଇତ୍ରା ଏବଂ କୀର୍ତ୍ତି ଆଜାଦଙ୍କ ଭଳି ପ୍ରମୁଖ ସାଂସଦମାନେ ସାମିଲ ଅଛନ୍ତି ।

# ଆମେରିକାର ମିଛ ଉପରେ ଜବାବ ରଖିଲା ଭାରତ

**ନୂଆଦିଲ୍ଲୀ,୯।୧(ଏଜେନ୍ସି):** ଆମେରିକାର ବାଣିଜ୍ୟ ସଚିବଙ୍କ ମନ୍ତବ୍ୟର ଜବାବ ରଖିଲା ଭାରତ, ଯେଉଁଥିରେ ଆମେରିକା କହିଥିଲା ଯେ, ପିଏମ ମୋଦୀ ବାଣିଜ୍ୟ ଆଲୋଚନା ପାଇଁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ଫୋନ କରିଥିଲେ । ଏହା ଉପରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଏବେ ଜାରି କରିଛି । ଭାରତ କହିଛି କି, ଆମେ ଏହି ମନ୍ତବ୍ୟ ଗୁଡ଼ିକ ଉପରେ ନଜର ରଖିଛୁ। ଭାରତ ଏବଂ ଆମେରିକା ଗତ ବର୍ଷ ଫେବୃଆରୀ ୧୩ ତାରିଖରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତିନାମା ଆଲୋଚନା କରିବାକୁ ପ୍ରତିବଦ୍ଧ ହୋଇଥିଲେ । ସେବେଠାରୁ, ଉଭୟ ପକ୍ଷ ଏକ ପାରସ୍ପରିକ ଲାଭଦାୟକ ବାଣିଜ୍ୟ ଚୁକ୍ତିନାମାରେ ପହଞ୍ଚିବା ପାଇଁ ଅନେକ ପର୍ଯ୍ୟାୟ ଆଲୋଚନା କରିଛନ୍ତି । ଅନେକ ଥର, ଆମେ ଏକ ଚୁକ୍ତିନାମାରେ ପହଞ୍ଚିବାର ବହୁତ ନିକଟତର ହୋଇଛୁ । ଏହି ଆଲୋଚନା ଗୁଡ଼ିକୁ ବର୍ଣ୍ଣନା କରୁଥିବା ସମ୍ବାଦ ରିପୋର୍ଟଗୁଡ଼ିକ ଭୁଲ୍ ।ଭାରତ କହିଛି ଯେ, ଆମେ ଦୁଇଟି ପରିପୂରକ ଅର୍ଥନୀତି ମଧ୍ୟରେ ଏକ ପାରସ୍ପରିକ ଲାଭଦାୟକ ବାଣିଜ୍ୟ ଚୁକ୍ତିନାମାରେ ଆଗ୍ରହୀ ଏବଂ ଏହାକୁ ସମାପ୍ତ କରିବାକୁ ଅପେକ୍ଷା କରିଛୁ। ଘଟଣାକ୍ରମେ, ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତି ଟ୍ରମ୍ପ ୨୦୨୫ ମଧ୍ୟରେ ଆଠ ଥର ଫୋନ୍ ମାଧ୍ୟମରେ କଥା ହୋଇଛନ୍ତି, ଆମର ବ୍ୟାପକ ସହଭାଗୀତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଏପର୍ଯ୍ୟନ୍ତ ବାଣିଜ୍ୟ ଚୁକ୍ତିନାମା ସମ୍ପର୍କରେ ଟ୍ରମ୍ପଙ୍କୁ କୌଣସି ଫୋନ୍ କରିନାହାଁନ୍ତି।

# ଋଷର ନୂଆ ବ୍ରହ୍ମାସ୍ତ୍ରରେ ଥରିଲା ୟୁକ୍ରେନ

**କିଭ୍ / ମସ୍କୋ,୯।୧(ଏଜେନ୍ସି):** ଋଷ ଗୁରୁବାର ରାତିରେ ୟୁକ୍ରେନ ଉପରେ କରାଯାଇଥିବା ବିମାନ ଆକ୍ରମଣରେ ନିଜର ଅତ୍ୟାଧୁନିକ ନୂଆ ହାଇପରସୋନିକ୍ 'ଓରେଶ୍ନିକ' ମିସାଇଲର ବ୍ୟବହାର କରିଛି । ପ୍ରବଳ ଥଣ୍ଡା ଭିତରେ ହୋଇଥିବା ଏହି ହମଲାକୁ ଋଷର ସେନା କାର୍ଯ୍ୟାନୁଷ୍ଠାନରେ ଏକ ବଡ଼ ଓ ଚିନ୍ତାଜନକ ପଦକ୍ଷେପ ମନେକରାଯାଉଛି। ଋଷୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ ଏହା ସ୍ପଷ୍ଟ କରିଛି । ମନ୍ତ୍ରଣାଳୟ ଶୁକ୍ରବାର ଜାରି ବୟାନରେ କହିଛି, ଋଷୀୟ ସଶସ୍ତ୍ର ବାହିନୀ ଉଚ୍ଚ-ସଠିକତା ଥିବା ଦୀର୍ଘ ଦୂରଗାମୀ ସ୍ଥଳ ଓ ସାମୁଦ୍ରିକ ଅସ୍ତ୍ରରେ ବ୍ୟାପକ ଆକ୍ରମଣ କରିଥିଲା, ଯେଉଁଥିରେ 'ଓରେଶ୍ନିକ' ମୋବାଇଲ ମିଡିୟମ-ରେଞ୍ଜ ମିସାଇଲ ସିଷ୍ଟମ ମଧ୍ୟ ସାମିଲ ଥିଲା । ହେଲେ ଋଷ୍ ଏହା ସ୍ପଷ୍ଟ କରି ନାହିଁ ଯେ, 'ଓରେଶ୍ନିକ' ମିସାଇଲ ୟୁକ୍ରେନରେ କେଉଁ ସ୍ଥାନକୁ ଟାର୍ଗେଟ୍ କରିଛି । ଏହା ବର୍ଷକରୁ ଅଧିକ ସମୟ ପରେ ଏମିତି ପ୍ରଥମ ଥର ଯେବେ ମସ୍କୋ 'ଓରେଶ୍ନିକ' ମିସାଇଲର ଉପଯୋଗ କରିଛି । ଏହି ମିସାଇଲ ଏକା ସାଥିରେ ଅନେକ ୱାରହେଡ୍ ନେଇ ଯିବାରେ ସକ୍ଷମ ଓ ଏଥିରେ ପାରମ୍ପରିକ କିମ୍ବା ପରମାଣୁ ଅସ୍ତ୍ର ଲଗାଯାଇ ପାରେ। 'ଓରେଶ୍ନିକ' ଋଷ୍ ଦ୍ୱାରା ବିକଶିତ ଏକ ନୂଆ ମଧ୍ୟମ-ଦୂରଗାମୀ ହାଇପରସୋନିକ ବାଲିଷ୍ଟିକ୍ ମିସାଇଲ (ଆଇଆରବିଏମ) । ଋଷୀୟ ଭାଷାରେ ''ଓରେଶ୍ନିକ''ର ଅର୍ଥ 'ହେଜଲ ଟ୍ରି' ହୋଇଥାଏ । ଏହି ମିସାଇଲର ମୁଖ୍ୟ ବିଶେଷତ୍ୱ ଏହାର ହାଇପରସୋନିକ୍ ସ୍ପିଡ୍ । ଏହି ମିସାଇଲ ଧ୍ୱନିର ଗତିରୁ ୧୦ ଗୁଣାରୁ ମଧ୍ୟ ଅଧିକ ଦ୍ରୁତ ଗତିରେ ଯାଇ ପାରେ , ଯାହା ପାଖାପାଖି ୧୨,୦୦୦ରୁ ୧୩,୦୦୦ କିଲୋମିଟର ପ୍ରତି ଘଣ୍ଟା । ଏହାର ଆକ୍ରମଣାତ୍ମକ କ୍ଷମତା ପାଖାପାଖି ୩୦୦୦ରୁ ୫,୫୦୦ କିଲୋମିଟର ଯାଏ ଥିବାର କୁହାଯାଏ । ଦ୍ୱାରା ରୋକିବା ପାଖାପାଖି ଅସମ୍ଭବ । ଏହି ମିସାଇଲ ସମ୍ଭବତଃ ଋଷର ପୁରୁଣା RS-26 Rubezh ମିସାଇଲ ସିଷ୍ଟମର ଏକ ଉନ୍ନତ ସଂସ୍କରଣ । ଋଷ୍ ପ୍ରଥମ ଥର ଏହାର ବ୍ୟବହାର ୨୧ ନଭେମ୍ବର ,୨୦୨୪ରେ ୟୁକ୍ରେନର ନିପ୍ରୋ ସହରରେ ହମଲା ପାଇଁ କରି ଥିଲା ।



ଅର୍ଥାତ ଏହା ପାଖାପାଖି ପୂରା ୟୁରୋପ ଯାଏ ପହଞ୍ଚି ପାରେ ଏବଂ ଏହାକୁ ନିଜର କବଳକୁ ନେଇପାରେ । ଏହି ମିସାଇଲ ଏମଆଇଆରଭି (ମଲଟି ଇଣ୍ଡିପେଣ୍ଡେଣ୍ଟଲି ଟାର୍ଗେଟେବଲ ରି-ଏଣ୍ଟ୍ରି ଭାଇକଲ୍ସ) ଟେକନିକ୍ ଯୁକ୍ତ, ଯାହାର ଅର୍ଥ ଯେ, ଗୋଟିଏ ହିଁ ମିସାଇଲ ବାୟୁରେ ଅଲଗା ହୋଇ ଅନେକ ଅଲଗା ଅଲଗା ସ୍ଥାନରେ ଏକାଠି ହମଲା କରିପାରେ । କେବଳ ଏତିକି ନୁହେଁ , ଏହି ମିସାଇଲ ପାରମ୍ପରିକ ବିସ୍ଫୋରକ ଓ ପରମାଣୁ ଅସ୍ତ୍ର , ଉଭୟ ନେଇ ଯିବାରେ ସକ୍ଷମ । ଅର୍ଥାତ୍ ଏହା ପରମାଣୁ ବିସ୍ଫୋରଣ କରିବାରେ ସକ୍ଷମ । ଋଷୀୟ ରାଷ୍ଟ୍ରପତି ଭ୍ଲାମିଦିର ପୁଟିନଙ୍କ ଅନୁସାରେ , ନିଜର ଅତ୍ୟଧିକ ଗତି କାରଣରୁ ଏହି ମିସାଇଲକୁ ବର୍ତ୍ତମାନର କୌଣସି ବି ବାୟୁ ପ୍ରତିରକ୍ଷା ସିଷ୍ଟମ ଏବେ ଋଷ୍ ୟୁକ୍ରେନର ପଶ୍ଚିମୀ ସହର ଲଭିଭ୍ ଅଞ୍ଚଳରେ ମୌଳିକ ଢାଞ୍ଚାକୁ ଟାର୍ଗେଟ୍ କରିବା ପାଇଁ ପୁଣି ଥରେ ଏହି ମିସାଇଲର ବ୍ୟବହାର କରିଛି । ୟୁକ୍ରେନୀ ବାୟୁସେନାର ୱେଷ୍ଟର୍ଣ୍ଣ ଏୟାର କମାଣ୍ଡ କହିଛନ୍ତି ଯେ, ମିସାଇଲ ପାଖାପାଖି ୧୩,୦୦୦ କିଲୋମିଟର ପ୍ରତି ଘଣ୍ଟାର ଗତିରେ ବାଲିଷ୍ଟିକ୍ ମାର୍ଗରେ ଆଗକୁ ବଢୁଥିଲା ଏହି ଗତି ଶବ୍ଦର ବେଗ ଠାରୁ ପାଖାପାଖି ୧୦ ଗୁଣା ଅଧିକ । ଋଷର ମିସାଇଲ ବାହିନୀର ପ୍ରମୁଖଙ୍କ ଅନୁସାରେ , 'ଓରେଶ୍ନିକ'ର ରେଞ୍ଜ ଏତେ ଯେ, ପୂରା ୟୁରୋପ ପର୍ଯ୍ୟନ୍ତ ପହଞ୍ଚି ପାରେ ।ଗତ ମାସରେ ଋଷ୍ ନିଜର ପାଖାପାଖି ସହଯୋଗୀ ବେଲାଋଷରେ 'ଓରେଶ୍ନିକ' ମିସାଇଲ ସିଷ୍ଟମର ମୁତୟନର ଭିଡ଼ିଓ ମଧ୍ୟ ଜାରି କରିଥିଲା ।

# ପାକିସ୍ତାନ ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଯୋଜନା!

**ନୂଆଦିଲ୍ଲୀ,୯।୧(ଏଜେନ୍ସି):** ଆତଙ୍କବାଦ ବିରୋଧୀ ଅଭିଯାନ ଜାରି ରଖିବାକୁ ଚାଲିଛି ଯୋଜନା । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ଆତଙ୍କବାଦୀ ଭିତ୍ତିଭୂମି ଏବଂ ଆତଙ୍କବାଦୀ ପାଣ୍ଠିକୁ ଟାର୍ଗେଟ କରି କରାଯାଉଥିବା ଆତଙ୍କବାଦ ବିରୋଧୀ ଅଭିଯାନ ଏକ ମିଶନ ମୋଡ୍‌ରେ ଜାରି ରହିବା ଉଚିତ । ସେ ଦୃଢ଼ ଭାବରେ କହିଛନ୍ତି ଯେ ଜମ୍ମୁ ଓ କାଶ୍ମୀରକୁ ଆତଙ୍କବାଦୀ ମୁକ୍ତ କରିବା ଲକ୍ଷ୍ୟକୁ ଯଥାଶୀଘ୍ର ହାସଲ କରିବା ପାଇଁ ସମସ୍ତ ସମ୍ବଳ ଉପଲବ୍ଧ କରାଯିବ । ମାତ୍ର ସେଇ ଅନୁଯାୟୀ କାମ କରାଯିବା ଆବଶ୍ୟକ। କେନ୍ଦ୍ର ଶାସିତ ଅଞ୍ଚଳକୁ ନେଇ ଏକ ଉଚ୍ଚସ୍ତରୀୟ ସୁରକ୍ଷା ସମୀକ୍ଷା ବୈଠକର ଅଧ୍ୟକ୍ଷତା କରି, ଶାହ ସମସ୍ତ ସୁରକ୍ଷା ଏଜେନ୍ସିକୁ ସଜାଗ ରହିବାକୁ ଏବଂ ଧାରା ୩୭୦ ଉଚ୍ଛେଦ ପରେ ହାସଲ ହୋଇଥିବା ଲାଭକୁ ବଜାୟ ରଖିବା ପାଇଁ ସମନ୍ୱୟରେ କାମ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରୟାସରେ ସମସ୍ତ ସମ୍ବଳ ଉପଲବ୍ଧ କରାଯିବ ବୋଲି ସେ ଆଶ୍ୱାସନା ଦେଇଥିଲେ । ବୈଠକରେ ଜାମ୍ମୁ କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନ, ନିର୍ଦ୍ଦେଶକ (ଆଇବି) ତପନ କୁମାର ଡେକା ଏବଂ କେନ୍ଦ୍ର ଶାସିତ ପ୍ରଦେଶର ମୁଖ୍ୟ ସଚିବ ଏବଂ ଡିଜିପି ଉପସ୍ଥିତ ଥିଲେ । ସେମାନେ ସମସ୍ତେ ସୁରକ୍ଷା ବାବଦରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିଲେ । ବୈଠକରେ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ (CAPF) ର ମୁଖ୍ୟ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ । କେନ୍ଦ୍ର ଶାସିତ ପ୍ରଦେଶର ସୁରକ୍ଷା ପରିସ୍ଥିତିକୁ ସୁଦୃଢ଼ କରିବା ପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକର ପ୍ରୟାସକୁ ପ୍ରଶଂସା କରି କେନ୍ଦ୍ରମନ୍ତ୍ରୀ ଶାହ କହିଥିଲେ ଯେ ଆତଙ୍କବାଦୀ ଭିତ୍ତିଭୂମି ଏବଂ ଆତଙ୍କୀ ପାଣ୍ଠିକୁ ଟାର୍ଗେଟ କରି ଏକ ମିଶନ ମୋଡ୍ ରେ ଆତଙ୍କବାଦ ବିରୋଧୀ ଅଭିଯାନ ଜାରି ରହିବା ଉଚିତ । ତେବେ ଯଦି ଦେଖିବା ଜାମ୍ମୁକାଶ୍ମିରୀରେ ଆତଙ୍କ ଖେଳାଇଥିବା ଆତଙ୍କୀ ମାନଙ୍କୁ ପାନେ ଦେବା ପାଇଁ ଏହି ବୈଠକରେ ଆଲୋଚନା କରାଯାଇଥିଲା । ନିକଟ ଅତୀତରେ ଭାରତ ଉପରେ ଅନେକ ଥର ପାକିସ୍ତାନ ଆତଙ୍କୀ ଟାର୍ଗେଟ କରିଥିବା ଖବର ସାମ୍ନାକୁ ଆସିଥିଲା । ଆଉ ଏହି ଆତଙ୍କୀ ମାନଙ୍କୁ ପାନେ ଦେବା ପାଇଁ ଏହି ମିଟିଙ୍ଗରେ ଆଲୋଚନା କରାଯାଇଥିଲା ।

# ଭେନେଜୁଏଲାରୁ ତେଲ କିଣିପାରେ ମୁକେଶ ଅମ୍ବାନୀଙ୍କ କମ୍ପାନୀ

**ନୂଆଦିଲ୍ଲୀ,୯।୧(ଏଜେନ୍ସି):** ଭେନେଜୁଏଲାରୁ ତେଲ କିଣିପାରେ ମୁକେଶ ଅମ୍ବାନୀଙ୍କ କମ୍ପାନୀ । ରଏଟର୍ସର ରିପୋର୍ଟ ଅନୁସାରେ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ମାର୍ଚ୍ଚ ୨୦୨୫ରେ ସ୍ଥଗିତ ରଖିବା ପରେ ଭେନେଜୁଏଲାର ଅଶୋଧିତ ତେଲ କିଣିବା ପୁନଃ ଆରମ୍ଭ କରିବାର ସମ୍ଭାବନା ଉପରେ ବିଚାର କରୁଛି । ଆମେରିକା ଭେନେଜୁଏଲା ତେଲ ଆମଦାନୀ କରୁଥିବା ଦେଶମାନଙ୍କ ଉପରେ ୨୫% ଶୁଳ୍କ ଘୋଷଣା କରିବା ପରେ ଭେନେଜୁଏଲାରୁ ତେଲ କିଣିବା ବନ୍ଦ ହୋଇଯାଇଥିଲା । ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଶେଷ ଥର ପାଇଁ ୨୦୨୫ ମେ ମାସରେ ଭେନେଜୁଏଲାରୁ ତେଲ ଆମଦାନୀ କରିଥିଲା। ରଏଟର୍ସ ରିପୋର୍ଟ ଅନୁଯାୟୀ, ରିଲାଏନ୍ସର ଯୋଗାଣ ଶୃଙ୍ଖଳା ଏବଂ ରିଫାଇନାରୀ କାର୍ଯ୍ୟ ଉପରେ ପ୍ରଭାବ ପଡ଼ିବାରୁ ଶିଳ୍ପ କ୍ଷେତ୍ରରେ ଏହା ଉପରେ କଡ଼ା ନଜର ରଖାଯାଇଛି । ଆରଆଇଏଲ୍ ପଶ୍ଚିମ ଗୁଜରାଟରେ ଦୁଇଟି ପ୍ରମୁଖ ରିଫାଇନାରୀ ପରିଚାଳନା କରେ, ଯାହାର ମୋଟ୍ ଦୈନିକ ପ୍ରାୟ ୧୪ ଲକ୍ଷ ବ୍ୟାରେଲ୍ ବିଶୋଧନ କ୍ଷମତା ରହିଛି । ଏଗୁଡ଼ିକ ଭେନେଜୁଏଲା ମାରେୟେ ଭଳି ଭାରୀ ଏବଂ ଆର୍ଥିକ ଗ୍ରେଡ୍ ସମେତ ବିଭିନ୍ନ ପ୍ରକାରର ଅଶୋଧିତ ତୈଳକୁ ଦକ୍ଷତାର ସହିତ ବିଶୋଧନ କରିବା ପାଇଁ ଡିଜାଇନ୍ କରାଯାଇଛି । ଯଦି ଭେନେଜୁଏଲାର ତେଲ ପୁଣି ଉପଲବ୍ଧ ହୁଏ, ତେବେ ରିଲାଏନ୍ସ ଏହାକୁ ବିଶୋଧନ କରିବ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ରଏଟର୍ସର ଜଣେ ମୁଖପାତ୍ର କହିଛନ୍ତି, ଆମେ ଅଣ-ଆମେରିକୀୟ କ୍ରେତାଙ୍କ ପାଇଁ ଭେନେଜୁଏଲା ତେଲ ଉପଲବ୍ଧତା ସମ୍ପର୍କରେ ସ୍ପଷ୍ଟତା ଅପେକ୍ଷା କରିଛୁ ଏବଂ ନିୟମ ପାଳନ କରି ତେଲ କିଣିବା ବିଷୟରେ ବିଚାର କରିବୁ । ରଏଟର୍ସର ଏକ ଇମେଲ୍ ଉତ୍ତରରେ ଏହି ବିବୃତ୍ତି ଆସିଛି । କହିରଖୁଛୁ ଯେ, ୨୦୨୫ ମସିହାରୁ ଭେନେଜୁଏଲାରୁ ତୈଳ ଆମଦାନୀ ବନ୍ଦ କରିବା ଦ୍ୱାରା ରିଲାଏନ୍ସର ସୋର୍ସିଂ ରଣନୀତିରେ ଯଥେଷ୍ଟ ପରିବର୍ତ୍ତନ ଆସିଛି । ଆମେରିକା ସରକାର ଭେନେଜୁଏଲାରୁ ତୈଳ ଆମଦାନୀ ଜାରି ରଖିଥିବା ଦେଶଗୁଡ଼ିକ ଉପରେ ୨୫% ଶୁଳ୍କ ଲାଗୁ କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି । ଏହି ନିଷ୍ପତ୍ତି ରିଲାଏନ୍ସକୁ ଏହାର କ୍ରୟ ନୀତି ପରିବର୍ତ୍ତନ କରିବାକୁ ଏବଂ ବିକଳ୍ପ ତୈଳ ଉତ୍ସ ଖୋଜିବାକୁ ବାଧ୍ୟ କରିଥିଲା । ରିପୋର୍ଟରେ କୁହାଯାଇଛି ଯେ, ରିଲାଏନ୍ସ ବର୍ତ୍ତମାନ ସମସ୍ତ ନିୟାମକ ପରିବର୍ତ୍ତନ ଉପରେ କଡ଼ା ନଜର ରଖିଛି । ଯାହା ଭେନେଜୁଏଲା ଅଶୋଧିତ ତୈଳର ଅଣ-ଆମେରିକୀୟ କ୍ରେତାମାନଙ୍କୁ ପ୍ରଭାବିତ କରିପାରେ । କମ୍ପାନୀ ଅନ୍ତର୍ଜାତୀୟ ମାନଦଣ୍ଡ ପାଳନ ଉପରେ ଗୁରୁତ୍ୱାରୋପ କରେ । ଭେନେଜୁଏଲାର ଅଶୋଧିତ ତେଲ ସାଧାରଣତଃ ବ୍ରେଣ୍ଟ ଅଶୋଧିତ ତୈଳ ତୁଳନାରେ ପ୍ରତି ବ୍ୟାରେଲ ପିଛା ୫ ରୁ ୮ ଡଲାର କମ୍ ମୂଲ୍ୟର ହୋଇଥାଏ । ଏଥିରେ ଉଚ୍ଚ ସଲଫର୍ ପରିମାଣ ଯୋଗୁଁ, ଏହି ତେଲକୁ ବିଶ୍ୱ ସ୍ତରରେ କେବଳ କିଛି ରିଫାଇନାରୀ ଦ୍ୱାରା ବିଶୋଧିତ କରାଯାଇପାରିବ । ଭାରତରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଜାମନଗର କମ୍ପ୍ଲେକ୍ସ, ନାୟାରା ଏନର୍ଜିର ଭାଡିନାର ରିଫାଇନାରୀ ଏବଂ ଇଣ୍ଡିଆନ ଅଏଲ୍ କର୍ପୋରେସନର ପାରାଦୀପ ପ୍ଲାଣ୍ଟ ଦ୍ୱାରା ଏହି ତେଲକୁ ବିଶୋଧିତ କରିପାରିବ ।

# ସାଇବର ଆକ୍ରମଣରେ ଏବେ ଚୀନ୍ ଟାର୍ଗେଟ ରହିଛି ତାଇୱାନ

**ନୂଆଦିଲ୍ଲୀ,୯।୧(ଏଜେନ୍ସି):** ଟେକ୍ନୋଲୋଜି ଜଗତରେ ବିଶ୍ୱର ପ୍ରମୁଖ ଦେଶମାନଙ୍କ ମଧ୍ୟରେ ରହିଛି ଚୀନ୍ । ସାଇବର ଆକ୍ରମଣରେ ଏବେ ଚୀନ୍ ଟାର୍ଗେଟ ରହିଛି ତାଇୱାନ। ତାଇୱାନ ଉପରେ ହୋଇଥିବା ସାଇବର ଆଟାକର ରିପୋର୍ଟ ଆପଣଙ୍କୁ ଆଶ୍ଚର୍ଯ୍ୟ କରିଦେବ । ମିଡିଆ ରିପୋର୍ଟ ଅନୁଯାୟୀ, ୨୦୨୫ ମସିହାରେ ଚୀନ୍ ଦୈନିକ ତାଇୱାନ ଉପରେ ହାରାହାରି ୨୬ ଲକ୍ଷ ସାଇବର ଆକ୍ରମଣ କରିଥିଲା । ଏହା ୨୦୨୩ ତୁଳନାରେ ୧୧୩ ପ୍ରତିଶତ ଅଧିକ । ଚୀନ୍ ତାଇୱାନ ଉପରେ ଡିଷ୍ଟ୍ରିବ୍ୟୁଟେଡ୍ ଡିନାଏଲ୍-ଅଫ୍-ସର୍ଭିସ୍ ଆଟାକ କରୁଛି । DDoS ଆଟାକ କ'ଣ ? ଗୋଟିଏ ଦେଶ ଉପରେ DDoS ଆଟାକ କ'ଣ ପ୍ରଭାବ ପକାଇଥାଏ ? ରିପୋର୍ଟ ଅନୁଯାୟୀ, ତାଇୱାନ ଉପରେ ଯେଉଁ ସାଇବର ଆକ୍ରମଣ ହେଉଛି, ଏହି ଆକ୍ରମଣ ଚୀନ ନିଜ ସାମରିକ ଅଭ୍ୟାସ ସହିତ ସଂଯୁକ୍ତ ଭାବେ କରୁଥିବା ତାଇୱାନ ଅଭିଯୋଗ କରିଛି । ଗତ କିଛି ବର୍ଷ ଧରି ଚୀନ ହାଇବ୍ରିଡ୍ ଯୁଦ୍ଧ ସହିତ ତାଇୱାନକୁ ଟାର୍ଗେଟ୍ କରିଆସୁଛି । ୨୦୧୩ ତୁଳନାରେ ସାଇବର ଆକ୍ରମଣ ୧୧୩ ପ୍ରତିଶତ ବୃଦ୍ଧି ପାଇଛି । ତାଇୱାନର ଜରୁରୀକାଳୀନ ସେବା ଏବଂ ହସ୍ପିଟାଲଗୁଡ଼ିକୁ ସର୍ବାଧିକ ଟାର୍ଗେଟ୍ କରାଯାଇଛି । ରିପୋର୍ଟରେ କୁହାଯାଇଛି ଯେ, ଚୀନ ସାଇବର ଆକ୍ରମଣ ମାଧ୍ୟମରେ ତାଇୱାନକୁ ପ୍ରଯୁକ୍ତିବିଦ୍ୟା ଭାବରେ ବିପର୍ଯ୍ୟସ୍ତ କରିବାକୁ ଯୋଜନା କରୁଛି ୟ ରିପୋର୍ଟ ଅନୁଯାୟୀ, ଚୀନ୍ ଏକ ସାଇବର ସେନା ସୃଷ୍ଟି କରିଛି ଯାହା ଏହାର ସେନା ଏବଂ ସରକାରଙ୍କ ସହଯୋଗରେ କାମ କରେ । ରିପୋର୍ଟରେ କୁହାଯାଇଛି ଯେ, ଯେତେବେଳେ ବି ଚୀନ୍ ତାଇୱାନ ପାଖରେ ତାର ସାମରିକ ବିମାନ ମୁତୟନ କରିଛି, ତାଇୱାନ ସାଇବର ଆକ୍ରମଣର ସମ୍ମୁଖୀନ ହୋଇଛି ।

# ଦିଲ୍ଲୀରେ ଟିଏମ୍‌ସିର ବିକ୍ଷୋଭ

**ନୂଆଦିଲ୍ଲୀ,୯।୧(ଏଜେନ୍ସି):** ବେଆଇନ ଅର୍ଥକାରବାର ଅଭିଯୋଗରେ ପଶ୍ଚିମବଙ୍ଗରେ ଟିଏମସି ପୋଲ ଷ୍ଟ୍ରାଟେଜିଷ୍ଟଙ୍କ ଘରେ ଇଡି ରେଡ ଘଟଣା । ପ୍ରତିବାଦରେ ଦିଲ୍ଲୀରେ ଟିଏମସିର ବିକ୍ଷୋଭ ଓ ନାରାବାଜି । ଗୃହମନ୍ତ୍ରୀ ଅମିତ ଶାହଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନେତା ଓ କର୍ମୀଙ୍କ ହଙ୍ଗାମା । ଧାରଣା ବେଳେ ଟିଏମସି ସାଂସଦ ଡେରେକ ଓବ୍ରିଏନଙ୍କୁ ଉଠାଇ ନେଲା ପୋଲିସ । ଗତକାଲି କୋଲକାତାସ୍ଥିତ ଆଇ-ପାକ୍ ଅଫିସ ଓ ପ୍ରତୀକ ଜୈନଙ୍କ ଘରେ ରେଡ କରିଥିଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି । ତୃଣମୂଳ କଂଗ୍ରେସର ବହୁ ନଥି ଓ ଷ୍ଟ୍ରାଟେଜି ଫାଇଲକୁ ଜବତ କରିଥିଲା ଇଡି । ଆଇ-ପାକ ତଥା ରାଜନୈତିକ କନସଲଟାନ୍ସି ଫାର୍ମ ଉପରେ ରେଡକୁ ନେଇ କୋଲକାତାରେ ଦେଖାଦେଇଥିଲା ହାଇଡ୍ରାମା । ଏପରିକି ମମତା ବାନାର୍ଜୀ ଆଇ-ପାକ କାର୍ଯ୍ୟାଳୟକୁ ଯାଇ ରେଡର ପ୍ରତିବାଦ କରିଥିଲେ । ପ୍ରତୀକ ଜୈନଙ୍କ ଦକ୍ଷିଣ କୋଲକାତାସ୍ଥିତ ଘର ଓ ସଲ୍ଟ ଲେକସ୍ଥିତ ସେକ୍ଟର ୫ ସ୍ଥିତ ଆଇପାକ ଅଫିସରେ ଏହି ରେଡ ହୋଇଥିଲା । ଏହି ଘଟଣାରେ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଥିଲେ ମମତା । ଦଳର ଆଭ୍ୟନ୍ତରୀଣ ରାଜନୈତିକ ବ୍ୟାପାରେ ଇଡି କାହିଁକି ହସ୍ତକ୍ଷେପ କରୁଛି ବୋଲି ପ୍ରଶ୍ନ କରିଥିଲେ ମମତା । ପ୍ରତୀକ ଜୈନ ଇଣ୍ଡିଆନ ପଲିଟିକାଲ ଆକ୍ସନ କମିଟିର ସହ ପ୍ରତିଷ୍ଠାତା ହୋଇଥିବାବେଳେ ଟିଏମସିର ଆଇଟି ସେଲ ମୁଖ୍ୟ ଅଛନ୍ତି । ପୋଲ ଷ୍ଟ୍ରାଟେଜିଷ୍ଟ ପ୍ରଶାନ୍ତ କିଶୋରଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା ଆଇ-ପାକ୍ । ସେପଟେ ଏହି ଘଟଣାକୁ ନେଇ କୋଲକାତା ହାଇକୋର୍ଟରେ ପହଞ୍ଚିଛନ୍ତି ଆଇ-ପାକ୍ ଓ ଇଡି । ପଶ୍ଚିମବଙ୍ଗ କୋଇଲା ଦୁର୍ନୀତି ମାମଲାକୁ ନେଇ ରେଡ୍ କରାଯାଇଛି ବୋଲି ଇଡି ଦର୍ଶାଉଛି । ତେବେ ଏହି ରେଡ ପଶ୍ଚିମବଙ୍ଗ ନିର୍ବାଚନ ପୂର୍ବରୁ ଜାଣିଶୁଣି କରାଯାଇଛି ବୋଲି କହିଛି ଆଇପାକ । ହାୱାଲା ଚ୍ୟାନେଲ ଦେଇ ଆଇ-ପାକ୍ ନିକଟକୁ ୧୦ କୋଟି ଟଙ୍କା ଯାଇଛି ବୋଲି କହିଛି ଇଡି ।

# ଜର୍ମାନ ଚାନ୍ସେଲରଙ୍କୁ ଭେଟିବେ ପ୍ରଧାନମନ୍ତ୍ରୀ ମୋଦୀ

**ନୂଆଦିଲ୍ଲୀ,୯।୧(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ଜାନୁଆରି ୧୨ ତାରିଖରେ ଅହମଦାବାଦଠାରେ ଜର୍ମାନୀର ଫେଡେରାଲ ଚାନ୍ସେଲର ମହାମହିମ ଫ୍ରେଡରିଚ୍ ମର୍ଜଙ୍କୁ ଭେଟିବେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନିମନ୍ତ୍ରଣକ୍ରମେ ଜର୍ମାନୀର ଫେଡେରାଲ ଚାନ୍ସେଲର ମହାମହିମ ଫ୍ରେଡରିଚ୍ ମର୍ଜ ଜାନୁଆରି ୧୨-୧୩ରେ ଭାରତକୁ ଏକ ସରକାରୀ ଗସ୍ତରେ ଆସୁଛନ୍ତି। ଏହା ଚାନ୍ସେଲର ମର୍ଜଙ୍କ ପ୍ରଥମ ସରକାରୀ ଭାରତ ଗସ୍ତ ହେବ। ଜାନୁଆରୀ ୧୨ ସକାଳ ୯ଟା ୩୦ରେ ଉଭୟ ନେତା, ସାବରମତୀ ଆଶ୍ରମ ପରିଦର୍ଶନ କରିବେ ଏବଂ ସକାଳ ୧୦ଟାରେ, ସେମାନେ ସାବରମତୀ ନଦୀକୂଳରେ ଆୟୋଜିତ ଅନ୍ତର୍ଜାତୀୟ ଗୁଡ଼ି ମହୋତ୍ସବରେ ଅଂଶଗ୍ରହଣ କରିବେ । ଏହା ପରେ ପୂର୍ବାହ୍ନ ୧୧ଟା ୧୫ରେ ଗାନ୍ଧୀନଗରର ମହାତ୍ମା ମନ୍ଦିରରେ ଦ୍ୱିପାକ୍ଷିକ ବୈଠକ ହେବ । ଏହି ଅବସରରେ ଉଭୟ ନେତା ଭାରତ-ଜର୍ମାନୀ ରଣନୈତିକ ସହଭାଗୀତାର ପ୍ରଗତି ସମୀକ୍ଷା କରିବେ, ଯାହାକି ନିକଟରେ ୨୫ ବର୍ଷ ପୂରଣ କରିଛି । ଦ୍ୱିପାକ୍ଷିକ ଆଲୋଚନାରେ ବାଣିଜ୍ୟ ଏବଂ ନିବେଶ, ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ଦକ୍ଷତା ଏବଂ ଗତିଶୀଳତାରେ ସହଯୋଗକୁ ଆହୁରି ମଜବୁତ କରିବା ସହିତ ପ୍ରତିରକ୍ଷା ଓ ସୁରକ୍ଷା, ବିଜ୍ଞାନ, ନବସୃଜନ ଏବଂ ଗବେଷଣା, ସବୁଜ ଏବଂ ସ୍ଥାୟୀ ବିକାଶ ତଥା ଲୋକମାନଙ୍କ ମଧ୍ୟରେ ସମ୍ପର୍କ ଭଳି ପ୍ରମୁଖ କ୍ଷେତ୍ରରେ ସହଯୋଗକୁ ଆଗକୁ ବଢ଼ାଇବା ଉପରେ ମଧ୍ୟ ଧ୍ୟାନ ଦିଆଯିବ ।



# ଅରୁଧା ଏସଆଇଏଫ ପକ୍ଷରୁ ଅରୁଧା ହାଇବ୍ରିଡ ଲଙ୍ଗ୍-ସର୍ଟ ଫଣ୍ଡର ଶୁଭାରମ୍ଭ

**ଭୁବନେଶ୍ୱର, ୯।୧ (ନି.ପ୍ର) :** ବନ୍ଧନ ମ୍ୟୁଚୁଆଲ ଫଣ୍ଡର ଅରୁଧା ଏସଆଇଏଫ ପକ୍ଷରୁ ଏହାର ପ୍ରଥମ ଏସଆଇଏଫ ରଣନୀତି- ଅରୁଧା ହାଇବ୍ରିଡ ଲଙ୍ଗ୍-ସର୍ଟ ଫଣ୍ଡର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହା ହେଉଛି ଏକ ଅନ୍ତରାଳ ନିବେଶ ରଣନୀତି ଯାହା ବିପଦ ପରିଚାଳନା ଓ ଟିକସ ପରବର୍ତ୍ତୀ ଦକ୍ଷତା ଉପରେ ଗୁରୁତ୍ୱ ସହିତ ଉନ୍ନତ ରିଟର୍ଣ୍ଣ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ରଣନୀତି ସମ୍ପୂର୍ଣ୍ଣ ସୁରକ୍ଷିତ ବଜାର-ନିରପେକ୍ଷ ଇକ୍ୱିଟି ସ୍ଥିତି ପାଇଁ ସର୍ବନିମ୍ନ ୩୫% ଆବଂଟନ ବଜାୟ ରଖି ସ୍ୱଳ୍ପରୁ ମଧ୍ୟମ ଅବଧି ଋଣ ଓ ଆର୍ଥିକ ବଜାର ଉତ୍ପାଦ କ୍ଷେତ୍ରରେ ୬୫% ପର୍ଯ୍ୟନ୍ତ ଆବଂଟନ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ଶୁଭାରମ୍ଭ ସମ୍ପର୍କରେ ବନ୍ଧନ ଏଏମସି ଲିମିଟେଡର ସିଇଓ ବିଶାଲ କପୁର କହିଛନ୍ତି, 'ଅରୁଧା ହାଇବ୍ରିଡ ଲଙ୍ଗ-ସର୍ଟ ଫଣ୍ଡକୁ ଏଚଏନଆଇ, ଆନୁଷ୍ଠାନିକ ନିବେଶକ, ପାରିବାରିକ କାର୍ଯ୍ୟାଳୟଗୁଡ଼ିକ ଭଳି ସମ୍ଭ୍ରାନ୍ତ ନିବେଶକଙ୍କ ପାଇଁ ଡିଜାଇନ କରାଯାଇଛି, ଯିଏ ଉନ୍ନତ ଟିକସ ଦକ୍ଷତା ସହ ଉତ୍ତମ ରିଟର୍ଣ୍ଣ ଚାହୁଁଛନ୍ତି, ଯାହାକୁ ସ୍ୱତନ୍ତ୍ର ରୂପେ ଗଠିତ ଏସଆଇଏଫ ମାଧ୍ୟମରେ ହାସଲ କରାଯାଇପାରିବ। ଅରୁଧା ହାଇବ୍ରିଡ ଲଙ୍ଗ-ସର୍ଟ ଫଣ୍ଡ ଏକକ, ସୁବ୍ୟବସ୍ଥିତ ରଣନୀତି ମାଧ୍ୟମରେ ପରିବ୍ୟାପ୍ତ ନିର୍ଦ୍ଦିଷ୍ଟ ଉଚ୍ଚମାନର ଉତ୍ପାଦ ଓ ଇକ୍ୱିଟି ଆର୍ବିଟ୍ରେଜରେ ସଂଗୃହିତ ଆୟ ଓ ସୁଯୋଗ ପାଇଁ ପହଂଚ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି, ଯାହା ମୁଖ୍ୟ ରୂପେ ଉଚ୍ଚମାନର ଋଣ ଉତ୍ପାଦ ସହ ସମ୍ପୂର୍ଣ୍ଣ ସୁରକ୍ଷିତ ବଜାର-ନିରପେକ୍ଷ ଇକ୍ୱିଟି ସ୍ଥିତିକୁ ଏକତ୍ରିତ କରିଥାଏ।

ରଣନୀତି ଡକ୍ୟୁମେଂଟ ଅନୁଯାୟୀ ଏହା ଋଣ ଓ ମନି ମାର୍କେଟ ଇନଷ୍ଟ୍ରୁମେଂଟ ଏବଂ ଇକ୍ୱିଟି ଇନଷ୍ଟ୍ରୁମେଂଟରେ ସର୍ବନିମ୍ନ ୩୫% ଓ ସର୍ବାଧିକ ୬୫% ଆବଂଟନ କରିପାରିବ ଏବଂ ୨୫% ପର୍ଯ୍ୟନ୍ତ ସର୍ଟ ଅନ୍‌ହେଜ୍‌ଡ ଡେରିଭେଟିଭ୍ ଏକ୍ସପୋଜର ନେଇପାରିବ। ଏହି ରଣନୀତିରେ ଋଣ ଏକ୍ସପୋଜର ୧ରୁ ୪ ବର୍ଷ ରେରେ ସକ୍ରିୟ ଅବଧି ପରିଚାଳନା ଥିବା ଉତ୍ପାଦଗୁଡିକରେ ରହିବ। ନିର୍ଦ୍ଦିଷ୍ଟ ଏଏ+/ଏଏ ରେଟର ଇନଷ୍ଟ୍ରୁମେଂଟରେ ଏକ୍ସପୋଜର ନିଆଯାଇପାରିବ ଏବଂ ମୋଟ ପୋର୍ଟଫୋଲିଓର ୧୦%ରେ ସୀମିତ କରାଯାଇପାରିବ, ଏଥିସହିତ ଅବଶିଷ୍ଟ ଅଂଶକୁ ଏଏଏ-ରେଟେଡ କିମ୍ବା ସାର୍ବଭୌମ ସିକ୍ୟୁରିଟିରେ ନିବେଶ କରାଯିବ। ଏହି ଋଣ ଆବଂଟନ ଆପେକ୍ଷିକ ସ୍ଥିରତା, ନମନୀୟତା ପ୍ରଦାନ କରିବା ଓ ସଂଗୃହିତ ଆୟ ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛି।




# ପଟିଆ ସୋ'ରୁମ୍‌ର ରି-ଲଞ୍ଚ୍ କଲା ଚାନ୍ଦି ଭଣ୍ଡାର

## ଲିଙ୍କ୍ ରୋଡ୍‌ରେ ଖୋଲିଲା ୨୬ତମ ଷ୍ଟୋର






**ଭୁବନେଶ୍ୱର,୯।୧ (ନି.ପ୍ର) :** ଭରସା, କାରିଗରୀ ଏବଂ ଶୁଦ୍ଧତା ଆଧାରରେ ଗଠିତ ଚାନ୍ଦି ଭଣ୍ଡାର ଓଡ଼ିଶାର ଅଗ୍ରଣୀ ରୁପା ଗହଣା ଏବଂ ଲାଇଫଷ୍ଟାଇଲ୍ ବ୍ରାଣ୍ଡ୍ ଭାବେ ଏହାର ବିରାସତ୍‌କୁ ଆଉପାଦେ ଆଗେଇ ନେଇଛି। ଘରେ ଘରେ ଅତୁଲ୍ୟ ରୁପା କାରିଗରୀକୁ ପହଞ୍ଚାଇବାର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା ଏ ବ୍ରାଣ୍ଡ୍ ଆଜି ଅନନ୍ୟ ଡିଜାଇନ୍, ନବସୃଜନ ଏବଂ ମୂଲ୍ୟ ଆଦି ନାଁ ସହିତ ସମତୂଲ୍ୟ ହୋଇଛି। ଚାନ୍ଦି ଭଣ୍ଡାରର ଯାତ୍ରାରେ ପଟିଆର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। କାରଣ ଏହା ବ୍ରାଣ୍ଡର ଦ୍ୱିତୀୟ ଷ୍ଟୋର ହେବା ସହିତ ବ୍ରାଣ୍ଡର ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଷ୍ଟୋରର ମହତ୍ୱକୁ ଆଖି ଆଗରେ ରଖି ଚାନ୍ଦି ଭଣ୍ଡାର ପଟିଆ ସିଲ୍‌ଭର ଶୋ'ରୁମ୍‌ର ରିଲଜ୍ କରିଛି। ପୂର୍ବାପେକ୍ଷା ଏହା ବୃହତ୍ ଏବଂ ଅଧିକ ବିଶୋଧିତ ରିଟେଲ୍ ଡେଷ୍ଟିନେସନ୍ ପାଲଟିଛି। ଏହାସହିତ ଚାନ୍ଦି ଭଣ୍ଡାର କଟକ ଲିଙ୍କ୍ ରୋଡରେ ମଧ୍ୟ ଏହାର ୨୬ତମ ଶୋ'ରୁମ୍ ଖୋଲିଛି। ୩୦୦୦ ବର୍ଗଫୁଟ ପରିବ୍ୟାପ୍ତ ପଟିଆ ସିଲଭର ସୋ'ରୁମ୍ ଏକ ସତେଜ ଏବଂ ସମସାମୟିକ ଲୁକ୍‌ରେ ପୁନଃଉପସ୍ଥାପିତ ହୋଇଛି। ଏହାର ପରିବର୍ଦ୍ଧିତ ସମ୍ମୁଖ ଭାଗରେ ବ୍ରାଣ୍ଡର ସିଗନେଚର ଲୋଟସ୍ ସିଗନେଜ୍ ସହିତ ଏକ ବୃହତ୍ ଏଲଇଡି ସ୍କ୍ରିନ୍ ରହିଛି, ଯାହାକି ଏକ ଚମକଦାର ଭିଜୁଆଲ ପରିଚୟ ସୃଷ୍ଟି କରୁଛି। ଶୋ'ରୁମ୍‌ରେ ବ୍ୟାପକ ରେଞ୍ଜ୍ ସିଲ୍‌ଭର ଡିନରୱେର୍ ଏବଂ ଲାଇଫଷ୍ଟାଇଲ୍ ପ୍ରଡକ୍ଟ ସହିତ ପୁରୁଷ, ମହିଳା ଏବଂ ପିଲାମାନଙ୍କ ପାଇଁ ବ୍ରାଣ୍ଡର ସିଗନେଚର ଗହଣା ସମ୍ଭାର ଉପଲବ୍ଧ ଅଛି। ସେହିଭଳି ଲିଙ୍କ୍ ରୋଡସ୍ଥିତ ଚାନ୍ଦି ଭଣ୍ଡାରର ୨୬ତମ ଷ୍ଟୋର ୨୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ। ଏଥିରେ ଦୁଇଟି ମହଲା ଅଛି। ନୂଆ ଶୋ'ରୁମ୍‌ରେ ବ୍ୟାପକ ଗହଣା ଏବଂ ଲାଇଫଷ୍ଟାଇଲ୍ ସମ୍ଭାର ଉପଲବ୍ଧ। ଏହି ନୂଆ ଷ୍ଟୋର ସହିତ ଚାନ୍ଦି ଭଣ୍ଡାର ଏ ଅଞ୍ଚଳରେ ନିଜର ଉପସ୍ଥିତିକୁ ମଜଭୁତ କରିଛି। ଗ୍ରାହକ ଏଠାରେ ଟ୍ରେଜର୍ସ, ଆମୋଘ, ବ୍ଲିଙ୍ଗ୍, ଆର୍ଯ୍ୟ, ପାର୍ଟି ଏଡିଟ୍, ଭିନସ୍ ଏବଂ ପାୟଲ ଆଦି ବ୍ୟାପକ ସମ୍ଭାରଗୁଡ଼ିକୁ ଗୋଟିଏ ଛାତ ତଳେ ପାଇବେ। ଏହି ମାଇଲଖୁଣ୍ଟ ସହିତ ଚାନ୍ଦି ଭଣ୍ଡାର ଏହାର ସର୍ବନିମ୍ନ ଗହଣା ସମ୍ଭାର 'ନୋଆ'କୁ ଆଣିଛି। ଏହା ଆଧୁନିକ ଏବଂ ବହୁମୁଖୀ ଜୀବନଶୈଳୀ ପାଇଁ ଉଦ୍ଦିଷ୍ଟ। ପ୍ରତ୍ୟେକ ଅବସର ଏବଂ ପସା କ୍ଷେତ୍ରରେ ଏହା ପ୍ରଯୁଜ୍ୟ। ସେଲିବ୍ରେଶନଠାରୁ ଡେଲିୱେର୍ ପର୍ଯ୍ୟନ୍ତ କ୍ଷେତ୍ରରେ ଏହା ଉପଯୁକ୍ତ। ପଟିଆ ଷ୍ଟୋରର ରିଲଜ ଏବଂ ୨୬ତମ ଷ୍ଟୋର୍‌ର ଶୁଭାରମ୍ଭ ସହିତ ଚାନ୍ଦି ଭଣ୍ଡାର ଏହାର ବିରାସତ୍‌କୁ ଆଗେଇ ନେବା ସହିତ ଏହାର ସମସାମୟିକ ଡିଜାଇନକୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇଛି। ଏହି ଡବଲ୍ ସେଲିବ୍ରେଶନ୍‌କୁ ପାଳନ କରିବା ପାଇଁ ଚାନ୍ଦି ଭଣ୍ଡାର ଏକ ସୀମିତ ସମୟ ଅଫର ଆଣିଛି। ଏହା ଅନ୍ତର୍ଗତ ଗ୍ରାହକ ୧୦ଧ ପର୍ଯ୍ୟନ୍ତ ରିହାତି ପାଇବେ। ଏ ଅଫର ୨୦୨୬ ଜାନୁଆରୀ ୯ରୁ ୨୪ ଯାଏ ଉପଲବ୍ଧ। ନିଜ କାହାଣୀକୁ ଚାନ୍ଦି ଭଣ୍ଡାର ପର୍ଯ୍ୟନ୍ତ ଆଣିଥିବା ବହୁ ମୂଲ୍ୟବାନ ଗ୍ରାହକଙ୍କ ପାଇଁ ଏହି ଅଫର ଏକ କୃତଜ୍ଞତା। ନିଜର ଅର୍ଥପୂର୍ଣ୍ଣ ସେଲିବ୍ରେଶନ୍‌ରେ ଚାନ୍ଦି ଭଣ୍ଡାରକୁ ସାଥୀ କରିଥିବାରୁ ଷ୍ଟୋର ପକ୍ଷରୁ ଗ୍ରାହକଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଛି। ଏ ପରିପ୍ରକ୍ଷୀରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍‌ସା ହଂସ କୁହନ୍ତି, ପଟିଆ ସୋ'ରୁମ୍‌ର ରି-ଲଞ୍ଚ୍ ଏବଂ ୨୬ ତମ ଶୋ'ରୁମ୍‌ର ଶୁଭାରମ୍ଭ ଆମ ପାଇଁ ଏକ ଉତ୍ସାହଜନକ ମାଇଲଖୁଣ୍ଟ। ରୁପାକୁ ଏହାର ବହୁ ବିଶୋଧିତ ଏବଂ ସମସାମୟିକ ରୂପରେ ପାଳନ ଜାରି ରଖି ଗ୍ରାହକ ଅନୁଭୂତି ବଢ଼ାଇବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

ଆମ ପ୍ରତିଶ୍ରୁତି:ମାଗଣା ଜୀବନକାଳ କ୍ଲିନିଂ, ସର୍ବୋତ୍ତମ ବଦଳ ନୀତି, ହଲମାର୍କ ଏବଂ ଉତ୍ତମମାନର ଉତ୍ପାଦ ଓ ବ୍ୟାପକ ରେଞ୍ଜ୍ କଷ୍ଟମାଇଜ୍ ରୁପା ଉତ୍ପାଦ ଚାନ୍ଦି ଭଣ୍ଡାରର ପ୍ରତିଶ୍ରୁତି। 'ଟ୍ରାଏ ବିଫୋର୍ ୟୁ ବାୟ' ନୀତି ସହିତ ଚାନ୍ଦି ଭଣ୍ଡାର ଗ୍ରାହକଙ୍କୁ ସେମାନଙ୍କ ଟଙ୍କାର ସର୍ବୋତ୍ତମ ମୂଲ୍ୟ ପ୍ରଦାନ କରେ।

ଚାନ୍ଦି ଭଣ୍ଡାର ବିଷୟରେ: ୨୦୧୩ରେ ପ୍ରତିଷ୍ଠିତ ଚାନ୍ଦି ଭଣ୍ଡାର ଓଡ଼ିଶାର ବୃହତ୍ ରୁପା ଗହଣା ଚେନ୍। ରାଜ୍ୟରେ ଏହାର ୨୬ଟି ଶୋ'ରୁମ୍ ଅଛି। ଭୁବନେଶ୍ୱରରେ ରଘୁନାଥପୁର, ସହିଦନଗର, ପଟିଆ, ରସୁଲଗଡ଼, ଜନପଥ, ସୌଭାଗ୍ୟନଗର, ନୟାପଲ୍ଲୀ, ଲୁଇସ୍‌ରୋଡ୍ ଏବଂ ଖଣ୍ଡଗିରି, କଟକର କ୍ୟାଣ୍ଟନମେଣ୍ଟ ରୋଡ୍, ସିଡିଏ ଏବଂ ଲିଙ୍କ୍ ରୋଡ୍, ରାଉରକେଲା, ଅନୁଗୁଳ, ଜୟପୁର, ବ୍ରହ୍ମପୁର, ବାଲେଶ୍ୱର, ଢେଙ୍କାନାଳ, ତାଳଚେର, ବାରିପଦା, ସୁନ୍ଦରଗଡ଼, ଝାରସୁଗୁଡ଼ା, ଖୋର୍ଦ୍ଧା, ନୟାଗଡ଼, ବଲାଙ୍ଗୀର ଏବଂ ଭଦ୍ରକରେ ଏହି ଶୋ'ରୁମଗୁଡ଼ିକ ରହିଛି।

# ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଲେ ୧୮୯ ଜଣ ଛାତ୍ରଛାତ୍ରୀ



**ବୁଗୁଡ଼ା, ୯।୧ (ନି.ପ୍ର):** ସ୍ଥାନୀୟ ପିପୁଲ୍ଲ ହାଇସ୍କୁଲ କେନ୍ଦ୍ରରେ ଆଜି ଶୁକ୍ରବାର ଦିନ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କେନ୍ଦ୍ରରେ ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଫର୍ମ ପୂରଣ କରିଥିବା ୨୦୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୧ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ। ପିପୁଲ୍ଲ ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳୀ ଚରଣ ବେହେରା କେନ୍ଦ୍ର ସୁପରିଟେଣ୍ଡେଣ୍ଟ୍ ଏବଂ ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ ଡେପୁଟି ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ନିର୍ବାହ କରିଥିଲା ବେଳେ ୯ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଇନଭିଜିଲେଟର ଭାବେ ନିୟୋଜିତ ରହିଥିଲେ। ଏହି ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ଭାବେ ପୋରଲୁଣ୍ଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ରମା ରଞ୍ଜନ ମିଶ୍ର ଯୋଗ ଦେଇଥିଲେ। ବ୍ଲକର ଏକ ମାତ୍ର ଏହି କେନ୍ଦ୍ରରେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସଂପନ୍ନ ହୋଇଥିବା ଜଣାଯାଇଛି।

# ସୁସ୍ଥ ଅଭ୍ୟାସରେ ସାହାଯ୍ୟ କରିବା ପାଇଁ abuild 'ହର ଘର ଯୋଗ' ଆରମ୍ଭ କରିଛି

**ଭୁବନେଶ୍ୱର, ୯।୧ (ନି.ପ୍ର):** ଜୁନ୍ ୨୦୨୫ ରେ ଏହି ପ୍ରୟାସରେ ୩୫ ଲକ୍ଷରୁ ଅଧିକ ସଦସ୍ୟ ରେକର୍ଡ ହୋଇଛନ୍ତି ଯାହା ଦୈନନ୍ଦିନ, ଘରେ ସୁସ୍ଥତା ପ୍ରତି ବଢୁଥିବା ଆଗ୍ରହକୁ ଉଜ୍ଜ୍ୱଳ କରିଥାଏ। ଭାରତର ପ୍ରଥମ ଅଭ୍ୟାସ-ନିର୍ମାଣ ପ୍ଲାଟଫର୍ମ, Habuild, ଏହାର ପ୍ରମୁଖ ପ୍ରୟାସ ହର ଘର ଯୋଗ ଆରମ୍ଭ କରିବାର ଘୋଷଣା କରିଛି। ଯାହା ବ୍ୟକ୍ତିମାନଙ୍କୁ ୨୧ ଦିନିଆ ମାଗଣା ଯୋଗ ଯାତ୍ରା ମାଧ୍ୟମରେ ଏକ ସରଳ, ସ୍ଥାୟୀ ଯୋଗ ଅଭ୍ୟାସ ଗଠନ କରି ବର୍ଷ ଆରମ୍ଭ କରିବାକୁ ଉତ୍ସାହିତ କରିଥାଏ। ସ୍ୱାସ୍ଥ୍ୟ ଅଭ୍ୟାସ ଛୋଟ, ପୁନରାବୃତ୍ତିଯୋଗ୍ୟ କାର୍ଯ୍ୟ ମାଧ୍ୟମରେ ନିର୍ମିତ ହୋଇଥାଏ ଏହି ବିଶ୍ୱାସରେ ମୂଳ, Har Ghar Yoga ବୟସ ଗୋଷ୍ଠୀ, ଲିଙ୍ଗ ଏବଂ ଭୌଗୋଳିକ ବର୍ଗର ଲୋକମାନଙ୍କୁ ରୂପ, ପୂର୍ଣ୍ଣତା କିମ୍ବା ମହଙ୍ଗା ସେଟଅପ୍ ଆବଶ୍ୟକତା ବିନା ସେମାନଙ୍କର ଯୋଗ ଯାତ୍ରା ଆରମ୍ଭ କିମ୍ବା ପୁନଃ ଆରମ୍ଭ କରିବାକୁ ଉତ୍ସାହିତ କରେ। ଏହି ପ୍ରୟାସରେ ଲକ୍ଷ ଲକ୍ଷ ଲୋକଙ୍କ ଅଂଶଗ୍ରହଣ ସହିତ, Habuild ବିଶ୍ୱସ୍ତରର ସମସ୍ତ କ୍ଷେତ୍ରର ଲୋକଙ୍କ ପାଇଁ ସୁସ୍ଥତାକୁ ସୁଗମ ଏବଂ ସ୍ଥିର କରିବା ପାଇଁ ଏହାର ମିଶନ ଜାରି ରଖିଛି। Har Ghar Yoga ପ୍ରୟାସକୁ ଏକ ଡିଜିଟାଲ-ପ୍ରଥମ, ବଡ଼-ସ୍ତରର ପ୍ରୟାସ ଭାବରେ ଡିଜାଇନ୍ କରାଯାଇଛି। ଯାହା ବ୍ୟକ୍ତିମାନଙ୍କୁ ଯୋଗକୁ ଏକ-କାଳୀନ ସମାଧାନ କିମ୍ବା ଋତୁକାଳୀନ କାର୍ଯ୍ୟକଳାପ ଭାବରେ ବ୍ୟବହାର କରିବା ପରିବର୍ତ୍ତେ ସେମାନଙ୍କ ଦୈନନ୍ଦିନ କାର୍ଯ୍ୟରେ ସାମିଲ କରିବାରେ ସାହାଯ୍ୟ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ।




ଆଇଆଇଟିର ପୂର୍ବତନ ଛାତ୍ର, ସରକାର ଦ୍ୱାରା ପ୍ରମାଣିତ ଯୋଗ ବିଶେଷଜ୍ଞ ଏବଂ ହାବିଲ୍ଡର ସହ-ପ୍ରତିଷ୍ଠାତା ସୌରଭ ବୋଥ୍ରାଙ୍କ ନେତୃତ୍ୱରେ, ଏହି ପ୍ରୟାସ ଗୁରୁତ୍ୱାରୋପ କରେ ଯେ ଅର୍ଥପୂର୍ଣ୍ଣ ସ୍ୱାସ୍ଥ୍ୟ ପରିବର୍ତ୍ତନ ପ୍ରତିଦିନ ଅଭ୍ୟାସ କରାଯାଉଥିବା ଛୋଟ, ପୁନରାବୃତ୍ତିଯୋଗ୍ୟ କାର୍ଯ୍ୟ ସହିତ ଆରମ୍ଭ ହୁଏ। ପାରମ୍ପରିକ ଫିଟନେସ୍ ଚ୍ୟାଲେଞ୍ଜ ପରି ନୁହେଁ, ହର ଘର ଯୋଗ କେବଳ ଏକ ବ୍ୟାୟାମ ନୁହେଁ, ବରଂ ମାନସିକ ଏବଂ ଶାରୀରିକ ସୁସ୍ଥତା ପାଇଁ ଯୋଗକୁ ଏକ ଦୈନନ୍ଦିନ ଅଭ୍ୟାସ ଭାବରେ ସ୍ଥାପିତ କରେ। ଏହି ପଦକ୍ଷେପର ମୂଳରେ YouTube ରେ ପ୍ରତିଦିନ ଲାଇଭ୍, ଅନଲାଇନ୍ ଯୋଗ ଅଧିବେଶନ ରହିଛି ଯାହା ସମର୍ଥନ ଏବଂ ଗଠନ ପ୍ରଦାନ କରେ, ଅଂଶଗ୍ରହଣକାରୀମାନଙ୍କୁ ସ୍ଥିରତା ଗଠନ କରିବାରେ ଏବଂ ଯୋଗକୁ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ସୁଗମ କରିବାରେ ସାହାଯ୍ୟ କରେ। ହର ଘର ଯୋଗର ଏକ ପ୍ରମୁଖ ସ୍ତମ୍ଭ ହେଉଛି ସମ୍ପ୍ରଦାୟୟ ଏହି ପଦକ୍ଷେପ ପୂର୍ବରୁ ଦୃଢ଼ ଗତି ପ୍ରଦର୍ଶନ କରିଛି, ଜୁନ୍ ୨୦୨୫ ରେ ୩୫ ଲକ୍ଷରୁ ଅଧିକ ଅଂଶଗ୍ରହଣକାରୀ। ଅଂଶଗ୍ରହଣକାରୀମାନେ ଏକାଠି ଅଭ୍ୟାସ କରନ୍ତି, ପ୍ରଗତି ବାଣ୍ଟିଥାନ୍ତି ଏବଂ ପରସ୍ପରକୁ ପ୍ରେରଣା ଦିଅନ୍ତି ଯାହା ବ୍ୟକ୍ତିଗତ ପ୍ରୟାସକୁ ସାମୂହିକ ଗତିରେ ପରିଣତ କରିଥାଏ। ହ୍ୱାଟସଆପ୍ ଏବଂ ଶକ୍ଟଙ୍କଙ୍କଭର ଭଳି ପରିଚିତ ପ୍ଲାଟଫର୍ମଗୁଡ଼ିକୁ ବ୍ୟବହାର କରି, ହାବିଲ୍ଡ ନିଶ୍ଚିତ କରିଛି ଯେ ଏହି ପ୍ରୟାସ ଟେକ୍ନୋଲୋଜି-ସାଭି ନଥିବା ଲୋକଙ୍କ ପାଇଁ ମଧ୍ୟ ଉପଲବ୍ଧ ରହିବ, ସୁସ୍ଥ ଅଭ୍ୟାସ ଗଠନ ପାଇଁ ଜଟିଳ ଉପକରଣ ଆବଶ୍ୟକ ନାହିଁ ବୋଲି ଧାରଣାକୁ ଦୃଢ଼ କରିଛି।

ଲଞ୍ଚ ବିଷୟରେ ମତାମତ ଦେଇ, ହାବିଲ୍ଡର ସହ-ପ୍ରତିଷ୍ଠାତା ଏବଂ ଯୋଗ ଶିକ୍ଷକ ସୌରଭ ବୋଥ୍ରା କହିଛନ୍ତି, ଅଧିକାଂଶ ଲୋକ ବଡ଼ ସ୍ୱାସ୍ଥ୍ୟ ସଂକଳ୍ପ ସହିତ ବର୍ଷ ଆରମ୍ଭ କରନ୍ତି ଯାହା ବଜାୟ ରଖିବା କଷ୍ଟକର। ହର ଘର ଯୋଗ ସହିତ, ଆମେ ସୁସ୍ଥତାକୁ ସରଳ କରୁଛୁ। ଯୋଗ ଭୟଭୀତ କିମ୍ବା ସମୟସାପେକ୍ଷ ଅନୁଭବ କରିବା ଉଚିତ୍ ନୁହେଁ। ଆମର ୨୧ ଦିନିଆ ମାଗଣା ଯାତ୍ରା ଲୋକମାନଙ୍କୁ ଅନୁଭବ କରିବାରେ ସାହାଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି ଯେ ଛୋଟ ଦୈନନ୍ଦିନ ଅଭ୍ୟାସ କିପରି ସ୍ଥାୟୀ ପରିବର୍ତ୍ତନ ଆଣିପାରେ। ଲକ୍ଷ୍ୟ ହେଉଛି ପ୍ରତ୍ୟେକ ପରିବାରକୁ ଗୋଟିଏ ସମୟରେ ଗୋଟିଏ ସୁସ୍ଥ ଅଭ୍ୟାସ ଗଠନ କରିବାରେ ସାହାଯ୍ୟ କରିବା। ୨୧ ଦିନିଆ। ମାଗଣା ଯୋଗ ଯାତ୍ରା ପାଇଁ ପଞ୍ଜୀକରଣ ଏବେ ଲାଇଭ୍।

# ଆରଏସପି ର ସାମଗ୍ରୀ ପୁନରୁଦ୍ଧାର ବିଭାଗ ଦ୍ୱାରା ସପ୍ତାହକ ମଧ୍ୟରେ ଦୁଇଟି ରେକର୍ଡ



**ରାଉରକେଲା, ୯।୧ (ନି.ପ୍ର):** ସେଲ, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସାମଗ୍ରୀ ପୁନଃରୁଦ୍ଧାର ବିଭାଗ (ଏମଆରଡ଼ି) ସପ୍ତାହକ ମଧ୍ୟରେ ସ୍ଲାଗ୍ ପ୍ରେରଣରେ ଦୁଇଟି ନୂତନ ମାଇଲଖୁଣ୍ଟ ହାସଲ କରି ପୁଣି ଥରେ ଉତ୍କର୍ଷପୂର୍ଣ୍ଣ କାର୍ଯ୍ୟ ଦକ୍ଷତା ପ୍ରତି ଦୃଢ଼ ପ୍ରତିବଦ୍ଧତା କୁ ଦର୍ଶାଇଛି। ଏଥିସହିତ ବିଭାଗ ନିଜର ଦକ୍ଷତା, ସମନ୍ୱୟ ଏବଂ ଦଳଗତ ମନୋଭାବରେ ଆଉ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଚଳିତ ଜାନୁଆରୀ ୩ ତାରିଖରେ ବିଭାଗ ୭,୫୧୮.୧୨ ଟନ୍ ସ୍ଲାଗ୍ ପ୍ରେରଣ କରି ଏକ ଦିବସୀୟ ନୂତନ ରେକର୍ଡ ସ୍ଥାପନ କରିଛି। ଉତ୍କର୍ଷତାର ଧାରାକୁ ବଜାୟ ରଖି, ଏମଆରଡ଼ି ଦଳ ଗତ ଜାନୁଆରୀ ୭ ତାରିଖରେ ଗୋଟିଏ ଦିନରେ ସର୍ବାଧିକ ୨୭୭ ଟ୍ରିପ୍ ଏବଂ ୭୯୮୧.୫୮ ଟନ୍ ସ୍ଲାଗ୍ ପ୍ରେରଣ କରି ଆଉ ଏକ ସଫଳତାର ଶିଖର ଛୁଇଁଛି। ଏହି ସଫଳତାଗୁଡ଼ିକ ଚାହିଦାପୂର୍ଣ୍ଣ କାର୍ଯ୍ୟକ୍ଷମ ପରିସ୍ଥିତିରେ ମଧ୍ୟ ଏମଆରଡ଼ି ଦଳର ସ୍ଥିରତା, ଅନୁକୂଳନଶୀଳତା ଏବଂ ଦୃଢ଼ କାର୍ଯ୍ୟକାରିତାକୁ ସ୍ପଷ୍ଟ କରେ।

# କାମ୍ପା-ସିଓର ପ୍ୟାକେଜ୍ ପାଣି ପାଇଁ ଅମିତାଭ ବଚ୍ଚନ ବ୍ରାଣ୍ଡ ଆମ୍ବାସାଡର ନିଯୁକ୍ତ

**ବେଙ୍ଗାଲୁରୁ, ୯।୧ (ନି.ପ୍ର) :** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର ଏଫଏମସିଜି କମ୍ପାନୀ ରିଲାଏନ୍ସ କ୍ୟୁମର ପ୍ରଡକ୍ଟସ୍ ଲିମିଟେଡ୍ (ଆରସିପିଏଲ) ବଲିଉଡ୍ ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଏହାର ପ୍ୟାକେଜ୍ ପାନୀୟ ଜଳ ବ୍ରାଣ୍ଡ, କାମ୍ପା ସିଓର ପାଇଁ ବ୍ରାଣ୍ଡ ଆମ୍ବାସାଡର ଭାବରେ ନିଯୁକ୍ତ କରିଛି। କାମ୍ପା ବ୍ରାଣ୍ଡ ପରି, ଅମିତାଭ ବଚ୍ଚନଙ୍କୁ ଉତ୍କର୍ଷତା ଏବଂ ଭରସାର ପ୍ରତୀକ ଭାବରେ ବିବେଚନା କରାଯାଏ ଏବଂ ଦେଶ ବିଦେଶରେ କୋଟି କୋଟି ପ୍ରଶଂସକ ରହିଛନ୍ତି। ଏହି ସହଭାଗୀତା ଗ୍ରାହକଙ୍କ ବିଶ୍ୱାସକୁ ଆହୁରି ମଜବୁତ କରିବ।

ଆରସିପିଏଲ ୨୦୨୨ ରେ କାମ୍ପା କୋଲାକୁ ଅଧିଗ୍ରହଣ କରିଥିଲା ଏବଂ ୨୦୨୩ ରେ ଏହାକୁ ଭାରତୀୟ ବଜାରରେ ପୁନଃ ଶୁଭାରମ୍ଭ କରିଥିଲା। ସେବେଠାରୁ କମ୍ପାନୀ ସଫଳତାର ସହିତ କାମ୍ପା ଏନର୍ଜି ଡ୍ରିଙ୍କସ୍, ରସକିକ୍ ବେଭରେଜେସ୍, ଜୁସ୍ ଏବଂ ବର୍ତ୍ତମାନ କାମ୍ପା ସିଓର ପ୍ୟାକେଜ୍ ପାନୀୟ ଜଳ ସହିତ ଏହାର ପାନୀୟ ପୋର୍ଟଫୋଲିଓକୁ ବିସ୍ତାର କରିଛି। ବର୍ତ୍ତମାନ, କାମ୍ପା ଭାରତୀୟ ମୃଦୁ ପାନୀୟ ବଜାରରେ ନିଜକୁ ଏକ ଦୃଢ଼ ବ୍ରାଣ୍ଡ ଭାବରେ ପରିଚୟ ସୃଷ୍ଟି କରିସାରିଛି।

ଏହି ଅବସରରେ, ରିଲାଏନ୍ସ କ୍ୟୁମର ପ୍ରଡକ୍ଟସ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେତନ ମୋଦି କହିଛନ୍ତି, 'ଯେପରି କାମ୍ପା ଏକ ବିଶ୍ୱସ୍ତ ଭାରତୀୟ ବ୍ରାଣ୍ଡ, ସେହିପରି ଶ୍ରୀ ଅମିତାଭ ବଚ୍ଚନ ମଧ୍ୟ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ରାଜ କରନ୍ତି, ଏବଂ ତାଙ୍କର ଲୋକପ୍ରିୟତାର କୌଣସି ସୀମା ନାହିଁ। ଉଭୟ ବିଶ୍ୱାସ, ପବିତ୍ରତା ଏବଂ ପ୍ରାମାଣିକତାର ପ୍ରତୀକ। ଶ୍ରୀ ବଚ୍ଚନ ଏବଂ କାମ୍ପା ମଧ୍ୟରେ ଏହି ସହଭାଗିତା ଏକ ସମାନ ଦୃଷ୍ଟିକୋଣ ଏବଂ ଦର୍ଶନକୁ ପ୍ରତିଫଳିତ କରେ। ଏହି ଦୁଇ କିମ୍ବଦନ୍ତୀଙ୍କ ଏକତ୍ର ହେବା ବାସ୍ତବରେ ସ୍ୱତନ୍ତ୍ର।




ଏହି ସହଭାଗିତା ସମ୍ପର୍କରେ ଅମିତାଭ ବଚ୍ଚନ କହିଛନ୍ତି, 'କାମ୍ପା ସିଓର ସହିତ ଯୋଡି ହୋଇଥିବାରୁ ମୁଁ ବେଶ ଆନନ୍ଦିତ। ପ୍ରତ୍ୟେକ ଭାରତୀୟଙ୍କ ପାଖରେ ସ୍ୱଚ୍ଛ ପାନୀୟ ଜଳ ପହଞ୍ଚାଇବାର ଏହି ପଦକ୍ଷେପ ମୋତେ ଗଭୀର ଭାବରେ ପ୍ରଭାବିତ କରିଛି।

ଅମିତାଭ ବଚ୍ଚନ, ତାଙ୍କର ସମୃଦ୍ଧ ଅଭିଜ୍ଞତା, କରିସ୍ମା ଏବଂ ବିଶ୍ୱସନୀୟତା ସହିତ, କାମ୍ପା ସିଓରର ମୂଲ୍ୟବୋଧର ସଠିକ ପ୍ରତିନିଧିତ୍ୱ କରନ୍ତି। ଯେପରି ଲୋକଙ୍କର ଅମିତାଭ ବଚ୍ଚନଙ୍କ ପ୍ରତି ଅପାର ବିଶ୍ୱାସ ଅଛି, ସେହିପରି କାମ୍ପା ସିଓର ବିଶ୍ୱାସ, ଆଶ୍ୱସ୍ତି ଏବଂ ପ୍ରାମାଣିକତାର ପ୍ରତୀକ ଭାବରେ ଉଭା ହେଉଛି।

ଜନସାଧାରଣଙ୍କ ପାଇଁ ସୁରକ୍ଷିତ ପାନୀୟ ଜଳ ସୁଲଭ କରିବା ଲକ୍ଷ୍ୟରେ କାମ୍ପା ସିଓରକୁ ଅତ୍ୟନ୍ତ ପ୍ରତିଯୋଗିତାମୂଳକ ମୂଲ୍ୟରେ ଆରମ୍ଭ କରାଯାଇଛି। ଏହା ବିଭିନ୍ନ ପ୍ୟାକ୍ ଆକାରରେ ଉପଲବ୍ଧ ଯେପରିକି ୨୫୦ ମିଲି, ୫୦୦ ମିଲି, ୧ ଲିଟର, ୨ ଲିଟର, ୫ ଲିଟର, ୧୦ ଲିଟର ଏବଂ ୨୦ ଲିଟର, ଯାହା ପ୍ରତ୍ୟେକ ଅବସର ଏବଂ ପ୍ରତ୍ୟେକ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରୁଛି। ରିଲାଏନ୍ସ ଏବଂ କାମ୍ପାର ବିଶ୍ୱାସଭରା ଐତିହ୍ୟ ଉପରେ ଆଧାରିତ କାମ୍ପା ସିଓର ପାଣି ୧୦ ରୁ ଅଧିକ ବିଶୋଧନ ପ୍ରକ୍ରିୟା ଦେଇ ଗତି କରେ ଏବଂ ପ୍ରତ୍ୟେକ ବୁନ୍ଦାରେ ଶୁଦ୍ଧତା ଓ ଗୁଣବତ୍ତା ସୁନିଶ୍ଚିତ କରିଥାଏ।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ଆନ୍ତଃ ବିଦ୍ୟାଳୟ ଆଥ୍ଲେଟିକ୍ସ ମିଟ୍

**ଧାମରା,୯।୧ (ନି.ପ୍ର) :** ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ଏବଂ ସୁସ୍ଥ ଜୀବନଶୈଳୀକୁ ବିକଶିତ କରିବା ଦିଗରେ ପ୍ରତିବଦ୍ଧତାକୁ ବୃଦ୍ଧି କରାଇବା ପାଇଁ ଆଦାନୀ ଧାମରା ପୋର୍ଟର ସିଏସଆର୍ ବିଭାଗ ଆଦାନୀ ଫାଉଣ୍ଡେସନ ଏହାର ପାରିପାର୍ଶ୍ୱସ୍ଥ ଗ୍ରାମ ପଞ୍ଚାୟତରେ ଆନ୍ତଃ ହାଇସ୍କୁଲ ଆଥ୍ଲେଟିକ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପଦକ୍ଷେପର ଅଂଶ ଭାବେ, ବାର୍ଷିକ ଆନ୍ତଃ ହାଇସ୍କୁଲ ଆଥ୍ଲେଟିକ୍ ପ୍ରତିଯୋଗିତା ୯ ଜାନୁୟାରୀରୁ କୋହ୍ଲା ହାଇସ୍କୁଲ ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଲୱେ କରିଡର ପାର୍ଶ୍ୱରେ ଅବସ୍ଥିତ ୧୨ ଟି ସରକାରୀ ହାଇସ୍କୁଲ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ୭ ଜାନୁଆରୀରେ, ପୋର୍ଟ ପାରିପାର୍ଶ୍ୱସ୍ଥ ୧୨ ଟି ଉଚ୍ଚ ବିଦ୍ୟାଳୟ ପାଇଁ ବାଲସାହି ୟୁପି ସ୍କୁଲ ଖେଳ ପଡ଼ିଆରେ ଏକ ଆଥ୍ଲେଟିକ୍ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଉଭୟ ଇଭେଣ୍ଟରେ, ୨୪ଟି ହାଇସ୍କୁଲର ମୋଟ ୧୪୪ ଜଣ ବାଳକ, ୧୪୪ ଜଣ ବାଳିକା ୬ଟି ଆଥ୍ଲେଟିକ୍ ଶୃଙ୍ଖଳାରେ ୧୦୦ ମିଟର ଦୌଡ଼, ୨୦୦ ମିଟର ଦୌଡ଼, ହାଇଜମ୍ପ, ଲଙ୍ଗ ଜମ୍ପ, ସଟ୍‌ପୁଟ୍ ଏବଂ ଡିସ୍‌କସ୍ ଥ୍ରୋରେ ଅଂଶଗ୍ରହଣ କରିଥିଲେ। ଏହି ଆଥ୍ଲେଟିକ୍ ପ୍ରତିଯୋଗିତାରେ ଦୋସିଙ୍ଗା ସରପଞ୍ଚ ରାମକୃଷ୍ଣ ଜେନା, ଦୋସିଙ୍ଗା ହାଇସ୍କୁଲ ଅବସରପ୍ରାପ୍ତ ଏଚ୍‌ଏମ୍ ପଞ୍ଚାନନ ମାନ୍ନା, ସାମାଜିକ କର୍ମୀ ଦେବେନ୍ଦ୍ର ନାୟକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ନାୟକ, ଅଚକ ହାଇସ୍କୁଲ ଅବସରପ୍ରାପ୍ତ ଏଚ୍‌ଏମ୍ କିଶୋର ଚନ୍ଦ୍ର ବାରିକ, କୋହ୍ଲା ହାଇସ୍କୁଲର ଏସ୍‌ଏମ୍‌ଡିସି ନୃସିଂହ ଚରଣ ମହାପାତ୍ର, ପ୍ରଶାନ୍ତ କୁମାର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ତଥା ଆଦାନୀ ଫାଉଣ୍ଡେସନର ଅଧିକାରୀ ମାନେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।




# ଗାଲାକ୍ସି ବୁକ୬ ଅଲଟ୍ରା, ଗାଲାକ୍ସି ବୁକ୬ ପ୍ରୋ ଏବଂ ଗାଲାକ୍ସି ବୁକ୬ର ଉପସ୍ଥାପନ କରିଛି

**ଭୁବନେଶ୍ୱର, ୯।୧ (ନି.ପ୍ର):** ସାମସଙ୍ଗ ଇଲେକ୍ଟ୍ରୋନିକ୍ସ ଆଜି ସିଇଏସ ୨୦୨୬ ଅବସରରେ ଗାଲାକ୍ସି ବୁକ୬ ଅଲଟ୍ରା, ଗାଲାକ୍ସି ବୁକ୬ ପ୍ରୋ ଏବଂ ଗାଲାକ୍ସି ବୁକ୬ର ଉପସ୍ଥାପନ କରିଛି। ବର୍ତ୍ତମାନ ପର୍ଯ୍ୟନ୍ତ ରହିଥିବା ସବୁଠାରୁ ଅତ୍ୟାଧୁନିକ ଗାଲାକ୍ସି ବୁକ ଶୃଙ୍ଖଳ ମଧ୍ୟରେ ଏହି ଡିଭାଇସ ଗୁଡ଼ିକରେ ଦୃଢ଼ କାର୍ଯ୍ୟଦକ୍ଷତା ରହିଛି ଯାହା ସଠିକ୍ ଯାନ୍ତ୍ରିକୀ ଏବଂ ପତଳା ସନ୍ତୁଳିତ ଡିଜାଇନ ମାଧ୍ୟମରେ ଏଆଇ ପରିଚାଳିତ ଉତ୍ପାଦନ ସାମର୍ଥ୍ୟକାରୀତାକୁ ପ୍ରଭାବଶାଳୀ କରିପାରିବ। 'ସାମସଙ୍ଗରେ ଆମେ ପ୍ରକୃତ ନବସୃଜନ ଏବଂ ମୌଳିକ ବିଷୟ ଗୁଡ଼ିକ ଉପରେ ବିଶ୍ୱାସ ପ୍ରକଟ କରିବା ସହିତ ଏ ସମସ୍ତ ବିଷୟ ସଠିକ୍ ଭାବରେ ସମାଧାନରୁହିଁ ଆରମ୍ଭ ହୋଇଥାଏ' ଏଭଳି ମତବ୍ୟକ୍ତ କରି କହିଛନ୍ତି ଓନ-ଜୁନ ଚ୍ଛେ, ସଭାପତି ତଥା ଚିଫ ଅପରେଟିଙ୍ଗ ଅଫିସର (ସିଓଓ) ତଥା ମୋବାଇଲ ଏକ୍ସପେରିଏନ୍ସ (ଏମଏକ୍ସ) ବିଜିନେଓ ସାମସଙ୍ଗ ଇଲେକ୍ଟ୍ରୋନିକ୍ସ। 'କାର୍ଯ୍ୟଦକ୍ଷତାହିଁ ଏକ ପିସିର ଅଭିଜ୍ଞତାକୁ ନିର୍ଦ୍ଧାରିତ କରିଥାଏ। ଗାଲାକ୍ସି ବୁକ୬ ଶୃଙ୍ଖଳ ସହିତ ଆମେ ଅତୁଳନୀୟ ଗତି ଏବଂ ଏହାର ଶକ୍ତିକୁ ଏକ ଭରସାଯୋଗ୍ୟ ଏଆଇ ସହିତ ସମନ୍ୱିତ କରିଛୁ, ଯାହା ବ୍ୟବହାରକାରୀଙ୍କୁ ସାମସଙ୍ଗରୁ ଆଶା କରାଯାଉଥିବା ଅସାଧାରଣ ଉତ୍ପାଦନ ସାମର୍ଥକାରୀତା ଏବଂ ସୃଜନଶୀଳ ଦକ୍ଷତା ପ୍ରଦାନ କରିଥାଏ।'

ଅତ୍ୟାଧୁନିକ ହାଡ଼ୱେୟାର ସହିତ ନିମଜ୍ଜିତକାରୀ ଚିତାକର୍ଷକ ଦୃଶ୍ୟ ଏବଂ ସ୍ରାବ୍ୟମାନ ଏବଂ ପତଳା ତଥା ପୋଟେବୁଲ ଡିଜାଇନ ସହିତ ସମ୍ମିଳିତ ହୋଇ ଏହି ଗାଲାକ୍ସି ବୁକ୬ ଶୃଙ୍ଖଳ ସାମସଙ୍ଗର ଏପର୍ଯ୍ୟନ୍ତ ରହିଥିବା ସବୁଠାରୁ ଉନ୍ନତ ମାନର ପିସି କାର୍ଯ୍ୟଦକ୍ଷତା ପ୍ରଦାନ କରୁଛି। ଇଂଟେଲ କୋର ଅଲଟ୍ରା ଶୃଙ୍ଖଳ ୩ ପ୍ରୋସେସର ଦ୍ୱାରା ପରିଚାଳିତ - ଯାହା ଇଂଟେଲ ୧୮ଏ ଉପରେ ନିର୍ମିତ ପ୍ରଥମ କ୍ଲାଇଂଟ ସିଷ୍ଟମ ଅନ ଚିପ୍ ଗାଲାକ୍ସି ବୁକ୬ ଦକ୍ଷ ଏବଂ ଉଚ୍ଚ ଗତିସମ୍ପନ୍ନ ସିପିୟୁ, ଜିପିୟୁ ତଥା ଏନପିୟୁର କାର୍ଯ୍ୟଦକ୍ଷତା ପ୍ରଦାନ କରିଥାଏ ଯାହା ଅତି ଦ୍ରୁତତର ପ୍ରୋସେସିଙ୍ଗ ନିରନ୍ତର ବିବିଧ କାର୍ଯ୍ୟଦକ୍ଷତା ଓ ଅଧିକ ପ୍ରତିକ୍ରିୟାଶୀଳ ଏଆଇକୁ ସକ୍ଷମ କରିଥାଏ।




ସର୍ବାଧୁନିକ ଏନଭିଆଇଡ଼ିଆଇଏ ଜିଇ ଫୋର୍ସ ଆରଟିଏକ୍ସ ୫୦୭୦/ ୫୦୬୦ ଲାପଟପ ଜିପିୟୁ ସହିତ, ଗାଲାକ୍ସି ବୁକ୬ ଅଲଟ୍ରା ଉଚ୍ଚ ଗତିର ଏଆଇ ଇମେଜ ସୃଷ୍ଟି କରିବା ସଙ୍ଗେ ସଙ୍ଗେ, ସୁପର ସ୍ମୁଥ ଭିଡ଼ିଓ ପ୍ଲେବ୍ୟାକ ଏବଂ ଏଡ଼ିଟିଙ୍ଗ ଓ ଗଭୀର ଭାବରେ ମଜାଦାର ଗେମିଙ୍ଗ ଅଭିଜ୍ଞତା ସହିତ ପରବର୍ତ୍ତି ସ୍ତରର ସୃଜନଶୀଳତା ଏବଂ ମନୋରନର ଦ୍ୱାର ଉନ୍ମୁକ୍ତ କରିଥାଏ।

ସର୍ବୋତମ କାର୍ଯ୍ୟଦକ୍ଷତା ତଥା ଉନ୍ନତ ମାନର ଶୀତଳତା ପ୍ରଣାଳୀର କାର୍ଯ୍ୟଦକ୍ଷତାକୁ ସର୍ବାଧିକ କରିବା ପାଇଁ, ଶକ୍ତିଶାଳୀ ହାଡ଼ୱେୟାର ସହିତ ସମାନ ଭାବରେ ଉନ୍ନତ ଶୀତଳୀକରଣ ପ୍ରଣାଳୀ ରହିବାର ଆବଶ୍ୟକତା ରହିଛି। ସୁତରାଂ ସାମସଙ୍ଗ ଅତି ଯତ୍ନର ସହ ଏଭଳି ଏକ ଶୀତଳୀକରଣ କଳାତ୍ମକତାର ପ୍ରସ୍ତୁତ କରିଛି ଯାହା ଅଧିକ ଶବ୍ଦ ନ କରି ଦକ୍ଷ ଏବଂ ନିର'ର ଭାବରେ କାର୍ଯ୍ୟ ପ୍ରଦାନ କରିଥାଏ। ନୂତନ ଭାବରେ ଏଥିରେ ସ୍ଥାପନ କରାଯାଇଥିବା ବାଷ୍ପୀୟ ଚାମ୍ବର ତଥା ଏୟାର ଫ୍ଲୋ ପ୍ରଣାଳୀ, ଗାଲାକ୍ସି ବୁକ୬ ଅଲଟ୍ରା ଏବଂ ଗାଲାକ୍ସି ବୁକ୬ ଅଲଟ୍ରା ପ୍ରୋ ମଡ଼େଲ ଗୁଡ଼ିକ ପାଇଁ ଶାନ୍ତ କାର୍ଯ୍ୟକାରୀତାକୁ ବଜାୟ ରଖିବା ସହିତ ଉତାପ ନିଷ୍କାସନକୁ ବୃଦ୍ଧି କରିଥାଏ। ଏହା ପ୍ରଥମ ଥର ପାଇଁ ଯାହାକି ସାମସଙ୍ଗ ଗାଲାକ୍ସି ବୁକ୬ ପ୍ରୋ ଶୃଙ୍ଖଳରେ ଏହି ବାଷ୍ପୀୟ ଚାମ୍ବର ବ୍ୟବହାର କରାଯାଇଛି। ସାମସଙ୍ଗର ହାଡ଼ୱେୟାର ଐତିହ୍ୟ ଏହାର ଡିଜାଇନରେ ପ୍ରତିଫଳିତ ହୋଇଥାଏ ଯେଉଁଠାରେକି କାର୍ଯ୍ୟଦକ୍ଷତା ସହିତ ଉନ୍ନତ କାରୀଗରୀର ସମନ୍ୱୟ ରହିଛି। ଫଳସ୍ୱରୂପ ଦୈନନ୍ଦିନ ବହୁମୁଖୀ ବ୍ୟବହାର ପାଇଁ ପତଳା ଏବଂ ପ୍ରିମିୟମ ପିସି ଗୁଡ଼ିକ ନିର୍ମିତ ହୋଇଛି। ଏକ ସୁସଙ୍ଗତ ସନ୍ତୁଳନ ଏବଂ ସହଜ ବ୍ୟବହାର ଅଭିଜ୍ଞତା ହାସଲ କରିବା ପାଇଁ ଏହାର ପ୍ରତ୍ୟେକ ଅଂଶ ଏପରିକି ଛୋଟ ଅଦୃଶ୍ୟ ବିବରଣୀ ତଥା ଚିନ୍ତନକୁ ଏଥିରେ ପ୍ରତିଫଳିତ କରାଯାଇଛି। ଗାଲାକ୍ସି ଏଆଇ ସହିତ ଦିନ ସାରାର ଉତ୍ପାଦନ ସାମର୍ଥ୍ୟକାରୀତା ଏବଂ ଅତ୍ୟାଧୁନିକ ଉନ୍ନତ କାର୍ଯ୍ୟଦକ୍ଷତା ନିମନ୍ତେ ଗତି, ସ୍ଥିରତା ତଥା ନିରନ୍ତର କାର୍ଯ୍ୟଦକ୍ଷତାର ଆବଶ୍ୟକତା ରହିଛି। ଗାଲାକ୍ସି ବୁକ୬ ଉଚ୍ଚ କ୍ଷମତା ସମ୍ପନ୍ନ କମ୍ପ୍ୟୁଟିଙ୍ଗକୁ ଗାଲାକ୍ସି ଏଆଇ ସହିତ ସଂଯୋଗ କରି ଏକ ଦ୍ରୁତ ଏବଂ ସହଜ ଅଭିଜ୍ଞତା ପ୍ରଦାନ କରେ ଯାହା ଉପକରଣ ଏବଂ କ୍ଲାଉଡ୍ ଆଧାରିତ ବୁଦ୍ଧିମତା ମଧ୍ୟରେ ସୂଚାରୁ ରୂପେ କାର୍ଯ୍ୟ କରିଥାଏ। ଫଳସ୍ୱରୂପ ଆପଣଙ୍କୁ ମିଳିଥାଏ ଏପରି କିଛି ସ୍ମାର୍ଟ ଉପକରଣ ଯାହା ଅତ୍ୟନ୍ତ ଦ୍ରୁତ, ନିର୍ଭରଯୋଗ୍ୟ ତଥା ସକାଳୁ ରାତି ପର୍ଯ୍ୟନ୍ତ ଏହା ଆପଣଙ୍କୁ ସାହାଯ୍ୟ କରିଥାଏ।

ସାମସଙ୍ଗର ରହିଥିବା ଦୂରଦୃଷ୍ଟି ସମ୍ପନ୍ନ ଦୂର ଅବଧିର ବିଶ୍ୱସନୀୟତା ଏବଂ ପ୍ରତିଶ୍ରୁତିବଦ୍ଧତାକୁ ନେଇ ଗାଲାକ୍ସି ବୁକ୬ ଶୃଙ୍ଖଳ ବ୍ୟବହାରକାରୀଙ୍କୁ ଏକ ଭରସାଯୋଗ୍ୟ କାର୍ଯ୍ୟଦକ୍ଷତା ସୁନିଶ୍ଚିତ କରିଛି। ସାମସଙ୍ଗ କ୍ନକ୍ସ ଆକ୍ରମଣକୁ ରୋକିବା, ତଥ୍ୟ ସୁରକ୍ଷିତ ରଖିବା ପାଇଁ ବିବିଧ ସ୍ତରର ହାଡ଼ୱେୟାର ଆଧାରିତ ସୁରକ୍ଷା ପ୍ରଦାନକାରୀତା ଏଥିରେ ରହିଛି ଯେତେବେଳେ କି ୱିଣ୍ଡୋ ୧୧ ସୁରକ୍ଷିତକାରୀ କୋର ପିସି ବିଶେଷତ୍ୱ ମଧ୍ୟ ଏଥିରେ ସୁରକ୍ଷାର ଆଉ ଏକ ଫର୍ଦ୍ଦ ଯୋଡ଼ିଥାଏ। ସାମସଙ୍ଗର ସର୍ବୋଚ୍ଚ ମାପଦଣ୍ଡ ପୂରଣ କରିବା ଗାଲାକ୍ସି ବୁକ୬ କଠୋର ସ୍ଥାୟିତ୍ୱ ଏବଂ ଗୁଣବତା ପରୀକ୍ଷା ଦେଇ ଗତି କରିଥାଏ। ଅଧିକ ମାନସିକ ଶାନ୍ତି ପାଇଁ, ସାମସଙ୍ଗ କେୟାର+୧୮ ଦୁର୍ଘଟଣା ଜନିତ କ୍ଷତି, ମରାମତି ଏବଂ ବଦଳାଇବା ପାଇଁ ଏଥିରେ ବ୍ୟାପକ ମାତ୍ରାରେ କଭରେଜ ପ୍ରଦାନ କରିଥାଏ ଫଳରେ ବ୍ୟବହାରକାରୀ ମାନେ ଆତ୍ମବିଶ୍ୱାସର ସହିତ ସୃଜନ ଶୀଳତା, କାର୍ଯ୍ୟଦକ୍ଷତା ଏବଂ ସଂଯୋଗୀକରଣ ଉପରେ ଧ୍ୟାନ ଦେଇପାରିବେ।



# କାହା ସ୍ୱାର୍ଥରେ ସରକାରଙ୍କ ମିଶନ ଶକ୍ତି ଗୃହ ?

**ରଘୁନାଥପୁର,୯/୧(ନି.ପ୍ର):** ଗ୍ରାମାଞ୍ଚଳରେ ଉନ୍ନତି ସାଧନ ପାଇଁ ବ୍ଲକ ମାଧ୍ୟମରେ ସରକାର ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରିଆସୁଛନ୍ତି। କିନ୍ତୁ ଏଗୁଡ଼ିକ ସାଧାରଣ ସ୍ତରରେ ଲୋକଙ୍କର କେତେ କାମରେ ଆସୁଛି ତାହାର ନିଛକ ଉଦାହରଣ ପାଲଟିଛି ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ରେଡୁଆ। ପଞ୍ଚାୟତରେ ନିର୍ମିତ ହୋଇଥିବା ମିଶନ ଶକ୍ତି ଗୃହ। ବିଜେଡି ସରକାରଙ୍କ କାର୍ଯ୍ୟ କାଳ ସମୟ ୨୧-୨୨ରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଆର୍ଥିକ ଅନୁଦାନ ୫ଲକ୍ଷ ଟଙ୍କା ବିନିମୟରେ ରେଡୁଆ। ପଞ୍ଚାୟତର ହାଟ ବଜାରରେ ଏକ ମିଶନ ଶକ୍ତି ଗୃହ ନିର୍ମାଣ କରା ଯାଇଥିଲା। ଏହି କାର୍ଯ୍ୟଟି ବିଭାଗୀୟ ଅଧିକାରୀଙ୍କ ନାମରେ କାର୍ଯ୍ୟାଦେଶ ଥିବା ବେଳେ ବ୍ଲକର ଅନ୍ୟଜଣେ କନିଷ୍ଠ ଯନ୍ତ୍ରୀ ଏହାର ବିଲ୍ କରିଥିଲେ। କିନ୍ତୁ ଦିର୍ଘ ୩ବର୍ଷ ଗତ ହୋଇ ଯାଇଥିଲେ ମଧ୍ୟ ଏହି ଗୃହକୁ ସଂପୃକ୍ତ ବିଭାଗକୁ ହସ୍ତାନ୍ତର କରା ଯାଇନଥିବା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏଥି ସହିତ ଏହି ଗୃହଟି ଏଭଳି ଏକ ନିରୁପିତ ସ୍ଥାନରେ ନିର୍ମାଣ କରାଯାଇଥିବା ନେଇ ବହୁ ଏସଏଚଜି ମହିଳା ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ବିଭିନ୍ନ ଲୋକ ବିଭିନ୍ନ କଥା କହୁଥିବା ବେଳେ ବ୍ଲକ ପ୍ରଶାସନର ଏଥି ପ୍ରତି ନଜର ନଥିବାରୁ ଜନୈକ ବ୍ୟକ୍ତି ଏହି ଗୃହକୁ ନିଜ କାମରେ ଲଗାଉ ଥିବା ଅଭିଯୋଗ ହେଉଛି।



ଏ ବାବଦରେ ବିଡିଓ ବିରେଞ୍ଚି ନାରାୟଣ ବେହେରା ଙ୍କୁ ପଚରିବାରୁ ସେ ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଥିବା ଜଣାଇଛନ୍ତି। ସେହିପରି ମୁଁ ନିର୍ବାଚିତ ହେବା ପୂର୍ବରୁ ଏହି ଗୃହ ନିର୍ମାଣ ହୋଇଥିବା ଏବଂ ଘରଟି ସମ୍ପୂର୍ଣ୍ଣ ହେବା ଆଉ କିଛି କାର୍ଯ୍ୟ ବାକି ରହିଥିବା ଖବର ତାଙ୍କ ନିକଟରେ ରହିଛି ବୋଲି ରେଡୁଆ। ସରପଂଚ କିଶୋର ବେହେରା ଆମ ପ୍ରତିନିଧିଙ୍କୁ କହିଛନ୍ତି।

# ଜସ୍ମିନ୍ ସେଠ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ଦାବିରେ ବିକ୍ଷୋଭ

**ବନ୍ତଳା, ୯।୧ (ନି.ପ୍ର):** ନାରୀ ନିର୍ଯ୍ୟାତନା ବିରୋଧୀ ଗଣ କମିଟି, ବନ୍ତଳା ଆନୁକୂଲ୍ୟରେ ସ୍ଥାନୀୟ ମଦନ ମୋହନ ଜିଉ ଟ୍ରଷ୍ଟ ପଡିଆ, ଶଙ୍ଖପୁର ଠାରେ ଜସ୍ମିନ୍ ସେଠ ହତ୍ୟାର ଆସାମୀଙ୍କୁ କଠୋର ଶାସ୍ତି, ଛାତ୍ରୀ, ମହିଳାମାନଙ୍କୁ ସୁରକ୍ଷା ସୁନିଶ୍ଚିତ କରିବା, ମଦ ମାଦକଦ୍ରବ୍ୟ ଓ ଅଶ୍ଳୀଳତା ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଏବଂ ହାତୀ ଉପଦ୍ରବ ବନ୍ଦ କରି ଧନ ଜୀବନ ସୁରକ୍ଷା କରିବା ଦାବିରେ କମିଟିର ଅନ୍ୟତମ ଆବାହିକା ତଥା ଏ.ଆଇ.ଏମ୍.ଏସ୍.ଏସ୍.ର ଜିଲ୍ଲା ସଭାନେତ୍ରୀ ମନ୍ଦୋଦରୀ ରାଉଳଙ୍କ ସଭାପତିତ୍ୱରେ ଖୋଲା କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଯାଇଛି। ପ୍ରକାଶଥାଉକି ୮ ଜାନୁୟାରୀ ଖୋଲା କନ୍‌ଭେନ୍‌ସନ୍ କରିବା ପାଇଁ ପୋଲିସ୍ ଓ ପ୍ରଶାସନ ୬ ତାରିଖରେ ଅନୁମତି ପ୍ରଦାନ କରିଥିଲେ। ହଠାତ୍ ୭ ତାରିଖ ରାତି ୯ଟାରେ ଅନୁମତି ରଦ୍ଦ କରିଦେଲେ ଓ ରାତାରାତି ପ୍ରତି ଗାଁକୁ ଯାଇ ଖୋଲା କନ୍‌ଭେନ୍‌ସନ୍‌କୁ ଆହ୍ୱାନ କରିଥିବା ବ୍ୟକ୍ତିମାନଙ୍କୁ ଯୋଗଦେବା ପାଇଁ ବାରଣ କରିବା, ଅନୁମତି ନାହିଁ କହି ଭୟଭୀତ କରିଥିଲେ। କାହା ପ୍ରରୋଚନାରେ ଆସାମୀଙ୍କୁ ଧରିବା ପରିବର୍ତ୍ତେ କନ୍‌ଭେନ୍‌ସନ୍ ବନ୍ଦ କରିବା ଏତେ ତତ୍ପର କାହିଁକି ଆମ ପୋଲିସ୍। ସମସ୍ତ ପ୍ରକାର ବାଧା ସତ୍ତ୍ୱେ ଶହ ଶହ ମହିଳା, ପୁରୁଷ କନ୍‌ଭେନ୍‌ସନ୍‌ରେ ଯୋଗଦେବା ପାଇଁ ଆସିଥିଲେ। ସେହିପରି ସେପ୍ଟେମ୍ବର ୧୮ ତାରିଖରେ ଜସ୍ମିନ୍ ସେଠର ହତ୍ୟାର ଆସାମୀଙ୍କୁ କଠୋର ଦାବିରେ ହୋଇଥିବା ଏସ୍.ପି. ଅଫିସ୍ ଘେରାଉ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ପୋଲିସ୍ ପ୍ରଶାସନ ହୀନ ଉଦ୍ୟମ କରିଥିଲେ। ତାହାସତ୍ତ୍ୱେ ହଜାର ହଜାର ଜନସାଧାରଣ ୧୨କିଲୋମିଟର ଚାଲି ଚାଲି ଆସି ବିକ୍ଷୋଭ କରିଥିଲେ। ପୋଲିସ୍ ପ୍ରଶାସନର ଏଭଳି କାର୍ଯ୍ୟକଳାପକୁ ସ୍ଥାନୀୟ ଜନସାଧାରଣ ତୀବ୍ର ନିନ୍ଦା କରିଛନ୍ତି। ଅନ୍ୟପଟରେ ସମସ୍ତ ପ୍ରକାର ବାଧା ପ୍ରତିବନ୍ଧକ ସତ୍ତ୍ୱେ କନ୍‌ଭେନ୍‌ସନ୍‌ରେ ଯୋଗଦେଇଥିବା ଜନସାଧାରଣଙ୍କୁ ସମ୍ବୋଧିତ କରିବା ପାଇଁ ଛୁଟି ଆସିଥିଲେ ଏ.ଆଇ.ଏମ୍.ଏସ୍.ଏସ୍. ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକ ଓ ସମ୍ପାଦିକା ସରୋଜିନୀ ନାୟକ। ତାଙ୍କ ବକ୍ତବ୍ୟରେ କ୍ଷୋଭ ପ୍ରକାଶ କରି କହିଲେଯେ, ଶ୍ୟାମସୁନ୍ଦରପୁର ଗ୍ରାମର ଅକ୍ଷୟ ସେଠଙ୍କର ୧୧ବର୍ଷର ଝିଅ ଜସ୍ମିନ୍ ଗତ ସେପ୍ଟେମ୍ବର ୬ତାରିଖ ସନ୍ଧ୍ୟାରେ ଗାଁ ଦାଣ୍ଡରୁ ନିଖୋଜ ହେଲା ଏବଂ ତାପରଦିନ ଅର୍ଥାତ୍ ସେପ୍ଟେମ୍ବର ୭ତାରିଖ ସକାଳୁ ସ୍ଥାନୀୟ ଭାଲୁଖାଇ ନାଳରୁ ତାର କ୍ଷତବିକ୍ଷତ ବିଭତ୍ସ ମୃତ ଦେହ ମିଳିଥିଲା; ଅଥଚ ବାରମ୍ବାର ବିଭିନ୍ନ ମହଲରେ ଦାବି ଓ ହଜାର ହଜାର ଅଞ୍ଚଳବାସୀଙ୍କ ଆନ୍ଦୋଳନ ପରେ ମଧ୍ୟ ବର୍ତ୍ତମାନ ସୁଦ୍ଧା ହତ୍ୟାର କାରଣ ନିରୂପଣ ଓ ହତ୍ୟାକାରୀଙ୍କୁ ଠାବ କରାଯାଇନାହିଁ। ଅପରାଧୀ ନିଶ୍ଚିତ ରୂପେ ଆଖପାଖ ସ୍ଥାନୀୟ ଅଧିବାସୀ। ମାତ୍ର କେଉଁ କାରଣରୁ ଅପରାଧୀଙ୍କୁ ସୁରକ୍ଷା ଦିଆଯାଉଛି ଏବଂ ଅପରାଧିକ କାର୍ଯ୍ୟକଳାପକୁ ଉତ୍ସାହିତ କରାଯାଉଛି ତାନେଇ ସାଧାରଣ ଜନତା ସନ୍ଦିହାନ ଏବଂ ସର୍ବଦା ନିଜର ପିରବାର, ପରିଜନ, ଝିଅବୋହୂଙ୍କ ସୁରକ୍ଷାକୁ ନେଇ ଗଭୀର ଆଶଙ୍କା ମଧ୍ୟରେ କାଳାତିପାତ କରୁଛନ୍ତି। ତେବେ ପ୍ରଶ୍ନ ଉଠୁଛି ସରକାରୀ କଳ, ବଳ, ପୋଲିସ ପ୍ରଶାସନ ସତରେ କଣ ଏତେ ଅପାରଗ ନା କୌଣସି ହୀନ ରାଜନୈତିକ ଉପଯୋଗୁଁ ଅପରାଧୀଙ୍କୁ ସୁରକ୍ଷା ଦିଆଯାଉଛି। ଆହୁରି ମଧ୍ୟ କହିଲେ ଯେ ଜସ୍ମିନ୍ ସେଠ ହତ୍ୟାକାଣ୍ଡ ଭଳି ଜିଲ୍ଲାରେ ତଥା ଆମ ରାଜ୍ୟ ଓ ଦେଶରେ ମହିଳା ଓ ଛାତ୍ରୀମାନଙ୍କ ଉପରେ ହେଉଥିବା ହତ୍ୟା, ଧର୍ଷଣ, ଗଣଧର୍ଷଣକାରୀଙ୍କୁ ଧରି କଠୋର ଦଣ୍ଡବିଧାନ ଦେବା ପରିବର୍ତ୍ତେ ଖୋଦ୍ ପୋଲିସ୍ ପ୍ରଶାସନ, ସରକାରୀ ଦଳ ଘଣ୍ଟ ଘୋଡାଉଥିବାର ଅନେକ ନଜିର ରହିଛି।




# ଧାନ ମଣ୍ଡି ର ବିଭିନ୍ନ ସମସ୍ୟା କୁ ନେଇ ଚାଷୀ ସଙ୍ଗଠନର ଦାବିପତ୍ର



**କୁଚିଣ୍ଡା,୯।୧(ନି.ପ୍ର.):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡର ଧାନ ମଣ୍ଡି ଗୁଡିକ ରେ ପଡ଼ିଥିବା ଚାଷୀ ଙ୍କ କଷ୍ଟୋର୍ପାଜିତ ଧାନ କୁ ତୁରନ୍ତ କ୍ରୟ କରାଯିବା, କଟନୀଛଟନି ବନ୍ଦ ହେବା ଏବଂ ଧାନ କୁଇଣ୍ଟାଲ ପ୍ରତି ବୋନସ କୁ ମିଶାଇ ୩୧୬୯ ଟଙ୍କା ପ୍ରଦାନ କରାଯିବା ନେଇ ସମଲେଶ୍ୱରୀ ଆଞ୍ଚଳିକ କୃଷକ ଏକତା ମଞ୍ଚ ଆଜି କୁଚିଣ୍ଡା ସ୍ଥିତ କୁଣ୍ଡେଶ୍ୱର ମନ୍ଦିର ପ୍ରାଙ୍ଗଣ ରୁ ଏକ ରାଲି ରେ ଆସି ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟ ରେ କୁଚିଣ୍ଡା ଉପଜିଲ୍ଲାପାଳ ଙ୍କ ଅନୁପସ୍ଥିତି ଆସିଷ୍ଟାଣ୍ଟ ଉପଜିଲ୍ଲାପାଳ ଲୋଚନ ଶବର ଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଚାଷୀ ଙ୍କ ସୂଚନା ମୁତାବକ କୁଚିଣ୍ଡା ଉପଖଣ୍ଡ ର ପ୍ରତ୍ୟେକ ଧାନ ମଣ୍ଡି ରେ ଶହ ଶହ ଚାଷୀ ଙ୍କ ହଜାର ହଜାର ଧାନ ବସ୍ତା ପଡି ରହିଥିବା ଏବଂ ମିଲର୍ସ ଧାନ ନେବା ରେ ନାଁ ଧରୁ ନଥିବା ଏବଂ ଟୋକନ ସମସ୍ୟା ଲାଗିରହିଥିବା ଦର୍ଶାଥିଲେ। ଯଦି ଏସବୁ ସମସ୍ୟା ର ସମାଧାନ କରାନଯାଏ ତାହେଲେ ଆଗାମୀ ଦିନ ରେ ଚାଷୀ ରାଜ ରାସ୍ତା ରେ ଓହ୍ଲାଇବା ପାଇଁ ଚାଷୀ ସଂଗଠନ ଚେତାବନୀ ଦେଇଥିଲେ ଯଏହି କାର୍ଯ୍ୟକ୍ରମ ରେ ସମଲେଇଶ୍ୱରୀ ଆଞ୍ଚଳିକ କୃଷକ ଏକତା ମଞ୍ଚ ସଭାପତି ସୁଶୀଲ ନାୟକ,ବିକାଶ ପୃଷ୍ଠେଠ, ପୂର୍ବତନ ବିଧାୟକ କିଶୋର ନାଏକ, ଅଖିଳ ପ୍ରତାପ ସିଂ, ଲିଙ୍ଗରାଜ ବାଘ,କେଦାରନାଥ ବରିହା,ଅଜିତ କୁମାର ମହାପାତ୍ର, କିଶୋର ଚନ୍ଦ୍ର କିସାନ, ବିପ୍ରଚରଣ ବାଘ, ଲବଣୀଧର ନାଏକ, ଏପରିକି କୁଚିଣ୍ଡା ଅଞ୍ଚଳ ର ଶହ ଶହ ଚାଷୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଦୁର୍ଘଟଣାରେ ଆହତଙ୍କ କ୍ଷତିପୂରଣ ଦାବିରେ ଥାନା ଘେରାଉ



**ରଘୁନାଥପୁର, ୯/୧(ନି.ପ୍ର):** ଦୁର୍ଘଟଣାରେ ଆହତ ହୋଇଥିବା ବ୍ୟକ୍ତିଙ୍କ କ୍ଷତିପୂରଣ ଦାବିରେ ଆଜି ସିଦ୍ଧ ଭୂଇଁ ଗ୍ରାମବାସୀଙ୍କ ପକ୍ଷରୁ ରଘୁନାଥପୁର ଥାନା ଘେରାଉ କରା ଯାଇଥିଲା। ସୂଚନାଯୋଗ୍ୟ, ଗତ ଜାନୁଆରୀ ୫ତାରିଖରେ ସିଦ୍ଧ ଭୂଇଁ ଗ୍ରାମର ଅନିଲ ସ୍ୱାଇଁ (୪୦)ଏକ ପାନ ଦୋକାନ ସମ୍ମୁଖରେ ଠିଆ। ହୋଇଥିବା ବେଳେ ସାଦେଇପୁର ଗ୍ରାମର ବଳରାମ ପଣ୍ଡାଙ୍କ ପୁଅ ତାରେଣୀ ପ୍ରସାଦ ପଣ୍ଡା (୨୪)ଏକ ପଲସର ଗାଡ଼ିରେ ଦ୍ରୁତ ବେଗରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଅନୀଲଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହିତ ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିଲା। ଗ୍ରାମବାସୀମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ରଘୁନାଥପୁର ଡାକ୍ତରଖାନାକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ଉଦବେଗ ପୂର୍ଣ୍ଣ ଥିବାରୁ ଡାକ୍ତର ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରିଥିଲେୟ ବର୍ତମାନ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜଣାଯାଇଛି। ଏହି ଘଟଣାରେ ରଘୁନାଥପୁର ଥାନା ପୋଲିସ ୧/୨୦୨୬ରେ ଏକ ମାମଲା ରୁଜୁ କରି ତାରେଣି ପ୍ରସାଦଙ୍କୁ ନୋଟିସ କରି ଛାଡ଼ି ଦେଇଛନ୍ତି। ଅନ୍ୟପକ୍ଷରେ ଅନୀଲ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇ ଥିବା ଏବଂ ତାଙ୍କର ଗୋଟିଏ ୪ବର୍ଷର ପୁଅ, ସ୍ତ୍ରୀଙ୍କ ସହିତ ରୋଗାକ୍ରାନ୍ତ ବାପା ଓ ମା ଅଛନ୍ତି। ଏଭଳି ଅବସ୍ଥାରେ ତାଙ୍କ ପରିବାର ବର୍ତ୍ତମାନ ବହୁ ଅସୁବିଧାରେ ରହୁଥିବା ଦେଖି ତାଙ୍କର କ୍ଷତି ପୂରଣ ଦାବିରେ ଆଜି ଗ୍ରାମବାସୀଙ୍କ ପକ୍ଷରୁ ରଘୁନାଥପୁର ଥାନା ଘେରାଉ କରା ଯାଇଥିଲା। ଥାନା ଏସ ଆଇ ଯୋଗେଶ୍ୱର ବେହେରା ବୁଝାଶୁଝା କରିବା ପରେ ଗ୍ରାମବାସୀ ମାନେ ଫେରି ଯାଇଥିଲେୟ ଏହି ଘେରାଉରେ ପ୍ରଣତି ଜେନା, ଗାୟତ୍ରୀ ସ୍ୱାଇଁ, କିରଣବାଳା ବାରିକ, ମଞ୍ଜୁଲତା ବାରିକ, ଚୁନି ଦାସ,ଟକନି ଦାସ, ଶୁକାନ୍ତି ସ୍ୱାଇଁ, ପବିତ୍ର ସ୍ୱାଇଁ, ପ୍ରଭାକର ସ୍ୱାଇଁ, ଅମୁଲ୍ୟ ବାରିକ, ଅକ୍ଷୟ ସ୍ୱାଇଁ ପ୍ରମୁଖ ୪୦ରୁ ଉର୍ଦ୍ଧ ଗ୍ରାମବାସୀମାନେ ସାମିଲ ଥିବା ବେଳେ ଅନିଲଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବୀ କରାଯାଇଛି।

# ସାମ୍ବାଦିକାଙ୍କ ଅକାଳ ବିୟୋଗରେ ସମୂହ ଦୀପ ଦାନ



**କାକଟପୁର, ୯।୧ (ନି.ପ୍ର):** ପିପିଲି ଥାନା ମଙ୍ଗଳପୁର ସଡ଼କ ଦୁର୍ଘଟଣା ରେ ମୃତ ନିୟୁକ୍ତ -୭ ସାମ୍ବାଦିକା ସିଲା ପଟ୍ଟନାୟକ ଙ୍କ ମୃତ୍ୟୁ ରେ କାକଟପୁର ସମସ୍ତ ସାମ୍ବାଦିକ ବନ୍ଧୁ ମାନଙ୍କ ସମୂହ ଦୀପଦାନ ମଙ୍ଗଳା ମନ୍ଦିର ସମ୍ମୁଖରେ ପ୍ରଦାନ କରାଯାଇ ଗଭୀର ଶୋକ ପ୍ରକାଶ କରାଯାଇଛି। ସିଲା ପଟ୍ଟନାୟକ ଅମର ରହେ ନାରା ଦେଇ ସମସ୍ତ ସାମ୍ବାଦିକ ବନ୍ଧୁମାନେ ତାଙ୍କର ଅମର ଆତ୍ମା ର ସଦଗତି କାମନା କରିଛନ୍ତି। ଏଥିରେ ପ୍ରେସକ୍ଲବ ସଭାପତି କମଳ ଲୋଚନ ଦୀକ୍ଷିତ, ସମ୍ପାଦକ ଆଦିତ୍ୟ ରାଉତ, ଉପ ସଭାପତି ତୁଷାର ରଞ୍ଜନ ଦୀକ୍ଷିତ, କୋଷାଧକ୍ଷ ଭାଗବତ ସ୍ୱାଇଁ, ମାନସ ଦୀକ୍ଷିତ, ପ୍ରଭାତ ଦୀକ୍ଷିତ, ପ୍ରଭାସ ପୃଷ୍ଟି, ବ୍ରଜ କିଶୋର ସାହୁ, ଅକ୍ଷୟ ପ୍ରସାଦ ମହାନ୍ତି,ବରିଷ୍ଠ ସାମ୍ବାଦିକ ସମରେନ୍ଦ୍ର ଦୀକ୍ଷିତ,ପ୍ରଦୀପ ପଣ୍ଡା, ପ୍ରଦୀପ୍ତ ଦୀକ୍ଷିତ, ପ୍ରଶାନ୍ତ ଜେନା, କାକଟପୁର ସାମ୍ବାଦିକ ସଙ୍ଘ ର କର୍ମକର୍ତା ରୁପେଶ କୁମାର ସାହୁ,ଚିନ୍ମୟ ପୋଲେଇ, ଶଙ୍କର ପ୍ରସାଦ ଦାସ ପ୍ରମୁଖ ଯୋଗଦାନ କରିଥିଲେ।

# ଜିନ୍ଦଲ ଷ୍ଟିଲ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ

**ଯୋଡ଼ା/ବଡ଼ବିଲ,୯।୧ (ନି.ପ୍ର) :** ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କ ସହ ସମ୍ପର୍କକୁ ଆହୁରି ମଜଭୁତ କରିବା ପାଇଁ ଜିନ୍ଦଲ ଷ୍ଟିଲ ପକ୍ଷରୁ ନୂତନ ବର୍ଷ ଅବସରରେ ଜନ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଡ଼ବିଲ ପେଲେଟ ପ୍ଲାଣ୍ଟ, କାଶିଆ। ଆଇରନ ଓ ଡୋଲୋମାଇଟ ମାଇନ୍ସ ଓ ରୋଇଡା- ଓ ମାଇନ୍ସ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଗ୍ରାମ ମୁଖିଆ, ସରପଞ୍ଚ, ସମିତିସଭ୍ୟ ଓ ସମାଜସେବୀ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଦେଓଝରରେ ଆୟୋଜିତ ଜନସମ୍ପର୍କ କାର୍ଯ୍ୟକ୍ରମରେ ଦେଓଝର ସମିତି ସଭ୍ୟ ଶ୍ରୀମତୀ ଲକ୍ଷ୍ମୀ ମୁଣ୍ଡା, ଦେଓଝର ନାଏବ ସରପଞ୍ଚ ଶ୍ରୀମତୀ କାଦମ୍ବିନୀ ନାଏକ, କଣ୍ଡରା ସମିତି ସଭ୍ୟ ସୋମନାଥ ମହାନ୍ତ, ବୀରକଳା ସମିତି ସଭ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ, ଦେଓଝରର ପୂର୍ବତନ ସମିତି ସଭ୍ୟ, ଯୁଧିଷ୍ଠିର ପଲେଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବୀରବର ନାଏକ, ପୂର୍ବତନ ସରପଞ୍ଚ ମଙ୍ଗଳ ମୁଣ୍ଡା, ଦୋଳଗୋବିନ୍ଦ ନାଏକ ଓ ଜନାର୍ଦ୍ଦନ ନାଏକ ପ୍ରମୁଖ ଯୋଗଦେଇଥିଲେ। ସେହିପରି ସମାଜସେବୀ ତ୍ରିଲୋଚନ ପଲେଇ, କାଳୀଚରଣ ମୁଣ୍ଡା, ପାଣ୍ଡିଆ। ମୁଣ୍ଡା, ବିଳାସିନୀ ନାଏକ, ଅର୍ଜୁନ ମୁଣ୍ଡା, ପ୍ରଫୁଲ୍ଲ ନାଏକ ପ୍ରମୁଖ ଯୋଗଦେଇଥିଲେ। ଏହା ସହିତ ଶିଆଳିଯୋଡ଼ା, ଦେଓଝର, କଣ୍ଡରା, ଗୋବର୍ଦ୍ଧନପୁର ଓ ଅଁଶେଇକଳା ସମେତ ଅନେକ ଗ୍ରାମର ପ୍ରମୁଖ ବ୍ୟକ୍ତି ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜିନ୍ଦଲ ଷ୍ଟିଲର ବିକେଟିଆର କ୍ଲଷ୍ଟର ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର, ବଡ଼ବିଲ ୟୁନିଟ ହେଡ୍ ପୁରୁଷୋତ୍ତମ ଏମ ଡି, ଏଚଆର ଏଣ୍ଡ ଇଏସ ମୁଖ୍ୟ ବିପିନ ବିହାରୀ ପ୍ରଧାନ, ସିଏସଆର ହେଡ୍ ଉର୍ଜିଲ ଲାକ୍ରା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀ, ଜନପ୍ରତିନିଧି ଓ ସମାଜସେବୀଙ୍କ ସହ ବିଭିନ୍ନ ପ୍ରସଂଗରେ ଆଲୋଚନା କରିଥିଲେ। ସେହିପରି ଜିନ୍ଦଲ ଷ୍ଟିଲ ବିକେଟିଆର କ୍ଲଷ୍ଟର ହେଡଙ୍କ ନେତୃତ୍ୱରେ କାଶିଆ। ମାଇନ୍ସ ଓ ରୋଇଡା- ଓ ମାଇନ୍ସର ପାରିପାର୍ଶ୍ୱକ ଅଞ୍ଚଳର ଜନପ୍ରତିନିଧି, ସମାଜସେବୀ ଓ ପ୍ରମୁଖ ବ୍ୟକ୍ତିଙ୍କୁ ନେଇ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସେରେଣ୍ଡା ସରପଞ୍ଚ ସୁସ୍ମିତା ସିନ୍ଧୁ, ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ ଓ ଭୂୟାଁରୋଇଡ଼ା ସରପଞ୍ଚ ତୁଳସୀ ବୋବାଙ୍ଗା ଯୋଗଦେଇ ସୁଚିନ୍ତିତ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେରେଣ୍ଡା ସମିତି ସଭ୍ୟ ଶଙ୍କର ଚଟମ୍ବା, ଭଦ୍ରାସାହି ସମିତି ସଭ୍ୟ ଯଶବନ୍ତ ପାତ୍ର ଓ ୱାର୍ଡ ମେମ୍ବର ଭାଗବତ ପଲେଇଙ୍କ ସମେତ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଜୟନ୍ତୀ ବନରା, ସମାଜସେବୀ ମଦନ ବେହେରା, କୁବେର ପଲେଇ, ପୁରୁଷୋତ୍ତମ ବାରିକ, ସୁନୀଲ ଦତ୍ତ, ବିପିନ ନାଏକ, ସଞ୍ଜୟ ପାତ୍ର, ନିଶିକାନ୍ତ ପଲେଇ ସଞ୍ଜୀବ ପଲେଇ ଓ ଗୌତମ ପଲେଇ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେୟ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହେଉଥିବାରୁ ସମସ୍ତେ ଜିନ୍ଦଲ ଷ୍ଟିଲକୁ ପ୍ରଶଂସା କରିଥିଲେ।



# ନବରଙ୍ଗପୁର ରେ ସ୍ୱର୍ଣ୍ଣ କୋଦଣ୍ଡ ଧନୁଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା



**ନବରଙ୍ଗପୁର, ୯।୧ (ନି.ପ୍ର):** ଓଡିଶା ରୁ ଅଯୋଧ୍ୟା କୁ ଯିବ ସ୍ୱର୍ଣ୍ଣ କୋଦଣ୍ଡ ଧୋନୁ। ରାଉରକେଲା ରୁ ଓଡିଶା ର ୩୦ ଟି ଜିଲ୍ଲା ପରିକ୍ରମା କରି ରାମ ଲାଲାଙ୍କ ଜନ୍ମ ପୀଠ ଅଯୋଧ୍ୟା କୁ ଯିବା ଅଭିମୁଖେ ବାହାରିଛି ସ୍ୱର୍ଣ୍ଣ କୋଦଣ୍ଡ ଧୋନୁ। ସୁନା, ରୁପା, ତମ୍ବା, ଜିଙ୍କ ଏବଂ ଲୁହା ଭଳି ୫ ଗୋଟି ଧାତୁରେ ତିଆରି ୮ ଫୁଟ ଲମ୍ବା ଏବଂ ୩ ଫୁଟ ଉଚ୍ଚତା ବିଶିଷ୍ଟ ଧୋନୁ ଟା ସହିତ ତୀର ଅଯୋଧ୍ୟା ଅଭିମୁଖେ ବାହାରିଛି। ଆଜି ନବରଙ୍ଗପୁର ସହରରେ ପହଁଞ୍ଚିବା ପରେ। କୋଦଣ୍ଡ ଧନୁ କୁ ଭ୍ୟ ଭାବେ ସ୍ୱାଗତ କରିଛନ୍ତି ନବରଙ୍ଗପୁର ବିଧାୟକ ଏବଂ ହଜାର ହଜାର ଶ୍ରଦ୍ଧାଳୁ। ନବରଙ୍ଗପୁର ସ୍ଥିତ ଗୁଣ୍ଡିଚା ମନ୍ଦିର ଠାରୁ ଏକ ବିଶାଳ ଶୋଭା ଯାତ୍ରା ରେ ବାହାରି ରାମ ମନ୍ଦିର ରେ ପହଁଞ୍ଚିଥିଲା, ରାମଲାଲା ଙ୍କ ଏହି ସ୍ୱର୍ଣ ଧୋନୁର ଦର୍ଶନ ପାଇ ଅତ୍ୟନ୍ତ ଆନନ୍ଦିତ ହୋଇଛନ୍ତି ନବରଙ୍ଗପୁରବାସୀ। ନବରଙ୍ଗପୁର କୋରାପୁଟ ଏବଂ ମାଲକାନଗିରି ଜିଲ୍ଲା ଦେଇ ଅଯୋଧ୍ୟା ଯିବ ଏହି ସ୍ୱର୍ଣ୍ଣ ଧୋନୁ।

# କଟକ ମାଡ଼ୱାଡ଼ି ସମାଜ ଓ ମାଡ଼ୱାଡ଼ି ଯୁବ ମଞ୍ଚ କଟକ ବିକାଶ ପକ୍ଷରୁ ପ୍ରାକୃତିକ ଚିକିତ୍ସା ଶିବିର ଉଦ୍‌ଯାପିତ

**କଟକ, ୯।୧ (ନି.ପ୍ର):** କଟକ ମାଡ଼ୱାଡ଼ି ସମାଜ ଓ ମାଡ଼ୱାଡ଼ି ଯୁବ ମଞ୍ଚ କଟକ ବିକାଶ ପକ୍ଷରୁ ଆୟୋଜିତ ୭ ଦିନିଆ। ଶିବିରରେ ୧୨୮ ଜଣ ୬୭୮ ଥର ଚିକିତ୍ସା ପାଇଛନ୍ତି। ରୋଗୀମାନେ ଆଣ୍ଠୁ ଯନ୍ତ୍ରଣା, ସାୟାଟିକା, ବେକ ଯନ୍ତ୍ରଣା, ପିଠି, ମୁଣ୍ଡ, ଗଣ୍ଠି ଯନ୍ତ୍ରଣା, ହାତ ଓ ପାଦରେ ଅସ୍ଥିରତା, ଥାଇରଏଡ୍ ଏବଂ ହାଡ ଯନ୍ତ୍ରଣାରୁ ମୁକ୍ତି ପାଇଥିଲେୟ ଚିକିତ୍ସାରେ ଉପକୃତ ହୋଇଥିବା ରୋଗୀମାନେ ଆୟୋଜକ କମିଟିକୁ କୃତଜ୍ଞତା ଜଣାଇଛନ୍ତି। ଭବିଷ୍ୟତରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସେ ଦାବି କରିଛନ୍ତି। ଉଦଯାପନୀ ସମାରୋହକୁ ସମ୍ବୋଧିତ କରି ଦେବେନ୍ଦ୍ର ସିଂହ ଏବଂ ତାଙ୍କ ସମଗ୍ର ଦଳ କହିଥିଲେ ଯେ ପ୍ରାକୃତିକ ଚିକିତ୍ସା ଦ୍ୱାରା କ୍ରନିକ୍ ରୋଗକୁ ନିୟମିତ କରିବା ଦ୍ୱାରା ଆରୋଗ୍ୟ କରାଯାଇପାରିବ ଏବଂ ଆୟୋଜକ କମିଟିକୁ କୃତଜ୍ଞତା ଜଣାଇଛନ୍ତି। ଆୟୋଜକ କମିଟି ରାଜସ୍ଥାନର ହନୁମାନଗଡ଼ର ଡକ୍ଟର ରାମ ମନୋହର ଲୋହିଆ। ଆରୋଗ୍ୟ ଜୀବନ ସଂସ୍ଥାନରୁ ଆମ ଗହଣକୁ ସେବା କରିବାକୁ ଆସିଥିବା ଥେରାପିଷ୍ଟ ମହେନ୍ଦ୍ର କୁମାରଙ୍କୁ ସମ୍ମାନିତ କରିଥିଲା। ଉଦଯାପନୀ ସମାରୋହରେ କଟକ ମାରୱାଡି ସମାଜର ସଭାପତି ସଞ୍ଜୟ ଶର୍ମା, ମାରୱାଡି ଯୁବ ମଞ୍ଚ କଟକ ବିକାଶର ସଭାପତି ଗୋପାଳ କୃଷ୍ଣ ଟେବ୍ରିୱାଲ, ଦେବକିନନ୍ଦନ ଯୋଶୀ, ବିଜୟ ଅଗ୍ରୱାଲ ଉପସ୍ଥିତ ଥିଲେ। ବର୍ତ୍ତମାନର ସଦସ୍ୟଗଣ ଅଶୋକ ଚୌବେ ମହାଶୟ, କିଶନ ଶର୍ମା ମହାଶୟ, ନନ୍ଦ କିଶୋର ଯୋଶୀ ମହାଶୟ, ରଶ୍ମି ମିତ୍ତଲ ମହାଶୟା, ପିଙ୍କି ମୋଡା ମହାଶୟା, ମିଶ୍ରୀ ମିତ୍ତଲ, ବଜରଙ୍ଗ ଚିମାଙ୍କା, କିଶୋର ଆଚାର୍ଯ୍ୟ, ରାଜେଶ ଅଗ୍ରୱାଲ ଆଦି। ମନୋଜ ଶର୍ମା, ପ୍ରୀତମ ହଲୱାସିଆ, ପଓ୍ୱନ ଅଗ୍ରୱାଲ, ରାଜେଶ ଶର୍ମା, ବିନୀତା ଅଗ୍ରୱାଲ, ପବନ ସାଇନ, ଅମିତ ଶର୍ମା, ଉମେଶ ସିକାରିଆ। ,ଜୟପ୍ରକାଶ ସୈନ, ପ୍ରେମ ପାରିକ ଜୀ, ପବନ ଚୌଧୁରୀୟ ଯୋଗେନ୍ଦ୍ର ଅଗ୍ରୱାଲ ମହାଶୟ, ରାଜେଶ କମାନୀ ମହାଶୟ, ଅନେକ ସଦସ୍ୟ, ପିଙ୍କି ମୋଡା, ଈଶ୍ୱର ଶର୍ମା ଆଦି ଉପସ୍ଥିତ ଥିଲେ ଏବଂ ଉଭୟ ସାମାଜିକ ସଂଗଠନ ଆଶ୍ୱାସନା ଦେଇଥିଲେ ଯେ ଜନହିତରେ ଏଭଳି ଆୟୋଜନ ନିରନ୍ତର କରାଯିବ, ଜନସାଧାରଣଙ୍କ ଭାବନାକୁ ଦୃଷ୍ଟିରେ ରଖି ଏଭଳି ଆୟୋଜନ କରାଯିବା ଉଚିତ।




# ବ୍ୟାସ ଫାଉଣ୍ଡେସନ ଓ ଜିଲ୍ଲା ପ୍ରଶାସନ ସହାୟତାରେ ମା'ଙ୍କ ଦାୟିତ୍ୱ ନେଲା ପୁଅ

**ପାରାଦୀପ/ଜଗତସିଂହପୁର, ୯।୧ (ନି.ପ୍ର):** ଜଗତସିଂହପୁର ଜିଲ୍ଲାର ଯଶୋବନ୍ତ ପୁର ଗ୍ରାମର ଶ୍ରୀମତୀ ସରସ୍ୱତୀ ଓଝା ସ୍ୱାମୀଙ୍କ ମୃତ୍ୟୁ ପରେ ଦୀର୍ଘ ଦିନ ହେବ ନିଜର ଜନ୍ମ କଲା ପୁଅ ସର୍ବେଶ୍ୱର ଓଝାଙ୍କ ଦ୍ୱାରା ଶାରୀରିକ ଓ ମାନସିକ ନିର୍ଯାତିତା ହେବା ପରେ ଦୟନୀୟ ଭାବେ ଅନ୍ୟର ଆଶ୍ରରେ କାଳାତିପାତ କରି ଆସୁଥିଲେ। ଯେଉଁଠାରେ ରକ୍ତର ସମ୍ପର୍କ ଜନ୍ମ କଲା ମାଆକୁ ହତାଦର କରେ ସେଠାରେ କେଉଁ ସ୍ୱାର୍ଥରେ ଅନ୍ୟମାନେ ସରସ୍ୱତୀଙ୍କୁ ଆଶ୍ରୟ, ଖାଦ୍ୟ ଓ ନିରାପତ୍ତା ଯୋଗାଇ ଥାନ୍ତେ ? ଅରକ୍ଷିତାକୁ ଦଇବ ସାହା ହେଲାଭଳି ପରି ଶେଷରେ ନିରୁପାୟ ହୋଇ ସରସ୍ୱତୀ ଓଝା ବ୍ୟାସ ଫାଉଣ୍ଡେସନ ମାଧ୍ୟମରେ ଉପଜିଲ୍ଲାପାଳଙ୍କ ନିକଟରେ ବାକି ଜୀବନ ବଞ୍ଚିବା ପାଇଁ ଗୁହାରୀ କରିଥିଲେ। ଉପଜିଲ୍ଲାପାଳ ଗତ ଜାନୁଆରୀ ୭ ତାରିଖ ଦିନ ସରସ୍ୱତୀଙ୍କର ଦୟନୀୟ ଅବସ୍ଥା ସମ୍ପର୍କରେ ବିଚାର ବିମର୍ଶ କଲାବେଳେ ସାମାଜିକ ସୁରକ୍ଷା ଅଧିକାରିଣୀ ମମତା ନାୟକ, ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ସ୍ନେହମୟୀ ଆଚାର୍ଯ୍ୟ, ସବ୍ ଡିଭିଜନାଲ ସୋସିଆଲ ସିକ୍ୟୁରିଟି ଅଫିସର ଉଦର ସୁନ୍ଦର ସ୍ୱାଇଁ ଏବଂ ହରପ୍ରିୟା ଜେନାଙ୍କ ଦ୍ୱାରା ପୁଅ ସର୍ବେଶ୍ୱର କୁ ବୁଝାମଣା କରାଇବାରେ ସଫଳ ହୋଇ ପାରିଥିଲେ। ପୁଅ ସର୍ବେଶ୍ୱର ମଧ୍ୟ ନିଜର ଭୁଲ ବୁଝି ପାରି ଲିଖିତ ରାଜିନାମା ଦାଖଲ କରି ଜନ୍ମ କଲା ମାଆକୁ କୋଳେଇ ନେଇଥିଲେ। ସେହି ଦିନ ଠାରୁ ଜଣେ ସୁପୁତ୍ରର ଦାୟିତ୍ୱ ନିର୍ବାହ କରି ମାଆଙ୍କର ସେବା ଯତ୍ନ କରିବା ପାଇଁ ସର୍ବେଶ୍ୱର ସହମତି ପ୍ରକାଶ କରିଥିଲେ। ବାସ୍ତବିକ୍ ସହୃଦୟ ଉପଜିଲ୍ଲାପାଳ ଓ ବ୍ୟାସ ଫାଉଣ୍ଡେସନର ଅଧ୍ୟକ୍ଷାଙ୍କ ଦ୍ୱାରା ଏମିତି ଅନେକ ବାପା ମାଆ। ମାନେ ନିଜ ପରିବାରରେ ହସ ଖୁସିରେ ସାମିଲ ହୋଇ ପାରୁଥିବାରୁ ଏପରି ମହନୀୟ କାର୍ଯ୍ୟକୁ ସର୍ବ ସାଧାରଣରେ ପ୍ରଶଂସା କରାଯାଇଛି।



# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବିୟୋଗରେ ଶୋକ

**ଜଟଣୀ, ୯।୧ (ନି.ପ୍ର):** ସୁନାମଧନ୍ୟ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ବିୟୋଗରେ ଜଟଣୀ ବାସି ମର୍ମାହତ ହୋଇଛନ୍ତି। ସେହି ମହାନ ବ୍ୟକ୍ତି, ଦିବଂଗତ କୁମାର ମୋହନ ମହାନ୍ତିଙ୍କ ଏକାଦଶ ଦିବସରେ ସ୍ମୃତି ଉଚ୍ଚାରଣ କଲେ, ବନ୍ଧୁ ପରିବାରବର୍ଗ। ଗତ ଗୁରୁବାର ୮, ଜାନୁଆରୀ ସନ୍ଧ୍ୟାରେ ଶୋକସନ୍ତପ୍ତ ପରିବାର ପାଇଁ ଏକ ସଭାର ଆୟୋଜନ ହୋଇଥିଲା। ସେହି ମହାନ ଆତ୍ମା ଅନେକ ସଂଗଠନ ସହିତ ସାମିଲ ଥିଲେ। ସ୍ମୃତି ସଭାର ଆୟୋଜନ କରିଥିଲେ, ପୁସ୍ତକ ମେଳାର ସମ୍ପାଦକ ଅକ୍ଷୟ କୁମାର ମହାନ୍ତି ଓ ଶଶି ରଥଙ୍କ ଆବାହକତ୍ୱରେ ଏବଂ ଶିକ୍ଷାବିତ୍ ଜବାହର ଲାଲ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଦିବଂଗତ କୁମାର ମୋହନ ମହାନ୍ତିଙ୍କ ଏକାଦଶାହ ଦିବସରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ଦିବଂଗତ ଆତ୍ମାର ସଦଗତି ନିମନ୍ତେ ସ୍ମୃତି ଚାରଣ କରିଥିଲେ। କୁମର ସାର୍ ଜଣେ ଅମାୟିକ ବ୍ୟକ୍ତିତ୍ୱ, ସୁସାହିତ୍ୟିକ, ଆଦର୍ଶ ଶିକ୍ଷକ, ଛାତ୍ର ବତ୍ସଳ, ସଂଗଠକ, ନୀତିବାଦି, ଥିଲେ ବୋଲି ଆଲୋଚନା କରିଥିଲେ। ସତ୍ୟସାଇ ସେବା ସଂଗଠନରେ ଯୋଗ ଦେଇ ମାନବ ସେବା ହିଁ ମାଧବ ସେବା ମନ୍ତ୍ରକୁ ଆଧାର କରି ସମାଜ ସେବା ଓ ଦରିଦ୍ର ନାରାୟଣ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ। ବିଭିନ୍ନ ଆଧ୍ୟାତ୍ମିକ, ସାଂସ୍କୃତିକ ସେବା ନୁଷ୍ଠାନ ସହିତ ସକ୍ରିୟ ଜଡ଼ିତ ଥିଲେ। ଜଟଣୀ ପୁସ୍ତକ ମେଳାର କାର୍ଯ୍ୟକାରୀ ସଭାପତି ଭାବରେ କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟ ପାତ୍ର ହୋଇଥିଲେ।



# ଏକାମ୍ର ନାଟ୍ୟ ସଙ୍ଗଠନ ଓ ଏକାମ୍ର ନୃତ୍ୟଶାଳା ପକ୍ଷରୁ ବାର୍ଷିକ ଉତ୍ସବ ପାଳିତ

**ଭୁବନେଶ୍ୱର, ୯।୧ (ନି.ପ୍ର) :** ଭୁବନେଶ୍ୱରର ଏକାମ୍ର ନାଟ୍ୟ ସଂଗଠନ ପକ୍ଷରୁ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗ ସହଯୋଗରେ ଭୁବନେଶ୍ୱରର ଭକଳା ମଣ୍ଡଳରେ ଏହାର ସପ୍ତମ ବାର୍ଷିକ ସମାରୋହ ସହିତ ଏକାମ୍ର ନୃତ୍ୟଶାଳାର ଷଷ୍ଠ ବାର୍ଷିକ ସମାରୋହ ସଫଳତାର ସହିତ ଆୟୋଜିତ ହୋଇଯାଇଛି। କଳା ଏବଂ ସଂସ୍କୃତିର ପ୍ରଚାର ପାଇଁ ଉଲ୍ଲେଖନୀୟ ଅବଦାନ ପାଇଁ ପଶ୍ଚିମ ଓଡ଼ିଶାର ଶ୍ରେଷ୍ଠ ନାଟ୍ୟ ନିର୍ଦ୍ଦେଶକ ବିଶେଶ୍ୱର ଖୁଲାରୀଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ଶତାବ୍ଦୀର କଳାକାର ଧୀର ମଲ୍ଲିକ, ପ୍ରସିଦ୍ଧ ନୃତ୍ୟଶିଳ୍ପ ନିର୍ଦ୍ଦେଶକ ସାସ୍ୱତ ଯୋଶୀ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଆ ନାଟ୍ୟ ଏବଂ ନୃତ୍ୟର ସମୃଦ୍ଧ ପରମ୍ପରାକୁ ପାଳନ କରାଯାଇଥିଲା, ଯାହା ସହରର କଳାକାର, ଛାତ୍ର, ନାଟ୍ୟ ପ୍ରେମୀ ଏବଂ ସାଂସ୍କୃତିକ ଉତ୍ସାହୀମାନଙ୍କୁ ଏକତ୍ର କରିଥିଲା। ଏହି କାର୍ଯ୍ୟକ୍ରମ ସମସାମୟିକ ବିଷୟବସ୍ତୁ ସହିତ ଜଡିତ ହେବା ସହିତ ଓଡ଼ିଶାର କଳାତ୍ମକ ଐତିହ୍ୟରେ ମୂଳ ସୃଜନଶୀଳ ଅଭିବ୍ୟକ୍ତି ପ୍ରଦର୍ଶନ ପାଇଁ ଏକ ପ୍ରାଣବନ୍ତ ମଂଚ ଭାବରେ ଠିଆ ହୋଇଥିଲା।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ପ୍ରଶଂସିତ ନାଟକ 'ମୁ ନାଥୁରାମ କହୁଚି'ର ମଂଚସ୍ଥ ହେବା, ଯାହା ଏହାର ଶକ୍ତିଶାଳୀ ବର୍ଣ୍ଣନା, ଆକର୍ଷଣୀୟ ପ୍ରଦର୍ଶନ ଏବଂ ଚିନ୍ତାପ୍ରବଣ ବିଷୟବସ୍ତୁ ପାଇଁ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ସାମାଜିକ ଏବଂ ଐତିହାସିକ ପ୍ରତିଫଳନର ଏକ ମାଧ୍ୟମ ଭାବରେ ରଙ୍ଗମଂଚର ନିରନ୍ତର ଭୂମିକାକୁ ପ୍ରତିଫଳିତ କରି, ନାଟକଟି ଏହାର ଦୃଢ଼ ନାଟ୍ୟକଳା ଏବଂ ପ୍ରାସଙ୍ଗିକତା ପାଇଁ ପ୍ରଶଂସିତ ହୋଇଛି। ଶ୍ରୀ ନିମାଇଁ ଚରଣ ଲେଙ୍କା ଏହି ନାଟକର ରଚନା କରିଥିବାବେଳେ ଜିତେନ୍ଦ୍ର ପଟ୍ଟନାୟକ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏକାମ୍ର ନୃତ୍ୟଶାଳାର ଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ଓଡ଼ିଶୀ ଏବଂ ଆଧୁନିକ ନୃତ୍ୟ ପ୍ରଦର୍ଶନର ଏକ ଧାରାବାହିକ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ନୃତ୍ୟଶିଳ୍ପୀମାନେ ସେମାନଙ୍କର ସୌନ୍ଦର୍ଯ୍ୟ, ତାଳ ଏବଂ ଅଭିବ୍ୟକ୍ତିକ କାହାଣୀ କହି ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ, ଶାସ୍ତ୍ରୀୟ ସୌନ୍ଦର୍ଯ୍ୟକୁ ସମସାମୟିକ ନୃତ୍ୟଶିଳ୍ପ ସହିତ ସୁଗମ ଭାବରେ ମିଶ୍ରଣ କରିଥିଲେ। ଏହି ଅବସରରେ, ଭୁବନେଶ୍ୱରର ଏକାମ୍ର ନାଟ୍ୟ ସଂଗଠନର ସଚିବ ଶ୍ରୀ ନିମାଇଁ ଚରଣ ଲେଙ୍କା କହିଛନ୍ତି, 'ଏକାମ୍ର ନାଟ୍ୟ ସଂଗଠନ ଏବଂ ଏକାମ୍ର ନୃତ୍ୟଶାଳା ନାଟ୍ୟ ଏବଂ ନୃତ୍ୟକୁ ଜୀବନ୍ତ କଳା ଭାବରେ ପରିପୋଷଣ କରିବା ପାଇଁ ପ୍ରତିବଦ୍ଧ। ଏହିପରି ବାର୍ଷିକ ମଂଚ ମାଧ୍ୟମରେ, ଆମେ ଯୁବ କଳାକାର ମାନଙ୍କୁ ଉତ୍ସାହିତ କରିବା, ଓଡ଼ିଆ ସାଂସ୍କୃତିକ ପରମ୍ପରାକୁ ସଂରକ୍ଷଣ କରିବା ଏବଂ ଶାସ୍ତ୍ରୀୟ ଏବଂ ସମସାମୟିକ ସୃଜନଶୀଳ ଅଭିବ୍ୟକ୍ତି ମଧ୍ୟରେ ଅର୍ଥପୂର୍ଣ୍ଣ ଆଲୋଚନା ସୃଷ୍ଟି କରିବା ଲକ୍ଷ୍ୟ ରଖିଛୁ। 'ଏହି କାର୍ଯ୍ୟକ୍ରମ ଓଡ଼ିଶାର କଳାତ୍ମକ ପରିବେଶକୁ ବଜାୟ ରଖିବା ଏବଂ ଯୁବ ପିଢ଼ିଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ପ୍ରଦର୍ଶନ କଳାକୁ ପ୍ରୋତ୍ସାହିତ କରିବାରେ ସାଂସ୍କୃତିକ ଅନୁଷ୍ଠାନ ଗୁଡ଼ିକର ଭୂମିକାକୁ ପୁନଃସ୍ଥାପିତ କରିଥିଲା।



# ଅବସରପ୍ରାପ୍ତ ଭାରତୀୟ ବାୟୁସେନା ସଂଘ ପକ୍ଷରୁ କମ୍ବଳ ବଣ୍ଟନ

**ଯାଜପୁର, ୯।୧(ନିପ୍ର)** ଯାଜପୁର ଜିଲ୍ଲା ର ଅବସରପ୍ରାପ୍ତ ଭାରତୀୟ ବାୟୁସେନା ସଂଘ ଆନୁକୂଲ୍ୟରେ ଆଜି ଯାଜପୁର ସହର ବାଣପୁର ଗ୍ରାମର ଓସ୍ତ ପଡିଆ ସ୍ଥିତ ଅଙ୍ଗନବାଡି ନିକଟରେ ବସବାସ କରୁଥିବା ଅସହାୟ ଭାଇ ଓ ଭଉଣୀ ମାନଙ୍କୁ କମ୍ବଳ ଓ ବସ୍ତ୍ର ବଣ୍ଟନ କରାଯାଇଛି। ବାୟୁସେନା ରୁ ଅବସର ପ୍ରାପ୍ତ ସୈନିକ ମାନଙ୍କ ଦ୍ୱାରା ନିଜସ୍ୱ ଅର୍ଥ ବିନିଯୋଗ କରି ସମାଜର ଅବହେଳିତ ଓ ଅସହାୟ ପରିବାର ନିମନ୍ତେ ନିଜର ସାମାଜିକ ଦାୟିତ୍ୱ ସମ୍ପାଦନ ଉଦ୍ଦେଶ୍ୟ ରେ ଏହି ମହତ କାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିବା ସଦସ୍ୟମାନେ ସମ୍ମାନୀୟ ଗୋଦାବରୀଶ ମିଶ୍ର,ଅକ୍ଷୟ କୁମାର ରାଉତ, ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

# ୨୦୩୬ ସୁଦ୍ଧା ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲକ୍ଷ୍ୟ : ଧର୍ମେନ୍ଦ୍ର

ନୂଆଦିଲ୍ଲୀ/ ଭୁବନେଶ୍ୱର,୯।୧(ନି.ପ୍ର.): ଓଡ଼ିଶାରେ ଶିକ୍ଷା କ୍ଷେତ୍ରର ବିକାଶ ଏବଂ ଜାତୀୟ ଶିକ୍ଷା ନୀତିର ସଫଳ ରୂପାୟନ ନେଇ ଗୁରୁବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଓଡ଼ିଶାର ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କେନ୍ଦ୍ର ଓ ରାଜ୍ୟ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଓଡ଼ିଶାର ଶିକ୍ଷାଗତ ପ୍ରାଥମିକତା ଉପରେ ବିସ୍ତୃତ ଆଲୋଚନା କରିଥିଲେ ।ବୈଠକରେ ରାଜ୍ୟରେ ଜାତୀୟ ଶିକ୍ଷା ନୀତିର କାର୍ଯ୍ୟକାରିତା ଏବଂ



ନ୍ୟାସନାଲ କରିକୁଲମ ଫ୍ରେମୱାର୍କ ଫର୍ ସ୍କୁଲ ଏଜୁକେସନ(ଏନସିଏଫ-ଏସଇ) ଆଧାରରେ ନୂତନ ପାଠ୍ୟପୁସ୍ତକ ପ୍ରସ୍ତୁତି ଉପରେ ଗୁରୁତ୍ୱାରୋପ କରାଯାଇଛି । ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଶିକ୍ଷା ଯୋଜନାଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ସେହିପରି ସ୍କୁଲରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ଏବଂ ସମସ୍ତଙ୍କ ପାଇଁ ଗୁଣାତ୍ମକ ତଥା ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ରଣନୀତି ପ୍ରସ୍ତୁତ କରାଯାଇଛ।। ୨୦୩୬ ସୁଦ୍ଧା ଏକ ଭବିଷ୍ୟତ-ପ୍ରସ୍ତୁତ ଏବଂ 'ସମୃଦ୍ଧ ଓଡ଼ିଶା' ଗଠନ ପାଇଁ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖାଯାଇଛି । କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହଯୋଗରେ ଡବଲ ଇଞ୍ଜିନ ସରକାର ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ । ଓଡ଼ିଶାର ଶିକ୍ଷାଗତ ଆବଶ୍ୟକତା ପୂରଣ କରିବା ପାଇଁ କେନ୍ଦ୍ର ସରକାର ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି ସେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଆଶ୍ୱାସନା ଦେଇଛନ୍ତି । ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ଅଧିକ ଦକ୍ଷ ଓ ପ୍ରତିଯୋଗୀତାମୂଳକ କରିବା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଏହି ଅବସରରେ ମତ ପ୍ରକାଶ ପାଇଛି ।

## ଫେବୃଆରୀ ୧ରୁ ଜିଲ୍ଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ

ମାଲକାନଗିରି, ୯।୧(ନି.ପ୍ର.): ସର୍ବ ସମ୍ମତି ଓ ନିଷ୍ପତ୍ତି କ୍ରମେ ପାଳନ ହେବାକୁ ଯାଉଛି ବହୁ ପ୍ରତିକ୍ଷୀତ ଲୋକ ମହୋତ୍ସବ ମାଲ୍ୟବନ୍ତ-୨୦୨୫ । ଆଜି ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ସୋମେଶ କୁମାର ଉପାଧ୍ୟାୟ ଙ୍କ ଅଧ୍ୟକ୍ଷତାରେ ମାଲ୍ୟବନ୍ତ ମହୋତ୍ସବ-୨୦୨୫ ଆୟୋଜନ ନିମନ୍ତେ ତାରିଖ ଧାର୍ଯ୍ୟ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଫେବୃଆରି ୧ ରୁ ୫ ମଧ୍ୟରେ ମାଲ୍ୟବନ୍ତ ମହୋତ୍ସବ ପାଳନ କରାଯିବା ନିମନ୍ତେ ବୈଠକରେ ସର୍ବ ସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି। ଜିଲ୍ଲାର ଏହି ଉତ୍ସବକୁ ପାଳନ ନେଇ ସମସ୍ତେ ଏକ ସ୍ୱରରେ ସହମତି ପ୍ରକାଶ କରିଥିବାରୁ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ। ମହୋତ୍ସବରେ ଅଧିକ ସିସିଟିଭି ଖଞ୍ଜା ଯାଇ ସମସ୍ତ ପ୍ରକାର ଗତିବିଧି ଉପରେ କଡ଼ା ନଜର ରଖାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷାକୁ ସୁନିଶ୍ଚିତ କରାଯିବ। ତା ସହିତ ଯଦି କୌଣସି ବ୍ୟକ୍ତି ଗୁଜବ କିମ୍ବା ଅପପ୍ରଚାର କରି ବିଶୃଙ୍ଖଳା ସୃଷ୍ଟି କରିବାକୁ ପ୍ରୟାସ କରିବେ, ସେମାନଙ୍କୁ ଜାତୀୟ ସୁରକ୍ଷା ଆଇନ ଆଧାରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏଥି ପ୍ରତି ସଜାଗ ରହିବାକୁ ସମସ୍ତଙ୍କୁ ସତର୍କ କରାଯାଇଛି। ସେହିପରି ଶାନ୍ତି ଶୃଙ୍ଖଳା ର ସହ ମହୋତ୍ସବ ପାଳନ ନେଇ ସମ୍ପୂର୍ଣ୍ଣ ରୂପେ ୧ ରୁ ୫ ଫେବୃଆରି ପର୍ଯ୍ୟନ୍ତ ମଦ ବିକ୍ରୀକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷେଧ କରାଯାଇଛି। ପୁଣି ଥରେ ସମସ୍ତ କମିଟି ଗୁଡିକ ଚଳ ଚଞ୍ଚଳ ହୋଇ କାର୍ଯ୍ୟ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକକୁ ଜିଲ୍ଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ ନାରାୟଣ ପଣ୍ଡା ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ, ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଓ ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ଗୋବିନ୍ଦ ପାତ୍ର ମଞ୍ଚ ରେ ଅବସ୍ଥିତ ଥିଲେ। ବୈଠକରେ ଜିଲ୍ଲା ଆଦିବାସୀ ମହାସଂଘ, ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ, ବୁଦ୍ଧିଜୀବୀ, ଅଧିକାରୀ, ଜିଲ୍ଲା କଳାକାର ସଂଘର ସଦସ୍ୟ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ଅନୁଗୋଳ୯।୧(ନି.ପ୍ର.) : ଜିଲ୍ଲା ପ୍ରଶାସନ, ଅନୁଗୋଳ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥାନିଯୋଜନ କାର୍ଯ୍ୟାଳୟ ଦ୍ୱାରା ତାଳଚେର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଆଜି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଯୁବକଯୁବତୀ ମାନଙ୍କୁ ଦକ୍ଷିତା ବିକାଶ ଏବଂ ଉଦୀୟମାନ କ୍ୟାରିୟର ସମ୍ଭାବନାକୁ ହାସଲ କରିବାକୁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବବିତା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ।ଉଦୟ କୁମାର ମହାପାତ୍ର, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା,ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ 1 ଦେବାଶିଷ ସାହୁ, ତାଳଚେର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସ ,ତାଳଚେର ସରକାରୀ ଆଇଟିଆଇର ଅଧ୍ୟକ୍ଷ ଶ୍ରୀ ଜଗଜୀବନ ମହାରଣା, ତାଳଚେର ସହକାରୀ ଶ୍ରମ ଅଧିକାରୀ ସମୀରମହାପାତ୍ର ଏବଂ ଅନୁଗୋଳ ସରକାରୀ ବୈଷୟିକ ଅନୁଷ୍ଠାନର ଅଧ୍ୟାପିକା ଶ୍ରୀମତୀ ଶୁଭାଙ୍ଗୀ ମିଶ୍ରପ୍ରମୁଖ ଉପସ୍ଥିତ ଥିଲେ। ଏହି ନିଯୁକ୍ତି ମେଳାରେ ବିଭିନ୍ନ କ୍ଷେତ୍ରର ୩୪ ଜଣ ନିଯୁକ୍ତିଦାତା ଏବଂ ୧୭ଟି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଏଜେନ୍ସି (ପିଆଇଏ) ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ୧,୨୮୯ ଜଣ ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ । ଟାଟା ଷ୍ଟିଲ ମେରାମୁଣ୍ଡଳି ତଥା ଟାଟା ଇଲେକ୍ଟ୍ରୋନିକ, ତାମିଲନାଡୁ ଠାରେ କାର୍ଯ୍ୟ କରିବା ନିମନ୍ତେ ମନୋନୀତ ହୋଇଥ?ିବା ଯୁବକ ଯୁବତୀ ମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରଯାଇଥିଲା।

# ଜିନ୍ଦଲ ଷ୍ଟିଲ୍ ଅନୁଗୁଳରେ ଲର୍ଣ୍ଣିଂ ମଡେଲ୍ ଲ୍ୟାବ୍ ଉଦ୍‌ଘାଟିତ

ଅନୁଗୁଳ,୯।୧(ନି.ପ୍ର.): କୌଶଳ ବିକାଶକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତ ପାଇଁ ମାନବଶକ୍ତିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ମାନ୍ୟବର ସାଂସଦ (କୁରୁକ୍ଷେତ୍ର) ତଥା ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ଶ୍ରୀଯୁକ୍ତ ନବୀନ ଜିନ୍ଦଲ ଆଜି ଅନୁଗୁଳର ନବୀନ ଜିନ୍ଦଲ ସ୍କିଲ୍ ସେଣ୍ଟରରେ ଅତ୍ୟାଧୁନିକ ଲର୍ଣ୍ଣିଂ ମଡେଲ୍ ଲ୍ୟାବ୍‌ର ଉଦଘାଟନ କରିଛନ୍ତି।

ଏହି ପଦକ୍ଷେପ, କର୍ମଚାରୀ ଏବଂ ବ୍ୟବସାୟିକ ଅଂଶୀଦାରମାନଙ୍କ ମଧ୍ୟରେ ଉତ୍କର୍ଷତା, ସୁରକ୍ଷା ମାନଦଣ୍ଡ ଏବଂ ପ୍ରାୟୋଗିକ କ୍ଷମତା ବୃଦ୍ଧି କରିବା ଦିଗରେ ସହାୟକ ହୋଇପାରିବ, ଯାହା କଂପାନୀର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି । ସେହିପରି ତାଲିମକୁ କିଭଳି ବାସ୍ତବିକ୍ ବିଶ୍ୱ-ଶିଳ୍ପ ପ୍ରୟୋଗ ସହିତ ସମନ୍ୱିତ କରାଯାଇପାରିବ, ତାହା ଏହି ପ୍ରୟାସର ଉଦ୍ଦେଶ୍ୟ । ଉଦଘାଟନୀ କାର୍ଯ୍ୟକ୍ରମରେ ଶ୍ରୀଯୁକ୍ତ ନବୀନ ଜିନ୍ଦଲ ସମସ୍ତ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ଉତ୍ସର୍ଗ ଏବଂ ଉତ୍ସାହ ସହିତ ତାଲିମ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ। ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରି, ସେ କହିଥିଲେ ଯେ କୁଶଳୀ କାର୍ଯ୍ୟ କେବଳ ଦକ୍ଷତା ବୃଦ୍ଧି କରେ ନାହିଁ ବରଂ କାର୍ଯ୍ୟକୁ ସରଳ, ନିରାପଦ ଏବଂ ଅଧିକ ପ୍ରଭାବଶାଳୀ କରିଥାଏ।

ସେ ନେତୃତ୍ୱ ଭୂମିକାରେ ଥିବା ଅଧିକାରୀମାନଙ୍କୁ ତାଲିମ କାର୍ଯ୍ୟକ୍ରମରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ପାଇଁ ସେମାନଙ୍କ ଟିମର ସଦସ୍ୟମାନଙ୍କୁ ପ୍ରେରଣା ଦେବାରେ ସକ୍ରିୟ ଦାୟିତ୍ୱ ଗ୍ରହଣ କରିବାକୁ ଆହ୍ୱାନ କରିଥିଲେ।ଏକ ସୋସିଆଲ ମିଡିଆ ପୋଷ୍ଟରେ ମଧ୍ୟ ସେ ଲେଖିଛନ୍ତି, 'ଯେତେବେଳେ ଆମେ ଲୋକଙ୍କ ଉପରେ ନିବେଶ କରୁ, ଆମେ ସ୍ଥାୟୀ ପ୍ରଗତିରେ ନିବେଶ କରୁ। ସଶକ୍ତ ଦକ୍ଷତା- ଆତ୍ମବିଶ୍ୱାସୀ ବୃତ୍ତିଧାରୀ, ଶକ୍ତିଶାଳୀ ଶିଳ୍ପ ଏବଂ ଏକ ଶକ୍ତିଶାଳୀ ରାଷ୍ଟ୍ର ସୃଷ୍ଟି କରେ।' କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌତମ ମାଲହୋତ୍ରା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇନ-ଚାର୍ଜ, ଅନୁଗୁଳ, ପଙ୍କଜ ମାଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, ସମସ୍ତ ବିଭାଗ ମୁଖ୍ୟ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ ।ପରେ ସନ୍ଧ୍ୟାରେ, ମାନ୍ୟବର ଅଧ୍ୟକ୍ଷ ଶ୍ରମିକ ବିହାର ପରିଦର୍ଶନ କରିଥିଲେ, ଯେଉଁଠାରେ ସେ 'ସଂକଳ୍ପ' ନାମକ ଏକ ଖୋଲା ଜିମ୍ ଏବଂ ବ୍ୟବସାୟିକ ଅଂଶୀଦାରଙ୍କ କଲ୍ୟାଣ ଏବଂ ମଙ୍ଗଳ ପାଇଁ ବିକଶିତ ମାର୍କେଟ କମ୍ପ୍ଲେକ୍ସ 'ସମୃଦ୍ଧି'ର ଉଦ୍ଘାଟନ କରିଥିଲେ। ଏହି ପଦକ୍ଷେପଗୁଡ଼ିକ କାର୍ଯ୍ୟକ୍ଷେତ୍ର ବାହାରେ ସମ୍ପ୍ରଦାୟ ବିକାଶ ଏବଂ କର୍ମଚାରୀ କଲ୍ୟାଣ ପ୍ରତି କମ୍ପାନୀର ପ୍ରତିବଦ୍ଧତାର ଗୋଟିଏ ଲେଖାଏଁ ଉଦାହରଣ । ଏହି କାର୍ଯ୍ୟକ୍ରମଗୁଡ଼ିକ ଦକ୍ଷତା ବିକାଶ, ନବସୃଜନ, କର୍ମଚାରୀ ଏବଂ ସମ୍ପ୍ରଦାୟ କଲ୍ୟାଣ ପ୍ରତି ଜିନ୍ଦଲ ଷ୍ଟିଲର ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରୁଛି । ସେହିପରି ଏକ ସୁରକ୍ଷିତ, ଦକ୍ଷ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ମାନବଶକ୍ତି ନିର୍ମାଣ କରିବା ପାଇଁ ହେଉଥିବା ଉଦ୍ୟମକୁ ପ୍ରତିଫଳିତ କରୁଛି ।



## ସୋଆ କପ୍ ଉଦ୍‌ଯାପିତ

ଭୁବନେଶ୍ୱର,୯।୧(ନି.ପ୍ର.): ଏକ ମାସ ଧରି ଶିକ୍ଷା ଓ ଅନୁସନ୍ଧାନ ଡିମ୍ଡ ଟୁ ବି ବିଶ୍ୱବିଦ୍ୟାଳୟରେ ସୋଆ କପ୍ ନିମନ୍ତେ ଚାଲିଥିବା ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଜ୍ଞାନ ରଞ୍ଜନ ବାରିକ ଓ ସୋଲାନ୍ସି ଉରମାନି ପୁରୁଷ ଓ ମହିଳା ବିଭାଗରେ ଯଥାକ୍ରମେ ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ପୁରସ୍କୃତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବଂଟନ କରିଥିଲେ। ବିଭିନ୍ନ ଟ୍ରାକ୍ ଓ ଫିଲ୍ଡ ପ୍ରତିଯୋଗିତାରେ ଭାଗ ନେଇ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ଛାତ୍ର ବାରିକ ହାଇ ଜମ୍ପ ଓ ଲଙ୍ଗ ଜମ୍ପରେ ପ୍ରଥମ ହେବା ସହ ୧୦୦ ମିଟର ସ୍ପ୍ରିଂଟରେ ୩ୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସମ ନର୍ସିଂ କଲେଜ ଛାତ୍ରୀ ଉରମାନି ୧୦୦ ମିଟର, ୨୦୦ ମିଟର ଓ ୪୦୦ ମିଟର ସ୍ପ୍ରିଂଟରେ ପ୍ରଥମ ହେବା ସହ କଲେଜର ରିଲେ ଟିମ୍‌ର ସଦସ୍ୟା ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗ ସାମଗ୍ରିକ ଭାବେ ଚମ୍ପିୟାନ ଘୋଷିତ ହୋଇଥିଲେ। ଏଥିରେ ବ୍ୟାଡମିଂଟନ, ବାସ୍କେଟବଲ୍, ଚେସ୍, କ୍ରିକେଟ, ଫୁଟବଲ, କବାଡ଼ି, ଖୋ ଖୋ, ସଫ୍ଟବଲ୍, ଟେବୁଲ ଟେନିସ, ଟେନିସ, ଥ୍ରୋବଲ ଓ ଭଲିବଲ ନିମନ୍ତେ ପ୍ରତିଯୋଗିତା ହୋଇଥିଲା।

ଉଦ୍‌ଯାପନୀ ଉତ୍ସବରେ ସୋଆ ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର ଓ ପୂର୍ବତନ ରଞ୍ଜି ଟ୍ରଫି ତଥା ଇଣ୍ଡିଆ-ଏ ଖେଳାଳୀ ସଞ୍ଜୟ ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଭିନେତା, ପ୍ରଯୋଜକ ଏବଂ କଲର୍ସ ଟିଭି ଚ୍ୟାନେଲ୍‌ର କ୍ରିଏଟିଭ ହେଡ ଶ୍ରୀ ପ୍ରୀତିରାଜ ଶତପଥୀ ଏବଂ ଶିଶୁ କଳାକାର ଅନମୋଲ ପତି ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। କୁଳପତି ପ୍ରଫେସର ନନ୍ଦ ସବୁ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଛାତ୍ର ଜୀବନରେ କ୍ରୀଡ଼ାର ମହତ୍ୱ ବିଷୟରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ସ୍ପୋର୍ଟ୍ସ ଅଫିସର ଶ୍ରୀମତି ସୁନିତା ବର୍ମା, ସୋଆ କପ୍ କନ୍‌ଭେନର ଡକ୍ଟର ସୁଜ୍ୟୋତ୍ସ୍ନା ଜେନା ଓ ଆସିଷ୍ଟାଂଟ ମ୍ୟାନେଜର (ସ୍ପୋର୍ଟ୍ସ) ଶ୍ରୀ ପ୍ରିୟମ ମଲ୍ଲିକ ବକ୍ତବ୍ୟ ରଖିଥିଲେ।

## ଏକତା ସମାବେଶ ଓ କ୍ରୀଡ଼ା ପ୍ରତିଯୋଗିତା

ଅନୁଗୋଳ,୯।୧(ନି.ପ୍ର.): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ଇନଡୋର ଷ୍ଟାଡିୟମଠାରେ ୨ଦିନିଆ ଏକତା ସମାବେଶ ଓ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ।ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରଫେସର ସୁଶାନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାକେଶ ରଞ୍ଜନ ବେହେରା ଯୋଗ ଦେଇ କ୍ରୀଡାବିତ୍ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ କବାଡି ପ୍ରତିଯୋଗିତା ଆୟୋଜନ କରାଯାଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମେରା ଯୁବା ଭାରତର ସହ ସଂଯୋଜକ ତପନ କୁମାର ସାମଲ, ଉତ୍କର୍ଷ ପରିବାରର ଭୀଷ୍ମ ସାହୁ, ଅନୁଗୋଳ ଲାଇଟ୍ ହାଉସ୍ ର ସହକର୍ମୀ ହୋମଦ୍ୟୁତି ବେହେରାଙ୍କ ସମେତ କ୍ରୀଡାବିତ୍ ମାନେ ଉପସ୍ଥିତ ଥିଲେ । ଶେଷରେ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସେଠ ଧନ୍ୟବାଦ ଅର୍ପଣ କରିଥିଲେ।



# ରୁଙ୍ଗ୍‌ଟା କମ୍ପାନୀର ଜନଶୁଣାଣି ସଫଳ

କେନ୍ଦୁଝର ସଦର,୯।୧(ନି.ପ୍ର.): ରୁଙ୍ଗଟା କମ୍ପାନୀ ର ଜନଶୁଣାଣି ଶତ ପ୍ରତିଶତ ସଫଳ ।ସୁନ୍ଦରଗଡ଼ ଜିଲ୍ଲାର କୋଇଡା ଖଣି ମଣ୍ଡଳ ଅନ୍ତର୍ଗତ କୋଇଡା ପଞ୍ଚାୟତ ର ତେହରେଇ ଗ୍ରାମ ରେ ରୁଙ୍ଗଟା ସଂସ୍ ପ୍ରାଇଭେଟ୍ ଲିମିଟେଡ ଦ୍ୱାରା ୧୨ ମିଲିୟନ ଟନ କ୍ଷମତା ବିଶିଷ୍ଟ ଲୌହ ଖଣିଜ ପଥର ବିଶୋଧନ କାରଖାନା ପ୍ରତିଷ୍ଠା ନିମନ୍ତେ ସର୍ବସାଧାରଣ ଜନ ଶୁଣାଣି ଶତ ପ୍ରତିଶତ ସମର୍ଥନ ସହିତ ସମ୍ପନ୍ନ ହୋଇଛି। ଆୟୋଜିତ ଜନ ଶୁଣାଣି ସଭାରେ ଏ ଡି ଏମ ଶ୍ରୀ ଅଭିମନ୍ୟୁ ମାଝି ସୁନ୍ଦରଗଡ଼ ଜିଲ୍ଲା ଆଡିଶିନାଲ ଚିଫ ଅନଭାଇରନ୍‌ମେଣ୍ଟ ଅଫିସର ଡି ଆର୍ ଅନୁପ କୁମାର ମଲ୍ଲିକ ରିଜିଓ ନାଲ ଅଫିସ ଏସ ପି ସି ବି ରାଉରକେଲା ସଭାପତିତ୍ୱ କରିଥିବାବେଳେ ସବ୍ କଲେକ୍ଟର ଆଖୟ ପିଲ୍ଲେ, ବଳନି ଏ ଡି ଏମ ଚନ୍ଦ୍ରଶେଖର ଚୌହାନ,ରାଉରକେଲା ଏସ ପି ସି ବି ବିଜୟ କୁମାର ଭୋଇ ଉପସ୍ଥିତ ଥିଲେ। ତତ୍ ସହିତ ରୁମଟା କମ୍ପାନୀର ଶ୍ରୀ ପି କେ ପୃଷ୍ଟି, ରୁଙ୍ଗଟା ସନ୍ସ ପ୍ରାଇଭେଟ୍ ଲିମିଟେଡ ପ୍ରକଳ୍ପ ବାବଦରେ ଅବଗତ କରାଇ ଥିଲେ। ଜନ ଶୁଣାଣି ରେ ୭୭ ଜଣ ମୌଖିକ ଭାବେ କମ୍ପାନୀ ର ସମର୍ଥନ କରିଥିଲେ।

ରୁଙ୍ଗଟା ସନ୍ସ ପ୍ରାଇଭେଟ୍ ଲିମିଟେଡ ର ସି ଏସ ଆର୍ ମୁଖ୍ୟ ଶ୍ରୀ ଏ ଲ ଏ ନ ରାଉତ, ଏସ ଆର୍ ଜି ଏମ ସମସ୍ତ ଦାବି ର ସମାଧାନ କରିବାକୁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇ ଥିଲେ। ତେବେ କମ୍ପାନୀର ଡାଇରେକ୍ଟର ଶ୍ରୀ ହିରକ୍ ମଜୁମଦାର,ପ୍ରେସିଡେଣ୍ଟ ରମୁ ଅଗ୍ରୱାଲ, ଅଚ୍ ଆର୍ ଆଡ ମିନ ଶ୍ରୀ ଅଭିଜିତ ସେନ ଏସ ଆର୍ ଭି ପି ଜିଓଲୋଜି ଜମେସ ଝୋନ ସି ଜି ଏମ ଶ୍ରୀ ସ୍ମିର୍ତି କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ଅନ୍ୟ ବହୁ କର୍ମଚାରୀ ଉପସ୍ଥିତ ଥିଲେ।



# ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା ଶୀତକାଳୀନ କ୍ରୀଡା-୨୦୨୬ ଆରମ୍ଭ

ଭୁବନେଶ୍ୱର,୯।୧(ନି.ପ୍ର.):ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ରେଳକର୍ମଚାରୀ ଓ ସେମାନଙ୍କର ପରିବାର ସଦସ୍ୟମାନଙ୍କ ନିମନ୍ତେ ଆୟୋଜିତ ଶୀତକାଳୀନ କ୍ରୀଡା-୨୦୨୬ ର ଉଦ୍ଘାଟନ ଆଜି ଅପରାହ୍ନରେ ପୂର୍ବତଟ ରେଳପଥ କ୍ରୀଡା ସଂଗଠନ କ୍ରୀଡା ପରିସରର ଇଣ୍ଡୋର ବ୍ୟାଡମିଣ୍ଟନ ହଲ୍ ଠାରେ ଅତ୍ୟନ୍ତ ଉତ୍ସାହ ଓ ଆନନ୍ଦମୟ ପରିବେଶରେ ଆୟୋଜନ କରାଯାଇଅଛି ।

ଏହି ଅବସରରେ ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୀତକାଳୀନ କ୍ରୀଡା-୨୦୨୬କୁ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପ୍ରଦୀପ କୁମାର ବେହେରା, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ଶୁଭ୍ରଜ୍ୟୋତି ମଣ୍ଡଳ, ପୂର୍ବ ତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ)/ଖୋର୍ଦ୍ଧା ରୋଡର ସଭାପତି ଶ୍ରୀମତୀ ଦିବ୍ୟା ତ୍ରିପାଠିଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ ।

ଏହି ସମାବେଶକୁ ସମ୍ବୋଧିତ କରି ଶ୍ରୀ ତ୍ରିପାଠୀ ଶାରୀରିକ ଓ ମାନସିକ ସୁସ୍ଥତା ଏବଂ ରେଳ କର୍ମଚାରୀ ଏବଂ ସେମାନଙ୍କ ପରିବାର ମଧ୍ୟରେ ଏକତା ବଜାୟ ରଖିବାରେ କ୍ରୀଡା ଏବଂ ଖେଳର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଅଂଶଗ୍ରହଣକାରୀମାନଙ୍କୁ ଶୃଙ୍ଖଳା, ସମର୍ପଣ ଏବଂ ପ୍ରକୃତ କ୍ରୀଡାପ୍ରେମୀ ମନୋଭାବ ସହିତ ଖେଳିବାକୁ ଉତ୍ସାହିତ କରିଥିଲେ ।ଉଦଘାଟନ ସମାରୋହରେ ରେଳକର୍ମଚାରୀ, ସେମାନଙ୍କର ସନ୍ତାନମାନେ ଏବଂ କ୍ରୀଡାପ୍ରେମୀମାନଙ୍କର ଭାରି ଉତ୍ସାହ ଦେଖାଯାଇଥିଲା ଯାହା ଫଳରେ ସମଗ୍ର ପରିସର ଜୀବନ୍ତ ଓ ଉତ୍ସାହମୟ ପରିବେଶରେ ପରିଣତ ହୋଇଥିଲା ।ଏହି କାର୍ଯ୍ୟକ୍ରମର ସଫଳ ସମନ୍ୱୟ କ୍ରୀଡା ଅଧିକାରୀ ଏବଂ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ ଅନିଲ କୁମାର ଏସ ଙ୍କ ଦ୍ୱାରା ସଂଯୋଜନା କରାଯାଇଥିଲା । ଶୀତକାଳୀନ କ୍ରୀଡା-୨୦୨୬ ଅନ୍ତର୍ଗତ ବିଭିନ୍ନ ଇଣ୍ଡୋର କ୍ରୀଡା ପ୍ରତିଯୋଗିତା ଆୟୋଜିତ ହେବ ଯାହା ମାଧ୍ୟମରେ ପ୍ରତିଭାଗୀମାନେ ନିଜ ଖେଳ ପ୍ରତିଭା ପ୍ରଦର୍ଶନ କରିପାରିବେ । ଏହି ଅବସରରେ ଇକୋରୋର ସଦସ୍ୟମାନେ ଏବଂ ବରିଷ୍ଠ ଅଧିକାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ । ଶୀତକାଳୀନ କ୍ରୀଡା -୨୦୨୬ ରେଳ କର୍ମଚାରୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟକୁ ଆହୁରି ମଜବୁତ କରିବ ଏବଂ ରେଳ ଭାଇଚାରାର ମଧ୍ୟରେ ଏକ ସୁସ୍ଥ ଏବଂ ସକ୍ରିୟ ଜୀବନଶୈଳୀକୁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି। ।




## କାକଟପୁର ଦୁର୍ନୀତି ସଂଘର୍ଷ ମଞ୍ଚ ଶାଖାର ବାର୍ଷିକ ବୈଠକ

କାକଟପୁର,୯।୧(ନି.ପ୍ର): କାକଟପୁର ବ୍ଲକ ଦୁର୍ନୀତି ସଂଘର୍ଷ ମଞ୍ଚ ଶାଖା ର ଏକାଦଶ ତମ ବାର୍ଷିକ ବୈଠକ ସ୍ଥାନୀୟ ଦେଉଳି ମଠ ପରିସର ରେ କୈଳାଶ ଚନ୍ଦ୍ର ନାୟକ ଙ୍କ ପୌରହିତ ରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବ ରେ ରାଜ୍ୟ ଦୁର୍ନୀତି ସଂଘର୍ଷ ମଞ୍ଚର ଅଧ୍ୟକ୍ଷ ଇଂ ଜଗବନ୍ଧୁ ଷଡ଼ଙ୍ଗୀ,ସାଧାରଣ ସମ୍ପାଦକ ଅମୀର ପ୍ରସାଦ ସାହୁ,କାକଟପୁର ଶାଖା ସମ୍ପାଦକ ଲକ୍ଷ୍ମୀଧର ସେଠ,ସହ ସମ୍ପାଦକ କୃଷ୍ଣ ମୋହନ ମହାନ୍ତି, ଉପଦେଷ୍ଟା ତ୍ରିଲୋଚନ ମିଶ୍ର, ପ୍ରାକ୍ତନ ପ୍ରଶାସକ କୈଳାସ ଚନ୍ଦ୍ର ବରାଳ,କୈଳାଶ ଚନ୍ଦ୍ର ଦାଶ, ଉପ ସଭାପତି ସାଧୁ ଚରଣ ବିଶ୍ୱାଳ,କୋଷାଧ୍ୟକ୍ଷ ଯୁଧିଷ୍ଠିର ବେହେରା,ଯୁବ ମୋର୍ଚ୍ଚା ର ସଂଯୋଜକ ପ୍ରକାଶ ଚନ୍ଦ୍ର ଦାଶ,ସଭ୍ୟ ବୁଧେଶ୍ୱର ବେହେରା, ରାଜକିଶୋର ପ୍ରଧାନ, ଗଗନ ବିଶ୍ୱାଳ, ବାବାଜୀ ଚରଣ ନାୟକ, ପ୍ରକାଶ କୁମାର ଦାଶ,ମହିଳା ମୋର୍ଚ୍ଚା ର ସଂଯୋଜିକା ମଞ୍ଜୁଲା ଷଡ଼ଙ୍ଗୀ, ଓ ସାମ୍ବାଦିକ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ପକ୍ଷରୁ ସରକାର ଙ୍କ ନିକଟରେ ବିଭିନ୍ନ ଦାବି ଉପସ୍ଥାପନ ହୋଇଥିଲା ।ଭୁବନେଶ୍ୱର ରୁ ଅସ୍ତରଙ୍ଗ ଓ କଟକ ରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ମୋ ବସ ଚଲାଇବା, କାକଟପୁର ଅସ୍ତରଙ୍ଗ, କାକଟପୁର ରୁ କୋଣାର୍କ ରାସ୍ତା ପ୍ରସସ୍ତି କରଣ ପାଇଁ ଦୃଢ଼ ଦାବି, ବ୍ଲକ, ତହସିଲ ଅଫିସ ଓ ଥାନାରେ ଜନ ସାଧାରଣ ଓ ବରିଷ୍ଠ ନାଗରିକ ମାନଙ୍କ ପାଇଁ ସୁବନ୍ଦୋବସ୍ତ କରାଯିବା ପାଇଁ, ମଙ୍ଗଳା ମହାବିଦ୍ୟାଳୟ କୁ ସଂଯୋଗ କରୁଥିବା ବ୍ରିଜ କୁ ଉଚ୍ଚ ଓ ପ୍ରସସ୍ତ କରିବା ଏବଂ କଲେଜ ଛକ ରେ ଏକ ବ୍ରେକର(ହମ୍ପସ)ନିର୍ମାଣ ପାଇଁ ବୈଠକ ରେ ଦାବି ହୋଇଥିଲା ।

# ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ କମ୍ବଳ ବଣ୍ଟନ

କେନ୍ଦୁଝର ସଦର,୯।୧(ନି.ପ୍ର.): କେନ୍ଦୁଝର ମାଟିର ଲଢୁଆ ପୁଅ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କର ୫୪ ତମ ଜନ୍ମଦିନ ଅବସରରେ ସଦର ବ୍ଲକ୍ ଅଧୀନ ମୁକୁନା ରାମ ମନ୍ଦିରରେ ପୂଜାପାଠ କରାଯାଇଛି ।

ଉପସ୍ଥିତ ବୟସ୍କ ନାଗରିକ ମାନେ ମଧ୍ୟ ମନ୍ଦିରରେ ଦୀପ ପ୍ରଜ୍ୱଳନ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କର ଦୀର୍ଘାୟୁ, ନିରାମୟ ଜୀବନ କାମନା କରିଛନ୍ତି । ଓଡିଶା ତଥା କେନ୍ଦୁଝର ଜିଲ୍ଲାକୁ ପ୍ରଗତି ପଥରେ ଆଗେଇ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଆର୍ଶୀବାଦ ଦେଇଛନ୍ତି । ଏହି ଅବସରରେ ସେ ଅଞ୍ଚଳର ବରିଷ୍ଠ ନାଗରିକ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା । ଏହି କ୍ରମରେ ମନ୍ଦୀର ପରିସରରେ ଏକ ସଂକ୍ଷିପ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ପ୍ରବକ୍ତା ବିରଜା ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝିଙ୍କର ମଙ୍ଗଳ କାମନା କରି ପ୍ରଭୂ ଶ୍ରୀରାମଙ୍କ ନିକଟରେ ପ୍ରାର୍ଥନା କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଗଣେଶ୍ୱର ମହାନ୍ତ, ବିଜେପି ଜିଲ୍ଲା ଉପସଭାପତି ବିବେକାନନ୍ଦ ମହାନ୍ତ, ଜିଲ୍ଲା ଟ୍ରକ ମାଲିକ ସଂଘ ସମ୍ପାଦକ ପ୍ରଦୀପ ବାରିକ, ଭାଜପା ନେତା ଧନୁର୍ଜ୍ୟୟ ମହାନ୍ତ, କେନ୍ଦୁଝର ଉର୍ବୀ ଲେଡିଜ କ୍ଲବ୍‌ର ଚାରୁଲତା ପାଣିଗ୍ରାହୀ, ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଜେପି ଜନନେତା, ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଶିଷ୍ଟ ସମାଜସେବୀ ଶ୍ରୀମନ୍ତ କୁମାର ତ୍ରିପାଠୀ, କେନ୍ଦୁଝର ନିୟୁ କଲୋନୀର ପୂର୍ବତନ କାଉନସିଲର ଲୀଳାପଣ୍ଡା, ନାରାୟଣ ଦେହୁରୀ, ବିଜେପି ମଣ୍ଡଳ ସଭାପତି ସମୀର ସାହୁ, ସମବାୟ ସେଲ୍ଫ ହେଲପ ଗ୍ରୁପ କର୍ମୀ ଓ ସ୍ଥାନୀୟ ପଞ୍ଚାୟତର ଗ୍ରାମବାସୀ ବୃନ୍ଦଙ୍କ ସମେତ ବହୁ ମାନ୍ୟଗଣ୍ୟ ଲୋକ ଯୋଗଦେଇ ଓଡିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଆର୍ଶୀବାଦ ଦେଇ ଦୀର୍ଘାୟୁ କାମନା କରିଥିଲେ ।



Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ